

ପରଲୋକରେ ହ୍ୟୁମାନ ସାଗର

▶ପୃଷ୍ଠା ୩ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-142 ♦TUESDAY ♦18 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୨ ♦ମଙ୍ଗଳବାର ♦୧୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





# ୨୫ ବର୍ଷରେ ସବୁଠୁ ଥଣ୍ଡା ନଭେମ୍ବର

ଭୁବନେଶ୍ୱର,୧୭।୧୧(ସମିସ): ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ଓ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି। ଏହାଦ୍ୱାରା ସାରା ରାଜ୍ୟରେ ପାରଦ ତଳମୁହାଁ ହୋଇଥିବା ବେଳେ ଗତ ୨୫ ମଧ୍ୟରେ ନଭେମ୍ବର ମାସରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ତାପମାତ୍ରା ସବୁଠୁ ତଳେ ପହଞ୍ଚିଛି। ଗତ ୩ ଦିନ ହେବ ରାଜଧାନୀ ଭୁବନେଶ୍ୱରରେ ପାରଦ ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳେ ରହୁଥିବା ହେତୁ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଫଳସ୍ୱରୂପ ରାଜଧାନୀର ନଭେମ୍ବର ଥଣ୍ଡା, ୨୫ ବର୍ଷର ରେକର୍ଡ ଭାଙ୍ଗିଛି। ସେହିପରି କଟକରେ ମଧ୍ୟ ତାପମାତ୍ରା ୧୪ ବର୍ଷର ରେକର୍ଡ ଭାଙ୍ଗିଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ରେକର୍ଡ ହୋଇଥିବା ଥଣ୍ଡା ନଭେମ୍ବର ମାସର ଅଷ୍ଟମ ସର୍ବନିମ୍ନ ତାପମାତ୍ରାର ରେକର୍ଡ କହିଛି।

ଗତ୨୪ଘଣ୍ଟାରେଭୁବନେଶ୍ୱରରସର୍ବନିମ୍ନରାତିରତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ କଟକରେ ୧୩.୨ ଡିଗ୍ରୀ ତାପମାତ୍ରା ରହିଛି। ୨୦୦୦ ମସିହା ପରେ ନଭେମ୍ବର ମାସରେ ଭୁବନେଶ୍ୱରର ରାତିର ତାପମାତ୍ରା ପ୍ରଥମ ଥର ପାଇଁ ଏତେ ତଳକୁ ଖସିଛି। ଏହା ପୂର୍ବରୁ ୨୦୦୯ ନଭେମ୍ବର ୨୯ ରେ ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୦୧୮ ନଭେମ୍ବର ୨୫ ୧୩.୬, ୨୦୧୭ ନଭେମ୍ବର ୨୬ରେ ୧୩.୭, ୨୦୨୫ ୧୬ ନଭେମ୍ବରରେ ୧୩.୦ ଓ ଗତ ୨୪ ଘଣ୍ଟାରେ ୧୨.୯ ଡିଗ୍ରୀ ସହ ଏହି



ରେକର୍ଡ ଭଙ୍ଗ ହୋଇଛି। କଟକରେ ୨୦୧୨ ମସିହାରେ ଶେଷ ଥର ପାଇଁ ନଭେମ୍ବରରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଥିଲା।

ଭୁବନେଶ୍ୱର ବ୍ୟତୀତ ଗତ ୨୪ ଘଣ୍ଟାରେ ରାଜ୍ୟର ୬ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ ହୋଇଛି। ଝାରସୁଗୁଡାଠାରେ ଭୀଷଣ ଶୀତ ଲହରୀ ଅନୁଭୂତ ହୋଇଥିବା ବେଳେ କଟକ ଓ ଭୁବେନଶ୍ୱରରେ ଶୀତ ଲହରୀ ଅନିଭୂତ ହୋଇଛି। ଏହା ବ୍ୟତୀତ ୧୪ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରି ୫.୪ ଡିଗ୍ରୀ ପାରଦ ପହଞ୍ଚିଥିବା ବେଳେ ସେମିଳିଗୁଡାରେ ୬.୧, ଦାରିଙ୍ଗବାଡି ୭, ଫୁଲବାଣୀ ୮ ଏବଂ ଝାରସୁଗୁଡାରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଉରକେଲାରେ ୧୦, କେନ୍ଦୁଝରରେ ୧୧ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ ବିଭାଗ କହିବା ଅନୁସାରେ, ପଶ୍ଚିମ ଉତ୍ତର ପବନା ତୀବ୍ର ହେବା, ଆକାଶ ସଫା ରହିବା ଓ ଆର୍ଦ୍ରତା ହ୍ରାସ କାରଣରୁ ରାତିର ତାପମାତ୍ରା ଦ୍ରୁତ ଭାବେ ତଳକୁ ଖସୁଛି। ତେବେ ମଙ୍ଗଳବାର ରାତିଠାରୁ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ। ତାପମାତ୍ରା ବଢ଼ିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଜାରି ରହିବ।

ଅନ୍ୟପଟେ ଦକ୍ଷିଣ ଭାରତରେ ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସକାଳ ସାଢ଼େ ୮ ଟା ପର୍ଯ୍ୟନ୍ତ ରାଜ୍ୟର ର୍ଖୋର୍ଦ୍ଧା, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ର କିଛି କିଛି ଅଞ୍ଚଳରେ ଶୀତ ଲହରୀ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି।

## ପୁଲିସକୁ ଗାଡ଼ି ଚେକିଂ କ୍ଷମତା

# ବସ୍‌ମାଲିକ ସଂଘ-ସରକାର ବିବାଦ ତେଜିଲା

ଭୁବନେଶ୍ୱର,୧୭ ।୧୧(ସମିସ): ରାଜ୍ୟରେ ଗାଡ଼ି ଚେକିଂ କ୍ଷମତା ପୁଲିସକୁ ଦେବା ପାଇଁ ସରକାର ଏକ ପ୍ରକାର ସ୍ଥିର କରି ସାରିଛନ୍ତି। ଆସନ୍ତା ଡିସେମ୍ବର ୧ ତାରିଖରୁ ଏହି ନିୟମ ଲାଗୁ ହେବ। ତେବେ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସରକାରଙ୍କୁ ଏହି ନିୟମ ଲାଗୁ ନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ରାଜ୍ୟ ପରିବହନ ବିଭାଗ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ସ୍ଥିତିରେ ନିଷ୍ପତ୍ତିକୁ ବିରୋଧ କରି ସୋମବାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ

- ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ନିଷ୍ପତ୍ତିର ପୁନଃର୍ବିଚାର ଦାବି
- ନିୟମ ଲାଗୁ ହେଲେ ସାରା ରାଜ୍ୟରେ ଚକଅଖ ବନ୍ଦ
- ୨୫ରେ ସାଧାରଣ ପରିଷଦ ବୈଠକ ଡାକିଲା ସଂଘ

ନିବେଦନ କରିଛନ୍ତି। ଏହାସହିତ ସଂଘ ପକ୍ଷରୁ ଆସନ୍ତା ୨୫ ତାରିଖରେ ସାଧାରଣ ପରିଷଦ ବୈଠକ ଡକାଇଯାଇଥିବା ବେଳେ ଯଦି ସରକାର ଏହି ନିୟମ ଲାଗୁ କରନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ସଂଘ ପରୋକ୍ଷରେ ଚେତାବନୀ ଦେଇଛି।

ଗାଡ଼ି ମାଲିକ ସଂଘ ପକ୍ଷରୁ କୁହାଯାଇଛି ଯେ ଏମ୍‌ଭି ଆକ୍ଟ ୧୯୮୮ ଅଧିନିୟମ ଅନୁଯାୟୀ ରାଜ୍ୟରେ ହେଲମେଟ, ସିଟ୍ ବେଲ୍ଟ, ଟ୍ରିପଲ୍ ରାଇଡର୍, ଭୁଲ ପାଶ୍ୱର୍ରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା ଇତ୍ୟାଦି ମୋଟର ଯାନ ଯାଞ୍ଚ ପାଇଁ ପୁଲିସକୁ ପୂର୍ବରୁ କ୍ଷମତା ଦିଆଯାଇଛି। ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ମାତ୍ର ଆଗକୁ ରାଜ୍ୟରେ ମୋଟର ଯାନ ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅଧିକ କ୍ଷମତା ପ୍ରଦାନ କରିବାକୁ ସରକାର ଯୋଜନା କରୁଛନ୍ତି। ସାଧାରଣତଃ, ବିଗତ ଦିନରେ ପୁଲିସ ବିଭାଗକୁ ମଧ୍ୟ ଏହି କ୍ଷମତା ଦିଆଯାଇଥିଲା। କିନ୍ତୁ ଦୁର୍ନୀତି ବୃଦ୍ଧି ଏବଂ କ୍ଷମତାର ଅପବ୍ୟବହାର ହେତୁ ଏହି ଉଦ୍ଦେଶ୍ୟ ବିଫଳ ହୋଇଥିଲା। ଏହାସହିତ ପୁଲିସର ମାନବ ସମ୍ବଳ ଅଭାବ ହେତୁ ଏବେ ସେମାନେ ଅପରାଧ ହ୍ରାସ କରିବାରେ ସକ୍ଷମ ହେଉ ନାହାନ୍ତି। ଫଳସ୍ୱରୂପ ପୂର୍ବ ସରକାର ପୁଲିସ ବିଭାଗକୁ ଦିଆଯାଇଥିବା ଏହି କ୍ଷମତାକୁ ପ୍ରତ୍ୟାହାର କରି ନେଇଥିଲେ। ସେହିପରି ବାରମ୍ବାର ଗାଡି ମାଲିକମାନଙ୍କୁ ଅନାବଶ୍ୟକ ଇ-ଚାଲାଣ କରି ପୁଲିସ ବିଭାଗ ଦ୍ୱାରା ହଇରାଣ ହେବାକୁ ପଡୁଛି।

ନିକଟରେ ଭୁବନେଶ୍ୱରରେ ଘରୋଇ ବସ୍ ମାଲିକଙ୍କ ବସ୍ ବିରୋଧରେ ପୁଲିସ ବିଭାଗ ଦ୍ୱାରା ମନମୁଖୀ ଭାବରେ ୫୦୦ ରୁ ଅଧିକ ଇ-ଚାଲାଣ କରାଯାଇଛି। ଏହାସହ ଗୋଟିଏ ଗାଡ଼ିକୁ ମାର୍ଶାଘାଇ ପୁଲିସ ଦ୍ୱାରା ୩୨୫୦୦ ଟଙ୍କାର ଇ-ଚାଲାଣ କରାଯାଇଛି। ଏହି ଇ-ଚାଲାଣ ବିରୋଧରେ ପୁଲିସ ମହାନିର୍ଦ୍ଦେଶକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ କମିଶନର, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ସଂଘ ଆପତ୍ତି କରିବା ସହ ମାର୍ଶାଘାଇ ଆଇଆଇସିଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଗାଡି ମାଲିକ ଉପରୋକ୍ତ ଜୋରିମାନା ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ପୁଲିସ ଷ୍ଟେସନରେ ଏଭଳି ଇ-ଚାଲାଣ କରାଯାଉଥିବାରୁ ଗାଡ଼ି ମାଲିକମାନଙ୍କ ପାଇଁ ବୋଝ ସାଜିଛି। ତେଣୁ ସରକାର ଏହି ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି ଘଟଣାକୁ ନେଇ ଆଜି ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ପରିବହନ ଆୟୁକ୍ତଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ଯଦି ସରକାର ଏହି ନିଷ୍ପତ୍ତିରୁ ନ ଓହରନ୍ତି ତେବେ ରାଜ୍ୟରେ ବସ୍ ମାଲିକ ସଂଘ କଠୋର ନିଷ୍ପତ୍ତି ନେବ ବୋଲି ମଧ୍ୟ ସଂଘ ଚେତାବନୀ ଦେଇଛି।

## ପୁଣି ଫେରିଲା ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା

# ନେତାଙ୍କ ଧୈର୍ଯ୍ୟଚ୍ୟୁତି: ଧନୁରେ ମିଳିବ ନିଗମ ମୁଆଁ!

ଭୁବନେଶ୍ୱର,୧୭।୧୧(ସମିସ): ବେଶ କିଛିଦିନର ନିରବତା ପରେ ପୁଣି ଚର୍ଚ୍ଚାକୁ ଫେରିଛି ରାଜ୍ୟରେ ବୋର୍ଡ, ନିଗମ ନିଯୁକ୍ତି ପ୍ରସଙ୍ଗ। କିଛିମାସର ବ୍ୟବଧାନ ପରେ ରାଜ୍ୟରେ ଖୁବଶୀଘ୍ର ବୋର୍ଡ, ନିଗମ ନିଯୁକ୍ତି ଦିଆଯିବ ବୋଲି ପୁଣି ଦୋହରାଇଛନ୍ତି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର। ରାଜ୍ୟସ୍ତରରେ ଚର୍ଚ୍ଚା, ଆଲୋଚନା ସରିବା ସହ ସମସ୍ତ ପ୍ରକ୍ରିୟା ସରିଛି ଓ କେନ୍ଦ୍ରୀୟ ନେତୃତ୍ୱ ଏ ନେଇ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେଣୁ ଧନୁ ମାସରେ ଆଶାୟୀଙ୍କୁ ନିଗମ ମୁଆଁ ବଣ୍ଟା ହେବା ଆଶା ଉଜ୍ୱଳ ହୋଇଛି ।

ରାଜ୍ୟରେ ସରକାର ଗଠନ କରିବାକୁ ବିଜେପିକୁ ୧୭ ମାସ ପୂରିଲାଣି। ମାତ୍ର ଏଯାଏଁ ଦଳ ବୋର୍ଡ, ନିଗମ ଏବଂ ବିଭିନ୍ନ ଅକାଦେମୀରେ ନିଯୁକ୍ତି ଦେଇପାରୁ ନାହିଁ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ ହୋଇପାରୁନଥିବା ବେଳେ ଏହାକୁ ନେଇ ରାଜ୍ୟ ବିଜେପି ସରକାର ଏବଂ ସଂଗଠନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି। ଏପଟେ ଥଇଥାନ ହେବା ପାଇଁ ଅନେକ ଦିନ ଅପେକ୍ଷା କରି ଆଶାୟୀଙ୍କ ଧୈର୍ଯ୍ୟଚ୍ୟୁତି ହେଲାଣି। ଜୁଲାଇରୁ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ଏକାଧିକବାର ଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରେ ପ୍ରମୁଖ ପଦରେ ଦଳୀୟ ନେତାଙ୍କୁ ଥଇଥାନ ଏବଂ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରତିଟି ଗସ୍ତ ବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ କୌଣସି ନା କୌଣସି କାରଣ ପାଇଁ ଏହା ସମ୍ଭବପର ହୋଇପାରୁ ନଥିଲା। ତେବେ ନୂଆପଡ଼ା ନିର୍ବାଚନ ପାଇଁ ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା କିଛି ସମୟ ପାଇଁ ରାଜ୍ୟରେ ଥମି ଯାଇଥିବା ବେଳେ ଶ୍ରୀ ତୋମାରଙ୍କ ବୟାନ ଏହି ଚର୍ଚ୍ଚାକୁ ପୁଣିଥରପେ ଖୋରାକ୍ ଯୋଗାଇଛି। ନିଗମ ନିଯୁକ୍ତି ଖୁବଶୀଘ୍ର ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିବା ବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ କିଛି ସମୟ ଲାଗିବ ବୋଲି କହିଛନ୍ତି।

### ଦଳ ସଭାପତିଙ୍କ ସୁପାରିସ ଆପାତତଃ ଚୂଡ଼ାନ୍ତ

ତେବେ ବର୍ତ୍ତମାନ ରାଜ୍ୟ ବିଜେପି ରାଜନୀତିକୁ ଦୃଷ୍ଟି ରଖି ଶ୍ରୀ ତୋମାରଙ୍କ କଥାରେ ଦମ୍ ରହିଥିବା କହିଛନ୍ତି ରାଜନୈତିକ ସମୀକ୍ଷକ। ନୂଆପଡ଼ାରେ ମୋହନ-ମନମୋହନଙ୍କ ଯୋଡ଼ି ବେଶ୍ ସଫଳତା ପାଇଥିବାରୁ ଦିଲ୍ଲୀରେ ସେମାନଙ୍କର ପ୍ରଭାବ ବଢ଼ିଛି। ଏପରିସ୍ଥଳେ ନିଗମ ବଣ୍ଟନ ବେଳେ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ପାଖେ ମୋହନ-ମନମୋହନ ଏବେ ଅଧିକ ବିଶ୍ୱାସଭାଜନ ହୋଇପାରିଛନ୍ତି। ଉଭୟଙ୍କ ପରାମର୍ଶକୁ ଭିତ୍ତି କରି ରାଜ୍ୟର ତାଲିକାକୁ କେନ୍ଦ୍ର ସବୁଜ ସଙ୍କେତ ଦେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ତେବେ ରାଜ୍ୟ ବିଜେପି ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଥିବାରୁ ଏନେଇ କୌଣସି ସ୍ପଷ୍ଟ ପୂର୍ବାନୁମାନ କରିବା କଷ୍ଟକର ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

# କମ୍ବୁପାଣି ପାଢ଼ୀ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟ ନିର୍ବଚିତ

କଟକ, ୧୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଖାଲି ପଡ଼ିଥିବା ଏକ ସଦସ୍ୟ ପଦ ପାଇଁ ହୋଇଥିବା ନିର୍ବାଚନରେ ଟିଟଲାଗଡର ଆଇନଜୀବୀ କମ୍ବୁପାଣି ପାଢ଼ୀ ନିର୍ବାଚିତ ହୋଇଛନ୍ତି। ଉକ୍ତ



ନିର୍ବାଚନରେ ଶ୍ରୀ ପାଢ଼ୀଙ୍କ ବିପକ୍ଷରେ କଟକର ଆଇନଜୀବୀ ଆଭାସ ମହାନ୍ତି ପ୍ରାର୍ଥୀ ଥିଲେ। ଆଇନଜୀବୀ ପରିଷଦର ମୋଟ ୨୪ଜଣଙ୍କ ମଧ୍ୟରୁ ୧୬ଜଣ ଶ୍ରୀ ପାଢ଼ୀଙ୍କୁ ସମର୍ଥନ ଜଣାଇ ମତଦାନ କରିଛନ୍ତି। ଆଜି ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନବନିର୍ବାଚିତ ସଦସ୍ୟ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ପୀତବାସ ପଣ୍ଡାଙ୍କ ପରଲୋକ ପରେ ଏହି ପଦ ଖାଲି ପଡ଼ିଥିଲା। ଶ୍ରୀ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ ତାରିଖ ଦିନ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଖାଲି ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇ ନଭେମ୍ବର ୧୬ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ଭଦ୍ରକ/ତିହିଡି, ୧୭।୧୧(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଜାଫରାବାଦ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪)। ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମସ୍ଥିତ ବନ୍ଧୁ ଘରକୁ ଆସିଥିଲେ। ମଧ୍ୟାହ୍ନ ୧ଟା ବେଳେ ଦୁହେଁ ସାଙ୍ଗ ହୋଇ ଖେଳୁଥିବା ବେଳେ ପାଖରେ ଥିବା ଏକ ପୋଖରୀରେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ଉଭୟଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

## ହାଇକୋର୍ଟରେ ହୀରାକୁଦ ସଟର ଗେଟ୍ କାର୍ଯ୍ୟ ଦୁର୍ନୀତି ପ୍ରସଙ୍ଗ

# ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ୨ ଲକ୍ଷ ଦଣ୍ଡ ଗଣିବେ ଆବେଦନକାରୀ

କଟକ,୧୭ ।୧୧(ସମିସ): ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ଏଭଳି ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ଆବେଦନକାରୀ ୨ଲକ୍ଷ ଟଙ୍କା ଦଣ୍ଡ ଗଣିବେ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨ଲକ୍ଷ ଟଙ୍କା ଦଣ୍ଡରାଶିକୁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏମଏସ୍ ଏମକେ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର୍ ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଗତ ମେ' ମାସରେ ଆବେଦନକାରୀ ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୭ ଏପ୍ରିଲ ୧ରୁ ୨୦୨୦, ଜୁଲାଇ ୩୧ରେ ମଧ୍ୟ ଏହି କାର୍ଯ୍ୟ ପାଇଁ ବେଆଇନ ଭାବେ ବିପୁଳ ସରକାରୀ ଅର୍ଥବ୍ୟୟ କରାଯିବା ସହ ନିୟମ ଅନୁସାରେ ଟେଣ୍ଡର୍ କରାଯାଇନଥିଲା। ଡିଭିଜନ୍‌ର ଜନୈକ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ଏଥିରେ ସଂପୃକ୍ତ ଥିବା ଦର୍ଶାଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ତଦନ୍ତ କରାଯାଇ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଦୋଷମୁକ୍ତ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା।

## ତରିକୁନ୍ଦରେ ବୁଲିଲା ବୁଲ୍‌ଡୋଜର୍

# ମାଟିରେ ମିଶିଲା ବେହେରାମପୁର ବସ୍ତି





ଜଗତସିଂହପୁର, ୧୭।୧୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ବସ୍ତିରେ ଗତକାଲି ମାରଣାସ୍ତ୍ର ମିଳିବା ପରେ ଆଜି ବସ୍ତିରେ ବୁଲିଛି ବୁଲ୍‌ଡୋଜର। ଫଳରେ ମାଟିରେ ମିଶିଯାଇଛି ଏହି ବସ୍ତିରେ ଥିବା ୩୦ରୁ ଉର୍ଦ୍ଧ୍ୱ ଘର। ଗତକାଲି ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ରାତିରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ସେହିପରି

- ଆଧାର କାର୍ଡ ସହିତ ବିଭିନ୍ନ କାଗଜପତ୍ର ଜବତ
- ସନ୍ଦିଗ୍ଧଙ୍କ ପ୍ରକୃତ ବାସସ୍ଥାନ ସଂପର୍କରେ ଚାଲିଛି ଅନୁସନ୍ଧାନ

ଅନ୍ୟ କିଛି ପୁରୁଷ ଓ ମହିଳାଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମଙ୍କ ସହ ଅନ୍ୟ ୮/୧୦ ଜଣ ପୁଲିସ ଚଢ଼ଉ ଖବର ପାଇ ଫେରାର୍ ହୋଇଯାଇଛି। ଚଢ଼ଉ ସମୟରେ ପୁଲିସ ସହ ଧସ୍ତାଧସ୍ତି ହେବାରୁ ଜଣେ ମହିଳା କନଷ୍ଟେବଲ ଆହତ ହୋଇଥିବା ପୁଲିସ୍ ସୂଚନା ଦେଇଛି।

ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି ବଡ଼ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡ଼ିବା ପରେ ଆଜି ବୁଲ୍‌ଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଆଜି ସନ୍ଧ୍ୟାରେ ଡିଆଇଜି ସତ୍ୟଜିତ ନାୟକ ଜଗତସିଂହପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଯେଉଁମାନେ ଚଢ଼ଉ ସମୟରେ ଫେରାର ହୋଇଯାଇଛନ୍ତି, ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିବା ଡିଆଇଜି ସୂଚନା ଦେଇଥିଲେ। ୩ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ସମଗ୍ର ଜିଲ୍ଲାରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ଅଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ରହୁଥିବା ସନ୍ଦିଗ୍ଧ ପରିବାରଙ୍କ ଉପରେ ନଜର ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜେ. ସୋନାଲ ସୂଚନା ଦେଇଛନ୍ତି। ବେହେରାମପୁର ବସ୍ତିରୁ ଜବତ ହୋଇଥିବା ସମସ୍ତ କାଗଜପତ୍ର ଅନୁସନ୍ଧାନ କରାଯାଉଛି ଏବଂ ଅଟକ ଥିବା ସନ୍ଦିଗ୍ଧମାନେ ପଶ୍ଚିମବଙ୍ଗର ଯେଉଁ ଜିଲ୍ଲାର ବାସିନ୍ଦା ବୋଲି ଦର୍ଶାଉଛନ୍ତି, ସେହି ଜିଲ୍ଲା ପ୍ରଶାସନକୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କର ହେଲା ପଇତାଲାଗି

ପୁରୀ,୧୭।୧୧(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ୫ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମଇଲମ ହୋଇଥିଲା। ୫ଟା ୫୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ। ସନ୍ଧ୍ୟା ୬ଟା ୫ରେ ଜୟ



ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭ ହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପଇତାଲାଗି ନୀତି ସମ୍ପନ୍ନ ହେବାପରେଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

# ହାଇୱା-ସ୍କର୍ପିଓ ମୁହାଁମୁହିଁ; ଜଣେ ମୃତ

ଯୋଡ଼ା, ୧୭।୧୧ (ସମିସ): ଆଜି ସନ୍ଧ୍ୟାରେ ଯୋଡ଼ାସ୍ଥିତ ଫ୍ଲାଏଓଭର୍‌ରେ ଉପରେ ହାଇୱା ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ବଡ଼ବିଲର ସୋନାଲି ଓଝା। ସେ ସ୍କର୍ପିଓରେ ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମ୍ନାପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ସ୍କର୍ପିଓଟି ପୂରା ଚୂରମାର୍ ହୋଇଯାଇଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ହାଇୱାଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଯୋଡ଼ା ପୁଲିସ ସ୍କର୍ପିଓରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଛି। ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓରେ ଚାଳକ ସହ ମହିଳାଙ୍କ ଭାଇ ଥିବା ବେଳେ ଉଭୟ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

## ଆଇଟମ୍ ଡ୍ୟାନ୍ସରୁ ଯାଇ ପୌରାଣିକ ମଞ୍ଚରେ ପହଞ୍ଚିଲା ଅଶ୍ଳୀଳତା

# କୁଆଡ଼େ ଗଲା ସଂସ୍କୃତି ସୁରକ୍ଷା ନିର୍ଦ୍ଦେଶାବଳୀ?

ଭୁବନେଶ୍ୱର, ୧୭।୧୧(ସମିସ): ଦର୍ଶକ ସଂଖ୍ୟା ବୃଦ୍ଧି କରିବା ନିଶାରେ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଭୁଲି ଯାଉଛନ୍ତି ଯାତ୍ରା କମିଟି ଓ ଯାତ୍ରା କଳାକାର। ଟଙ୍କା ପାଇଁ ହଜାର ହଜାର ଦର୍ଶକଙ୍କ ସାମ୍ନାରେ ଅର୍ଦ୍ଧନଗ୍ନ ହେବାକୁ ପଛାଉ ନାହାନ୍ତି। ଆଇଟମ୍ ଡ୍ୟାନ୍ସ ନାଁରେ ଯେଭଳି ନୃତ୍ୟ ହେଉଛି, ପରିବାର ସହ ଯାଉଥିବା ଲୋକେ ମୁଣ୍ଡଟେକି ମଞ୍ଚକୁ ଚାହିଁ ପାରୁନାହାନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ପରେ ଲୋକଙ୍କ ଚାପରେ ସରକାର ନୂଆ ମାର୍ଗଦର୍ଶିକା (ଏସ୍‌ଓପି) ଆଣିବେ ବୋଲି କହିଥିଲେ। ଏଥିପାଇଁ ଥରକୁ ଥର ବୈଠକ ହେଲା, ଗଣମାଧ୍ୟମରେ ବି ମନ୍ତ୍ରୀ ବୟାନବାଜି କରି ନିଜ ପିଠି ଥାପୁଡ଼େଇଲେ। କିନ୍ତୁ, କିଛି ଦିନ ଚର୍ଚ୍ଚାରେ ରହିବା ପରେ ପୂରା ପ୍ରସଙ୍ଗ କୁଆଡ଼େ ହଜିଗଲା। ସରକାର ବି ପାସୋରିଗଲେ। ମାର୍ଗଦର୍ଶିକା ଜାରି ହେବା ତ ଦୂରର କଥା, ତା'ର ନାଁ ଗନ୍ଧ ମଧ୍ୟ ନାହିଁ। ସେପଟେ, ମଞ୍ଚରେ ପୂର୍ବଭଳି ସେମିତି ନଗ୍ନତାର ତାଣ୍ଡବ ଜାରି ରହିଛି। ଯାତ୍ରାରେ ଅଶ୍ଳୀଳତା ଦିନକୁ ଦିନ ସୀମା ଟପୁଥିବା ବେଳେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନ ନେବା ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାମାୟଣ ଭଳି ପବିତ୍ର କଥାବସ୍ତୁରେ ବି ଏବେ ଅଶ୍ଳୀଳତା ଧସେଇ ପଶିଲାଣି। ସୀତାହରଣ ଭଳି ଦୃଶ୍ୟରେ ଅଶ୍ଳୀଳତା ସବୁ ସୀମା ଲଂଘିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି

- ନିଜ ପିଠି ଥାପୁଡ଼ାଇ ଚୁପ୍ ବସିଗଲେ ସରକାର
- ସୀମା ଟପୁଛନ୍ତି ଆଇଟମ୍ ଡ୍ୟାନସର୍ ଓ କଳାକାର

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ମୌଳଭଣଜା ଗାଁରେ। ଦୁଇ ଦଳ ମଧ୍ୟରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ପୂର୍ବରୁ ଗୋଟିଏ ଦଳ ପକ୍ଷରୁ ଜଣେ ଚର୍ଚ୍ଚିତ ଆଇଟମ୍ ଡ୍ୟାନସରଙ୍କୁ ନିଆଯାଇଥିଲା। ସେଠାରେ ସେ ଅର୍ଦ୍ଧନଗ୍ନ ହୋଇ ନୃତ୍ୟ ପରିବେଷଣ କରିଥିବା ବେଳେ ଆଉ ଏକ ଦଳ ପକ୍ଷରୁ ତାଙ୍କ ସହ ପ୍ରତିଯୋଗିତା କରି ସୀତାହରଣ ଦୃଶ୍ୟରେ ଅତ୍ୟନ୍ତ ଅଶ୍ଳୀଳତା ପ୍ରଦର୍ଶନ କରିଥିଲେ। ଆଧ୍ୟାତ୍ମିକ ଓ ପୌରାଣିକ କଥାବସ୍ତୁକୁ ଏଭଳି କଦର୍ଥ କରାଯାଇଥିବାରୁ ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଏଭଳି ସ୍ଥିତିରେ ସରକାରଙ୍କ ଭୂମିକା ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ୨ଜଣ ମନ୍ତ୍ରୀ ଯଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂସ୍କୃତିର ସୁରକ୍ଷା ପାଇଁ ଏକ କଡ଼ା ଏସ୍‌ଓପି ଅଣାଯିବ ବୋଲି କହିଥିଲେ। ଏହି ଏସ୍‌ଓପି ଜରିଆରେ ରାଜ୍ୟରେ ଯାତ୍ରା ପେଣ୍ଡାଲ ହେଉ ଅବା ଅନ୍ୟ ସ୍ଥାନରେ, ଯେପରି ଅଶ୍ଳୀଳତା ପ୍ରଦର୍ଶନ ହେବନି, ତାହା ସୁନିଶ୍ଚିତ ହେବ ବୋଲି ଦୁଇ ମନ୍ତ୍ରୀ କହିଥିଲେ। ହେଲେ ଦୁଇ ମନ୍ତ୍ରୀଙ୍କ କଥାକୁ ପ୍ରାୟ ବର୍ଷଟେ ବିତିଯାଇଥିଲେ ହେଁ ଏଯାଏଁ କୌଣସି ଏସ୍‌ଓପି ଆସିପାରିନାହିଁ। ଫଳରେ ରାଜ୍ୟରେ ପ୍ରତ୍ୟେକ ଦିନ ବିଭିନ୍ନ ଜିଲ୍ଲାରେ ମଞ୍ଚଗୁଡ଼ିକରେ କଳକାରମାନେ ଅଶ୍ଳୀଳତାର ସୀମା ଟପୁଛନ୍ତି।

ନିକଟରେ ଏକ ଯାତ୍ରା ମଞ୍ଚରେ ଜଣେ ଆଇଟମ ଡ୍ୟାନସର୍ ଦର୍ଶକଙ୍କ ଆଗରେ ପୋଷାକ ଖୋଲିବା ସହ ଅନ୍ତଃବସ୍ତ୍ର ମଧ୍ୟ ଖୋଲି ଦେଇଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟରେ ଘୂରି ବୁଲୁଛି। ସମାଜ ଉପରେ ଏହାର କୁ-ପ୍ରଭାବ ପଡ଼ିବା ସହ ସପରିବାର ଏକାଠି ବସି ଯାତ୍ରା ବା ମଞ୍ଚ ନାଟକ ଦେଖିବା ସମ୍ଭବ ହୋଇପାରୁନାହିଁ।

ଦିଗପହଣ୍ଡି ଅଞ୍ଚଳର ଏହି ଘଟଣାକୁ ଓଡ଼ିଶା ଯାତ୍ରା କମିଟି ମହାସଂଘ ଦୃଢ଼ ନିନ୍ଦା କରିଛି। ଯାତ୍ରା ପରିବେଷଣ ପାଇଁ ସରକାର ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗାଯାଇପାରିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।



## ରେକର୍ଡ ୪୪.୯ କୋଟି ଜିତିଲେ ସିନ୍ନର୍

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-142 ◆TUESDAY ◆18 NOVEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪୨ ◆ମଙ୍ଗଳବାର ◆୧୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ଇଣ୍ଟରନ୍ୟାସ୍‌ନାଲ୍ କ୍ରାଇମ୍ ଟ୍ରିବ୍ୟୁନାଲ୍‌ଙ୍କ ରାୟ**

# ହସିନାଙ୍କୁ ଫାଶୀ ଦଣ୍ଡାଦେଶ

■ **ଢାକା, ୧୭।୧୧ (ଏଜେନ୍ସି):** ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦଙ୍କୁ ଦୋଷୀ ସାବ୍ୟସ୍ତ କରିଛି ବାଂଲାଦେଶର କୋର୍ଟ। ମାନବିକତା ବିରୋଧରେ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ହସିନାଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି। ତାଙ୍କ ସହିତ ତାଙ୍କର ଦୁଇ ଜଣ ଘନିଷ୍ଠ ସହଯୋଗୀ ତତ୍କାଳୀନ ଗୃହ ମନ୍ତ୍ରୀ ଓ ପୁଲିସ ମୁଖ୍ୟଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହି ଦଣ୍ଡାଦେଶକୁ ରାଜନୈତିକ ପ୍ରତିଶୋଧ ବୋଲି ବର୍ଣ୍ଣନା କରିଛନ୍ତି ହସିନା। ଅନ୍ୟପକ୍ଷେରେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି ବାଂଲାଦେଶ ସରକାର। ତେବେ ଭାରତ ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହିଁ।

ଗତବର୍ଷ ତାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ଲାଗି ତତ୍କାଳୀନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ▶ପୃଷ୍ଠା-୭

**ହସିନାଙ୍କୁ ତୁରନ୍ତ ହସ୍ତାନ୍ତର ଲାଗି ଭାରତକୁ ବାଂଲାଦେଶର ପରାମର୍ଶ**

**ବାଂଲାଦେଶରେ ଶାନ୍ତି, ସ୍ଥିରତା ଓ ଗଣତନ୍ତ୍ରର ସୁରକ୍ଷାକୁ ଭାରତର ଗୁରୁତ୍ୱ**



**ଟ୍ୟାଙ୍କର ସହ ଧକ୍କା ପରେ ମଦିନାରେ ଜଳିଗଲା ବସ୍**

# ୪୫ ଭାରତୀୟ ଶ୍ରଦ୍ଧାଳୁ ଦଗ୍ଧ

■ **ରିୟାଦ, ୧୭।୧୧ (ଏଜେନ୍ସି):** ସାଉଦି ଆରବରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ହାଇଦରାବାଦର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ଥିବା ଜଣାପଡ଼ିଛି। 'ଉମରା' ପାଇଁ ଭାରତୀୟ ଶ୍ରଦ୍ଧାଳୁଙ୍କୁ ନେଇ ମଦିନା ଯାଉଥିବା ବସ୍‌ଟି ଏକ ଡିଜେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ବିସ୍ଫୋରଣ ଘଟିଥିଲା। ଏହାପରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୁର୍ଘଟଣାରୁ କେବଳ ବସ୍ ଚାଳକ ବଞ୍ଚିଯାଇଥିବା ବେଳେ ଅନ୍ୟ ସମସ୍ତ ୪୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ୧୮ ମହିଳା, ୧୭ ପୁରୁଷ ଓ ୧୦ଜଣ ଛୋଟପିଲା ▶ପୃଷ୍ଠା-୭

**ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ସଦସ୍ୟ ମୃତ**

**ଜଳିଗଲେ ବସ୍‌ର ସମସ୍ତ ଯାତ୍ରୀ; ବଞ୍ଚିରହିଲେ କେବଳ ଚାଳକ**



# ବିହାର ରାଜନୀତିରେ 'ହାଇଡ୍ରାମା'

■ **ପାଟନା, ୧୭।୧୧ (ଏଜେନ୍ସି):** ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିହାରରେ ଆରମ୍ଭ ହୋଇଛି ରାଜନୈତିକ ଖେଳ। ଅତୀତରେ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଏନ୍‌ଡ଼ିଏ ନିର୍ବାଚନ ଲଢ଼ି ବିଜୟୀ ହେବା ପରେ ଯେଉଁ ନାଟକର ଅବତାରଣା ହୋଇଥିଲା, ଏବେ ବିହାରରେ ଠିକ୍ ସମାନ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି। ଏନ୍‌ଡିଏର ଅଂଶୀଦାର ଦଳ ଭାବରେ ନୀତୀଶ କୁମାରଙ୍କ ଜେଡ଼ିୟୁ ତୁଳନାତ୍ମକ ଭାବରେ ବିଜେପିଠାରୁ କମ୍ ଆସନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପି ପ୍ରଥମ ଦାବିଦାର ବୋଲି ଯେଉଁ ପ୍ରାୟୋଜିତ ରାଜନୈତିକ ଚର୍ଚ୍ଚା ବିହାରରେ ଆରମ୍ଭ ହୋଇଛି; ତାହା ହିଁ ସବୁ ଗଣ୍ଡଗୋଳର ମୂଳ ବୋଲି କୁହାଯାଉଛି। ସେଥିପାଇଁ ନୀତୀଶ କୁମାର ସୋମବାର ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଭେଟି ଇସ୍ତଫା ଦେବାକୁ ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟିଥିଲେ ମଧ୍ୟଇସ୍ତଫାଦେଇନାହାନ୍ତି।ଅନ୍ୟପକ୍ଷ।।ରେଆସନ୍ତା ୧୯ ତାରିଖରେ ବିଧାନସଭା ଭଙ୍ଗ କରିବାକୁ ସୁପାରିସ କରିବା ସହ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ନିର୍ବାଚନ ଫଳ ପ୍ରକାଶ ପାଇବାର ତିନି ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏନ୍‌ଡ଼ିଏ ବିଧାୟକ ଦଳ ନେତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଏହା ପଛରେ କିଛି କେଁ ଥିବା ସ୍ୱାଭାବିକ ମନେ ହେଉଛି।

ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପ୍ରସଙ୍ଗରେ ବିଜେପିର ରହସ୍ୟମୟ ନିରବତା ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି। ବିଜେପିର ନିର୍ବାଚନ ପ୍ରଭାରୀ ବିନୋଦ ତାୱଡ଼େ ଓ ନୀତିନ ନବୀନଙ୍କ ବୟାନ ଏହି ପ୍ରସଙ୍ଗକୁ ଅଧିକ ସ୍ପର୍ଶକାତର କରିଛି। ଏବେ ବିଜୟ ଉତ୍ସବ ପାଳନ ସମୟ, ସମୟ ଆସିଲେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ତାୱଡ଼େ ଦେଇଥିବା ଟିପ୍ପଣୀରୁ ବିଜେପି ଯେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶତ ପ୍ରତିଶତ ରାଜି ନୁହେଁ, ତାହା ସ୍ପଷ୍ଟ ହୋଇଯାଇଛି। ସେହିପରି ଦଳର ଅନ୍ୟତମ ବରିଷ୍ଠ ନେତା ନୀତିନ ନବୀନ ବିହାରରେ ମହାରାଷ୍ଟ୍ର ପରି ସବୁକିଛି ଠିକ୍ ଥିଲା ଓ ସବୁକିଛି ଠିକ୍ ହେବ ବୋଲି ଦେଇଥିବା ମନ୍ତବ୍ୟ ପରେ ନୀତୀଶ କୁମାରଙ୍କ ଅବସ୍ଥା ଏକନାଥ ସିନ୍ଦେଙ୍କ ପରି ହେବ ନାହିଁ ତ ବୋଲି ଅନେକ ଆଶଙ୍କା କରୁଛନ୍ତି। ଏହି ସମୟରେ ବିଜେପିର ଜାତୀୟ ନେତୃତ୍ୱ 'ବିଜେପିର ବିଧାୟକମାନେ ମୁଖ୍ୟମନ୍ତ୍ରୀ ବାଛିବେ' ବୋଲି ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି।

ଅନ୍ୟପକ୍ଷରେ ବିଜେପିର ଗତିବିଧି ଦେଖି ନୀତୀଶ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। ଜେଡ଼ିୟୁ ବିଧାୟକ ଦଳ ବୈଠକ ନଭେମ୍ବର ୧୭ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିବାରୁ ଦଳର ସମସ୍ତ ୮୫ ବିଧାୟକ ପାଟନାରେ ପହଞ୍ଚିଥିଲେ। ମାତ୍ର ନୀତୀଶ ଶେଷ ମୁହୂର୍ତ୍ତରେ ବୈଠକକୁ ସ୍ଥଗିତ ରଖିଛନ୍ତି, ତେବେ ସମସ୍ତ ଦଳୀୟ ବିଧାୟକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ରାଜଧାନୀ ନ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଆଜି କ୍ୟାବିନେଟ୍ ବୈଠକ ପରେ ନୀତୀଶ ଇସ୍ତଫା ଦେବା ଚୂଡ଼ାନ୍ତ ହୋଇଥିଲେ ହେଁ ସେପରି କିଛି ଘଟିନାହିଁ। ନୀତୀଶ କ୍ୟାବିନେଟ୍ ବୈଠକ ଡାକିଥିଲେ, ନିଜ ସହଯୋଗୀଙ୍କ ସହ ଆଲୋଚନା ପରେ ସେ ରାଜଭବନକୁ ବାହାରିଥିଲେ ମଧ୍ୟ ରାସ୍ତାରେ ଇସ୍ତଫା ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ। ନଭେମ୍ବର ୧୯ ତାରିଖରେ ସେ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେନାହିଁ ନୀତୀଶ**

**ଜେଡ଼ିୟୁ ବିଧାୟକ ଦଳ ବୈଠକ ଆକସ୍ମିକ ସ୍ଥଗିତ**

**ଡକରା ପାଇଁ ଦିଲ୍ଲୀ ଗଲେ ସଂଜୟ ଝା, ଲଲନ ସିଂହ**

**୩ ଦିନ ହେଲା ହୋଇପାରୁନି ମୁଖ୍ୟମନ୍ତ୍ରୀ ଚେହେରା ନିଷ୍ପତ୍ତି**



**ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦**

# ଏଥର କମ୍ ଟିକଟ



**ଚାଲିଛି ୭ ଗ୍ୟାଲେରୀର ନବୀକରଣ କାର୍ଯ୍ୟ**

**ସିଟ୍ ନମ୍ବରିଂ ପରେ ଜଣାପଡ଼ିବ ଷ୍ଟାଡିୟମ୍‌ର ଦର୍ଶକ କ୍ଷମତା**

**ଡିସେମ୍ବର ୧ରୁ ଅନ୍‌ଲାଇନ୍ ଓ ୫ରୁ କାଉଣ୍ଟର ଟିକଟ**

■ **କଟକ, ୧୭।୧୧ (ସମିସ):** ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ୍। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି। ତେବେ ଆଗାମୀ ମ୍ୟାଚ୍‌ରେ ଷ୍ଟାଡିୟମର ଦର୍ଶକ କ୍ଷମତା ପୂର୍ବାପେକ୍ଷା ହ୍ରାସ ପାଇବ। ୭ଟି ଯାକ ଗ୍ୟାଲେରୀର ସିଟ୍‌କୁ ଚଉଡା କରାଯାଉଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍ ଗୁଡିକୁ ୨୨ ଇଞ୍ଚ କରାଯାଉଛି। ଗ୍ୟାଲେରୀ ନଂ-୫ ଏବଂ ଗ୍ୟାଲେରୀ ନଂ-୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡିକର ନବୀକରଣ କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ଦର୍ଶକ ସୁବିଧାରେ ବସି କିଭଳି ମ୍ୟାଚ୍ ଉପଭୋଗ କରିପାରିବେ ତାହାକୁ ଉପଲବ୍ଧି କରି ଓସିଏ ଏଭଳି ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ମୋଟ୍ କେତେ ସଂଖ୍ୟକ ଟିକଟ ଏଥର ଛପା ଯିବ ତାହା ମଧ୍ୟ ସ୍ଥିର ହୋଇ ପାରିନାହିଁ। ନବୀକରଣ ପ୍ରକ୍ରିୟାରେ ଗ୍ୟାଲେରୀର ସମସ୍ତ ସିଟ୍‌କୁ ଚଉଡା କରାଯାଇ ପ୍ରଥମେ ନମ୍ବରିଂ ହେବ। ଏହା ପରେ ସମୁଦାୟ ଟିକଟ ସଂଖ୍ୟା ଜଣାପଡିବ। ପ୍ରକାଶଯୋଗ୍ୟ, ବାରବାଟୀରେ ପ୍ରାୟ ୪୫ହଜାର ଦର୍ଶକ ▶ପୃଷ୍ଠା-୭

# ଅଫେଂରା ରାଇଜରେ ହ୍ୟୁମାନ୍ ସାଗର

■ **ଭୁବନେଶ୍ୱର, ୧୭।୧୧ (ସମିସ):** ଓଡ଼ିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ଜଗତର ୟୁଥ୍ ଆଇକନ୍ ହ୍ୟୁମାନ ସାଗରଙ୍କ ଆଜି ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୩୫ ବର୍ଷ ହୋଇଥିଲା। ଏକାଧିକ ରୋଗରେ ପୀଡ଼ିତ ହ୍ୟୁମାନ୍‌ଙ୍କୁ ଗତ ୧୪ ତାରିଖରେ ଏମସ୍‌ରେ ଭର୍ତ୍ତି କରାଯାଇଥିଲା। କିଡ୍‌ନୀ ଓ ଲିଭର୍ ଜନିତ ସମସ୍ୟା ସମେତ ତାଙ୍କର ଏକାଧିକ ଅଙ୍ଗପ୍ରତ୍ୟଙ୍ଗ କାମ କରୁନଥିଲା। ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ସୋମବାର ସଂଧ୍ୟାରେ ସେ ଜୀବନଯୁଦ୍ଧରେ ହାରି ଯାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମା', ପତ୍ନୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳି ଯାଇଛି। ବହୁସଂଖ୍ୟାରେ ସିନେ କଳାକାର, କଣ୍ଠଶିଳ୍ପୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଏମ୍‌ସରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ 'ଏକ୍ସ' ଜରିଆରେ ଶୋକ ପ୍ରକଟ କରିଛନ୍ତି। ଶୋକବାର୍ତ୍ତାରେ ମୋହନ ଉଲ୍ଲେଖ କରିଛନ୍ତି ଯେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ମୁଁ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶା ସଙ୍ଗୀତ ଓ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ହ୍ୟୁମାନ୍‌ଙ୍କ ମନଛୁଆଁ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି। ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାଯାଇଛି।

୧୯୯୦ନଭେମ୍ବର ୨୫ ତାରିଖରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ରେ ଜନ୍ମିତ ହ୍ୟୁମାନ୍ ସଙ୍ଗୀତ ପରିବାରରୁ ଆସିଥିଲେ। ତାଙ୍କ ପିତା-ମାତା, ଦୁହେଁ ଗାୟକ ▶ପୃଷ୍ଠା-୭

**ସଙ୍ଗୀତ ଜଗତ ସ୍ତବ୍ଧ**

**ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ**

**ଶୋକବ୍ୟକ୍ତ କଲେ ମୋହନ-ନବୀନ**



## ଜାଲରେ ପଡ଼ିଲା ୩ କ୍ୱିଣ୍ଟାଲ୍‌ର ଶାଙ୍କୁଚ



■ **ଅସ୍ତରଙ୍ଗ, ୧୭।୧୧ (ସମିସ):** ଦେବୀନଦୀରୁ ଆଜି ସ୍ଥାନୀୟ ଅଞ୍ଚଳର ୨୦ ଜଣ ମତ୍ସ୍ୟଜୀବୀଙ୍କ ଜାଲରେ ୩ କ୍ୱିଣ୍ଟାଲ୍ ଓଜନର ଏକ ଶାଙ୍କୁଚ ପଡ଼ିଛି। ପ୍ରାୟ ଦୁଇଘଣ୍ଟାର ପରିଶ୍ରମ ପରେ ଏହି ଶାଙ୍କୁଚକୁ ମତ୍ସ୍ୟଜୀବୀମାନେ ଡଙ୍ଗାରେ କୂଳକୁ ଆଣିଥିଲେ। ଶାଙ୍କୁଚଟିର ଓସାର ପ୍ରାୟ ୧୨ଫୁଟ୍ ହେବ। ସମୁଦ୍ର ଭିତରୁ ମାଛ ଅନ୍ୱେଷଣ କରି ମୁହାଣ ଦେଇ ଦେବୀ ନଦୀ ଭିତରକୁ ପଶି ଆସିବା ପରେ ଏହା ଧରାଳିଙ୍କ ଜାଲରେ ପଡ଼ିଥିବା କୁହାଯାଉଛି। ଏହା ବିରାଟକାୟ ଶାଙ୍କୁଚକୁ ଦେଖିବା ପାଇଁ ଦେବୀ ମୁହାଣରେ ଆଜି ପ୍ରବଳ ଭିଡ଼ ଲାଗିଥିଲା।

# ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକିଦେଲେ

## ପୀଡ଼ିତାଙ୍କ ମଧ୍ୟରେ ମହିଳା, ଶିଶୁ, ନାବାଳିକା

■ **ନୟାଗଡ଼/ଗଣିଆ, ୧୭।୧୧ (ସମିସ):** ଦାଦନ ଖଟାଇବାକୁ ନେଇ ବିକିଦେଲେ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ଏପରି ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗଣିଆ ବ୍ଲକ୍ ଆଡ଼କଟା ପଞ୍ଚାୟତ ଆଡ଼କଟା ଗ୍ରାମରୁ ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ଜଣେ ନାବାଳିକା ଓ ଦୁଇଜଣ ମହିଳା ରହିଛନ୍ତି। ଗ୍ରାମର ଚନ୍ଦ୍ରମଣି ପ୍ରଧାନ ଓ ମୀନା ପ୍ରଧାନ ଏ ସଂପର୍କରେ ଅଭିଯୋଗ କରିବା ପରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଗଣିଆ ଥାନା ପୁଲିସକୁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି।

ସୂଚନାନୁସାରେ, ତିନି ମାସ ତଳେ ଆଡ଼କଟା ଗ୍ରାମର ବୁଲୁ ପ୍ରଧାନ, ବୌଦ୍ଧ ଅଞ୍ଚଳର ଚନ୍ଦନ ଗଡ଼ତିଆ ଗ୍ରାମରୁ ଅନେକ ଲୋକଙ୍କୁ ହାଇଦ୍ରାବାଦ ନିକଟସ୍ଥ ପାଇଜାପଲ୍ଲୀ ଅଞ୍ଚଳକୁ ଦାଦନ ଖଟାଇବାକୁ ନେଇଥିଲେ। ଏ ନେଇ ପ୍ରତ୍ୟେକ ବ୍ୟକ୍ତି ପିଛା ମଜୁରି ଆକାରରେ ୪୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ। ତେବେ ସେଠାରେ ଅକଥନୀୟ ନିର୍ଯାତନା ଦିଆଯିବାରୁ ଅନେକ ଲୋକ ଖସି ଆସିଥିବା ବେଳେ ଦଲାଲମାନେ ଗ୍ରାମର ୭ ଜଣଙ୍କୁ ଅନ୍ୟତ୍ର ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ଚନ୍ଦ୍ରମଣି ପ୍ରଧାନଙ୍କ ନାବାଳିକା ଝିଅ, ତାଙ୍କ ସମ୍ପର୍କୀୟ କିରଣ ପ୍ରଧାନ, ବର୍ଷା ପ୍ରଧାନ ଏବଂ ମୀନା ପ୍ରଧାନଙ୍କ ଭାଇ କିଶୋର ପ୍ରଧାନ, ଭାଉଜ ସଞ୍ଜୁ ପ୍ରଧାନ ଏବଂ ଛୋଟ ପୁତୁରା ଶିଶିର ପ୍ରଧାନ ନିଖୋଜ ଥିବା ଅଭିଯୋଗ ହୋଇଛି। ଏହାସହ ଆଡ଼କଟା ଗ୍ରାମର ପପୁନ ଗଡ଼ିତିଆ ମଧ୍ୟ ସେମାନଙ୍କ ସହ ନିଖୋଜ ରହିଛି। ଏ ସଂପର୍କରେ ଆଜି ଚନ୍ଦ୍ରମଣି ଓ ମୀନା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି।

ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଭିଯୋଗକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣା ଶୁଣାଣି କରିବା ପରେ ଗଣିଆ ଥାନା ଅଧିକାରୀଙ୍କୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଚନ୍ଦ୍ରମଣିଙ୍କ କହିବାନୁସାରେ, ୪୦ ହଜାର ଟଙ୍କାରେ ନେଇ ସେମାନଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଦିଆଯାଇଛି। ସେମାନଙ୍କଠାରୁ ମୋବାଇଲ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଛି। ଫଳରେ ସେମାନେ କାହା ସହ ଯୋଗାଯୋଗ କରିପାରୁନାହାନ୍ତି ସେଠାରୁ ଖସି ଆସି ପାରୁନାହାନ୍ତି। ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ଚନ୍ଦ୍ରମଣି କହିଛନ୍ତି।

**ଆଜି ରାଜଧାନୀର ସବୁଠାରୁ ବଡ଼ ଉଚ୍ଛେଦ**

# ମାଟିରେ ମିଶିବ ସାଲିଆସାହି

■ **ଭୁବନେଶ୍ୱର, ୧୭।୧୧ (ସମିସ):** ରାଜଧାନୀର ସବୁଠାରୁ ବଡ଼ ବସ୍ତି ସାଲିଆସାହିକୁ ଉଚ୍ଛେଦ କରିବାକୁ ଯାଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବାମ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ଏହି ଉଚ୍ଛେଦ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ମଙ୍ଗଳବାର ପ୍ରାୟ ୫୨୧ଟି ଘରକୁ ଭାଙ୍ଗିବାକୁ ଟାର୍ଗେଟ କରାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସମରସଜ୍ଜା। ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି ଏକପ୍ରକାର ଶେଷ ହୋଇଛି। ଏହି ଉଚ୍ଛେଦରେ ବିଏମ୍‌ସି, ବିଡିଏ, ୱାଟକୋ, ବିଦ୍ୟୁତ ବିଭାଗ ଏବଂ ପୁଲିସ ବିଭାଗ ସାମିଲ ହେବ। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନାକୁ ଆଖିଆଗରେ ରଖି ୭ପ୍ଲାଟୁନ୍ ଫୋର୍ସ ମୁତୟନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ବିଏମ୍‌ସି ପକ୍ଷରୁ ଭଙ୍ଗାଯିବାକୁ ଥିବା ଘରଗୁଡ଼ିକୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକଙ୍କୁ ଅପରାହ୍ଣରେ ଏସମ୍ପର୍କରେ ଅବଗତ କରାଯାଇଥିଲା। ଡାକବାଜୀ ଯନ୍ତ୍ର ଘର ଘର ବୁଲି ଏସମ୍ପର୍କରେ ଅବଗତ କରାଇଛି। ନିଜ ନିଜର ଆସବାବପତ୍ର ବାହାର କରିବାକୁ କୁହାଯାଇଛି। ବିଏମ୍‌ସିର ଡାକବାଜୀ ଯନ୍ତ୍ର ପ୍ରଚାର କରିବା ପରେ ସାଲିଆସାହିରେ ଚାପା ଉତ୍ତେଜନା ଦେଖାଦେଇଛି। ଥଇଥାନ ନ କରି କେମିତି ଉଚ୍ଛେଦ କରାଯିବ। ଏହା ଆଇନ୍ ବିରୋଧୀ ବୋଲି ବସ୍ତିବାସିନ୍ଦା କହିଛନ୍ତି। ତେବେ ଉଚ୍ଛେଦ ହେଲେ ଘର ନୁହେଁ ଜମି ଦିଆଯିବ ବୋଲି ବିଜେପି ୨୦୨୪ରେ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା। ହେଲେ ଭୋଟ୍ ନେଇ ସରକାରକୁ ଆସିଲା ପରେ ପ୍ରତିଶ୍ରୁତି ପାଳନ କାହିଁକି କରୁନାହିଁ ବୋଲି ବସ୍ତିବାସିନ୍ଦା ଗଣ୍ଠି ▶ପୃଷ୍ଠା-୭



**ଉତ୍ତେଜନା ଆଶଙ୍କାରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ**

**ବିଜେପିର ଜମି ଦେବା ନିର୍ବାଚନୀ ପ୍ରତିଶ୍ରୁତିକୁ ଗଣ୍ଠି କରିଛନ୍ତି ବସ୍ତିବାସିନ୍ଦା**

# ଗୋଡ଼ିଡିହ ଗଣ୍ଡଗୋଳ ଘଟଣାରେ ଜେଲ୍ ଗଲେ ୨ ମହିଳା

**ନୟାହାଟ,୧୭।୧୧(ସମିସ):** ପୂର୍ବ ବିବାଦକୁ କେନ୍ଦ୍ରକରି ଗୋଡ଼ିଡିହ ଗ୍ରାମରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ସଂପୃକ୍ତ ଦୁଇଜଣ ମହିଳାଙ୍କୁ ନୟାହାଟ ଫାଣ୍ଡି ପୁଲିସ ସୋମବାର କୋର୍ଟ ଚାଲାଣ କରିଛନ୍ତି। ଖବର ନେବାରୁ ଜଣାପଡିଛି ଯେ, ଶୋରଭା ପଞ୍ଚାୟତର ଗୋଡ଼ିଡିହ ଗ୍ରାମର ଝୁମି ବେହେରାଙ୍କୁ ପୂର୍ବ ବିବାଦକୁ ନେଇ ସେହି ଗ୍ରାମର ଚାରିଜଣ ପୁରୁଷ ଓ ଦୁଇଜଣ ମହିଳା ଗାଁ ଦାଣ୍ଡରେ ଘୋଷାରି ମାଡ଼ ମାରି ଆହତ କରିଥିଲେ। ଏ ନେଇ ଗୋପ ଥାନା କେସ ନମ୍ବର ୩୮୮/୨୫ ରେ ମକଦ୍ଦମା ରୁଜୁ ହୋଇଥିଲା। ସୋମବାର ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଗୋଡ଼ିଡିହ ଗ୍ରାମକୁ ଯାଇ ପବିତ୍ର ବେହେରାଙ୍କ ପତ୍ନୀ ସସ୍ମିତା ବେହେରା(୪୫) ସଚିତ୍ର ବେହେରାଙ୍କ ପତ୍ନୀ କାମିନୀ ବେହେରା (୪୦)ଙ୍କୁ ମହିଳା ପୁଲିସଙ୍କ ଦ୍ୱାରା ଗିରଫ କରି କୋଣାର୍କ କୋର୍ଟ ଚାଲାଣ କରିଥିଲେ। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ନିମାପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା




**ଚାରିଛକ,୧୭।୧୧(ସମିସ):** ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ତ୍ରି-ଦିବସୀୟ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ "କନ୍ୟା ଅନମୋଲ୍ ହେ'ର ପ୍ରତିଷ୍ଠାତା ସରୋଜ କୁମାର ଦାଶ ଯୋଗଦେଇ ସମୃଦ୍ଧ ଓଡ଼ିଶା ଗଠନରେ ଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରୁ ଏହି କର୍ମଶାଳାର ଶୁଭାରମ୍ଭ କରାଗଲା। ଏହି ଅବସରରେ ତାଙ୍କର ସ୍ଲୋଗାନ ଥିଲା "ଲର୍ଣ୍ଣ ଟୁଡେ, ଲିଡ ଟୁମରୋ'। ଏହି କର୍ମଶାଳାରେ ସମ୍ମାନିତ ଅତିଥି ରୂପେ ଗୋପୀନାଥ କାରିଗରୀ ଉତ୍ପାଦର ନିର୍ଦ୍ଦେଶକ ଅମୀୟ ପୋଦାର ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ବିଷ୍ଣୁ ପ୍ରସାଦ ବାରିକଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ତିନିଦିନ ପର୍ଯ୍ୟନ୍ତ ଛାତ୍ରୀଙ୍କୁ କତାରେ ନିର୍ମିତ ସାମଗ୍ରୀ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ନିମାପଡ଼ା ପ୍ରେସ କ୍ଲବ୍‌ର ବାର୍ଷିକୋତ୍ସବ ଉଦ୍‌ଯାପିତ




**ନିମାପଡ଼ା,୧୭।୧୧(ସମିସ):** ନିମାପଡ଼ା ପ୍ରେସ କ୍ଲବ୍‌ର ବାର୍ଷିକକୋତ୍ସବ ଆଦି ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବୀ ନରେନ୍ଦ୍ର କୁମାର ଦାଶ, ସମ୍ମାନିତ ଅତିଥିଭାବେ ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ପୂର୍ବତନ କାଉନସିଲର ଅରୁଣ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମଦିନ "ଆମ ନିମାପଡ଼ା ଆମ ସ୍ୱାଭିମାନ' ମୁଖପତ୍ର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ କୃତୀ ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲ। ପ୍ରଥମଦିନ ଶକ୍ତି ମିଶ୍ର ଓ ସାଥୀଙ୍କ ଦ୍ୱାରା ନୃତ୍ୟ ଗୀତ ସଂଗୀତ ପରିବେଷଣ ହୋଇଥିବା ବେଳେ ଦ୍ୱିତୀୟଦିନ ଓଡ଼ିଶୀ ନୃତ୍ୟ କୋଣାର୍କ ନାଟ୍ୟ ମଣ୍ଡପ ଏବଂ ସୁରତାଲ ଭୁବନେଶ୍ୱର ନାଭ୍ୟା ଜାଇତି ଓ ସାଥୀଙ୍କ ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା। ଆଜି ଉଦ୍‌ଯାପନୀ ଉତ୍ସବରେ ପ୍ରେସ କ୍ଲବ ସଭାପତି ଅକ୍ଷୟ କୁମାର ବେହେରା, ସମ୍ପାଦକ ରମାକାନ୍ତ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**କୃଷ୍ଣପ୍ରସାଦ,୧୭।୧୧(ସମିସ):** ପୁରୀଜିଲ୍ଲା କୃଷ୍ଣପ୍ରସାଦ ତହସିଲ ପଡ଼ିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୁରୀ ସାଂସଦ ସମ୍ବିତ ପାତ୍ର ଏବଂ ବ୍ରହ୍ମଗିରି ବିଧାନ ସଭା ବିଧାୟିକା ଉପାସନା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସକ ଉପସ୍ଥିତ ଶହ ଶହ ଚାଷୀ, ଯୁବକ ଯୁବତୀଙ୍କ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସଭାରେ ବିଡିଓ, ତହସିଲଦାର, କୃଷି ବିଭାଗ କର୍ମଚାରୀ ବ୍ଲକ୍ ମୁଖ୍ୟ ପଶୁ ଚିକିତ୍ସକ କିଶୋର କୁମାର ଦାସ, ବିଧାୟକଙ୍କ ପ୍ରତିନିଧି, ସାଂସଦ ପ୍ରତିନିଧି ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଉଠିଗଲା ଜନ୍ମ-ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ର

# ତାତିଲେ ଅଞ୍ଚଳବାସୀ; ଆନ୍ଦୋଳନ ଚେତାବନୀ

ସାକ୍ଷୀଗୋପାଳ,୧୭।୧୧(ସମିସ)

ସତ୍ୟବାଦୀ ବ୍ଲକ୍ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜନ୍ମ-ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରକୁ ଉଠାଇ ନିଆଯାଇଛି। ଏହାକୁ ଦୃଢ଼ ବିରୋଧ କରିଛନ୍ତି ଅଞ୍ଚଳବାସୀ। ସୂଚନାଯୋଗ୍ୟ ଅଳଗୁମଠାରେ ଦଶନ୍ଧି ଦଶନ୍ଧି ଧରି କାର୍ଯ୍ୟ କରୁଥିବା ଏହି ଜନ୍ମ-ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ର ଉପରେ ଅଳଗୁମ, ମଧୁବନ, ନୂଆ ସୋମେଶ୍ୱରପୁର, ନରେନ୍ଦ୍ରପୁର, ଶୁକଳ, ଆଳିଶ ସମେତ ସତ୍ୟବାଦୀର ୨୪ଟି ପଞ୍ଚାୟତବାସୀ ନିର୍ଭର କରୁଥିଲେ। ମାତ୍ର ଗତ ବର୍ଷେ ହେଲା ଏହି କେନ୍ଦ୍ରରୁ ଜନ୍ମ ମୃତ୍ୟୁ ପଞ୍ଜୀକରଣ ସେବାକୁ ଧୀରେ ଧୀରେ ସଙ୍କୁଚିତ କରି ଏବେ ଏହାକୁ ଏଠାରୁ ସମ୍ପୂର୍ଣ୍ଣ ରୂପେ ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କାର୍ଯ୍ୟ କରୁଥିବା ପଞ୍ଜୀରକରଣ କେନ୍ଦ୍ର କର୍ମଚାରୀଙ୍କୁ ସିଡିଏମ୍‌ଓଙ୍କ ଆଦେଶ ଚିଠି ସଂଖ୍ୟା ୧୭୪୫/୧୭-୦୯-୨୦୨୫ ଅନୁଯାୟୀ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏଠାରୁ ଜନ୍ମ-ମୃତ୍ୟୁ




ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପଞ୍ଜୀକରଣ କେନ୍ଦ୍ର ଉଠିଯିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ ଏହି ଜନ୍ମ ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ର ସ୍ଥାନାନ୍ତରକୁ ଦୃଢ଼ ବିରୋଧ କରିଛନ୍ତି। କାହା ସ୍ୱାର୍ଥରେ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ର ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହା ଫଳରେ ସ୍ଥାନୀୟ ଲୋକେ ବାରମ୍ବାର ଖର୍ଚ୍ଚାନ୍ତ ହୋଇ ସାକ୍ଷୀଗୋପାଳ କିଭଳି ଯିବେ ବୋଲି କହି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ଏହି କେନ୍ଦ୍ର କାର୍ଯ୍ୟ କରିବାକୁ ସମସ୍ତ ସୁବିଧା ଥିଲେ ବି କାହିଁକି ଏଠାରୁ ପ୍ରତ୍ୟାହାର କରାଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅଞ୍ଚଳବାସୀ ସ୍ଥାନୀୟ ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ କ୍ଷୋଭ ପ୍ରକାଶ ପୂର୍ବକ ଲିଖିତ ଭାବେ ଜଣାଇଛନ୍ତି। ତୁରନ୍ତ ଏହି ଆଦେଶର ପୁନର୍ବିଚାର ପୂର୍ବକ ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି କରିଛନ୍ତି। ସମାଜସେବୀ ସୁକାନ୍ତ କୁମାର ଜେନା (ବନା), ପ୍ରଶାନ୍ତ ଜେନା, ସରୋଜ କୁମାର ପ୍ରଧାନ, ସୁଧୀର ପରିଡ଼ା, ବାସୁଦେବ ମହାରଣା, ଗଣେଶ୍ୱର ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଲିଖିତ ପ୍ରତିବାଦ ପତ୍ର ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ଦିଆଯାଇଛି। ତୁରନ୍ତ ଏହି ଆଦେଶ ପ୍ରତ୍ୟାହାର କରାନଗଲେ ଦୃଢ଼ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏପରିକି ସ୍ଥାନୀୟ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି କହିଛନ୍ତି। ଏ ନେଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ (ସିଡିଏମ୍‌ଓ) ଡାକ୍ତର ଅକ୍ଷୟ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଳଗୁମରେ ଇଣ୍ଟରନେଟ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ତେଣୁ ଏହି ଜନ୍ମ ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରକୁ ସ୍ଥାନାନ୍ତର କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅପରପକ୍ଷରେ ସ୍ଥାନୀୟ ସମାଜସେବୀ ସୁକାନ୍ତ କୁମାର ଜେନାଙ୍କୁ କହିଛନ୍ତି ଯେ ଅଳଗୁମରେ ୪ଟି ଜନସେବା କେନ୍ଦ୍ର, ଗୋଟିଏ ଡାକଘର, ପ୍ରାଣୀ ଚିକିତ୍ସାଳୟ, ଗୋଟିଏ ହାଇସ୍କୁଲ ସମେତ ଆଖପାଖ ପଞ୍ଚାୟତରେ ମଧ୍ୟ ବହୁ ସରକାରୀ ଅନୁଷ୍ଠାନରେ ଅନ୍‌ଲାଇନ୍ କାମ ସୁରୁଖୁରୁରେ ହେଉଥିବାବେଳେ ଡାକ୍ତରଖାନାରେ କେମିତି ଇଣ୍ଟରନେଟ୍ ଚାଲୁନାହିଁ, ତାହା ତଦାରଖ ନକରି ଏଭଳି ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ। ବରଂ ଏହି ଡାକ୍ତରଖାନାର ଚିକିତ୍ସାଧିକାରୀ ସାକ୍ଷୀଗୋପାଳରେ ରହୁଥିବାରୁ ସାର୍ଟିଫିକେଟ୍‌ରେ ଦସ୍ତଖତଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ସେଠାରେ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହେଉଛି।

# ବ୍ରହ୍ମଗିରିରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ବ୍ରହ୍ମଗିରି,୧୭।୧୧(ସମିସ):** ସୋମବାର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ୩ଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଶିବିରରେ ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳସେଚନ, ବେଆଇନ ମଦ କାରବାର




ଶରତ କୁମାର ବେହେରା, ଉପଜିଲ୍ଲାପାଳ ରାଜେନ୍ଦ୍ର କୁମାର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ବିଡିଓ ମନୀଷା ଷଡ଼ଙ୍ଗୀ, ତହସିଲଦାର ଶଶୀଭୂଷଣ ମିଶ୍ର, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ। ଏଥିରେ ମୋଟ ୫୧ଟି ଅଭିଯୋଗ ମିଳିଥିଲା। ସେଥିରୁ ଗୋଟିଏ ବ୍ୟକ୍ତିଗତ, ୪ଟି ଗ୍ରାମ ସମ୍ବନ୍ଧୀୟ ଓ ୩ ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍କ୍ଷଣାତ ବନ୍ଧ, ଭଡ଼ା, ରାସ୍ତା ମରାମତି, ରାସନ କାର୍ଡ, ସୁଭଦ୍ରା ଯୋଜନା, ପାନୀୟ ଜଳଯୋଗାଣ ଆଦି ୫୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ବିଶେଷ କରି ପୁରୀଠାରୁ ସାତପଡ଼ା ପର୍ଯ୍ୟନ୍ତ ରାଜରାସ୍ତାରେ ମାଳମାଳ ଗାଈଗୋରୁ ବୁଲୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟିଥିବା ନଜରକୁ ଆସିଛି। ସେଥିପାଇଁ ଆଇନଜୀବୀ ଭାସ୍କର ଚନ୍ଦ୍ର ଜେନା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ସାକ୍ଷୀଗୋପାଳ,୧୭।୧୧(ସମିସ):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳ ଖେଳପଡ଼ିଆରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟ ଭଲିବଲ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ, ଦୀପ ଅର୍ପଣ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନ କରି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ନିଜ ଦକ୍ଷତା ପ୍ରତିପାଦନ କରିବାକୁ ଉତ୍ସାହିତ କରିଥିଲେ। ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି, ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ, ଅଧ୍ୟାପକ ପ୍ରକାଶ କୁମାର ସାହୁ ପ୍ରମୁଖ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଶୁଭ୍ରଦୀପ୍ତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ୨୧ଟି ମହାବିଦ୍ୟାଳୟର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଦୟାବିହାର ମହାବିଦ୍ୟାଳୟ ଏବଂ ପିପିଲି ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଘୁନାଥ ପରିଡ଼ା ଏହି ଆନ୍ତଃ ମହାବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ ଦିବସ




**ଚାରିଛକ,୧୭।୧୧(ସମିସ):** ଚାରିଛକ ପ୍ରେସକ୍ଲବ୍ ପକ୍ଷରୁ ସ୍ଥାନୀୟ ଏକାନ୍ତ ଆଶ୍ରମ ପରିସରରେ ଜାତୀୟ ପ୍ରେସ ଦିବସ-୨୦୨୫ ପାଳିତ ହୋଇଯାଇଛି। ପ୍ରେସ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଜାତନ୍ତ୍ର ପଶ୍ଚିମବଙ୍ଗର ଅବସରପ୍ରାପ୍ତ ସହ-ସମ୍ପାଦକ ନାରାୟଣ ବେହେରା, ମୁଖ୍ୟବକ୍ତାଭାବେ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥିଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳେଇ, ପ୍ରାକ୍ତନ ପ୍ରାଧ୍ୟାପକ ପଞ୍ଚାନନ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କାହ୍ନୁଚରଣ ବେହେରା, ପୂର୍ବତନ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଚକ୍ରଧର ସା, ତୁଳସୀପୁର ଗ୍ରାମ୍ୟକମିଟି ସଭାପତି ବନବିହାରୀ ଦାଶ, ନିଗମାନନ୍ଦ ମହାବିଦ୍ୟାଳୟ ଚାରିଛକର ପୂର୍ବତନ ଗ୍ରନ୍ଥାଗାରିକ ପଣ୍ଡିତ ମୁରଲୀଧର ଭାରତୀ, କୃଷକନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ରବୀନ୍ଦ୍ର କୁମାର ସେନାପତି, ଅଧୀନ ପାତ୍ର, ଗଙ୍ଗାଧର କର ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ଦେଶର ଚତୁର୍ଥସ୍ତମ୍ଭ, ଖବରଦାତାମାନେ ସର୍ବଦା ସତ୍ୟ, ନିରପେକ୍ଷ ଓ ନିର୍ଭୀକ ଖବର ପରିବେଷଣ କଲେ ଦେଶ ତଥା ରାଜ୍ୟର ବିକାଶ ହେବା ସହ ଜନ ସାଧାରଣ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସ୍ତମ୍ଭକାର ସନ୍ତୋଷ ଦାଶଙ୍କ ସମେତ ୫ଜଣ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବସନ୍ତ ଦାସ, ପ୍ରତାପ କୁମାର ମଲ୍ଲିକ, ସୁକାନ୍ତ କର ଓ ରଞ୍ଜନ କୁମାର ଦାସଙ୍କୁ ପ୍ରେସ୍ କ୍ଲବ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର ସମ୍ପାଦକ ଡଃ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ସାମ୍ବାଦିକ ହେମନ୍ତ କୁମାର ମହାରଥୀ ସମ୍ବର୍ଦ୍ଧିତ

**କଣାସ,୧୭।୧୧(ସମିସ):** କଳିଙ୍ଗ ୟୁନିୟନ ଅଫ ୱାର୍କିଂ ଓଡ଼ିଶା ଓ କଳିଙ୍ଗ ସାମ୍ବାଦିକ ସଂଘ ପିପିଲି ପକ୍ଷରୁ ଗତକାଲି ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଯୁବ ସାମ୍ବାଦିକ ହେମନ୍ତ କୁମାର ମହାରଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପାଟକୁରା ବିଧାୟକ, ଅରିନ୍ଦମ ମହାପାତ୍ର, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ଶିଶୁ ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ସର୍ବଭାରତୀୟ ସାମ୍ବାଦିକ ମହାସଂଘ ନୂଆଦିଲ୍ଲୀର ଗୋପାଳ ମିଶ୍ରାଜୀ, ମୋହନ କୁମାର ଜୀ, ସଂଘର ରାଜ୍ୟ ସଭାପତି ମନୋଜ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ମହାରଥୀଙ୍କୁ ସମ୍ବର୍ଦ୍ଧନା ଫଳକ, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ସୂଚନା ଥାଉକି ଏକ



ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଖବର କାଗଜରେ ଆଞ୍ଚଳିକ ସମସ୍ୟା ଓ ଅଭାବ ଅସୁବିଧା ସମ୍ପର୍କରେ ଲେଖନୀ ଚାଳନା କରି ତ୍ୱରିତ ସମାଧାନ ଦିଗରେ ଶ୍ରୀ ମହାରଥୀଙ୍କ ଅଗ୍ରଣୀ ଭୂମିକା ରହିଛି।

# ଗୋପରୁ ଅପହୃତା ନାବାଳିକା ତାମିଲନାଡୁରୁ ଉଦ୍ଧାର

**ଗୋପ,୧୭।୧୧(ସମିସ):** ଗୋପରୁ ଜଣେ ନବମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବାବେଳେ ଅଢ଼େଇ ମାସ ପରେ ତାମିଲନାଡୁର ଉଦ୍ଧାର କରିଛି ଗୋପ ପୁଲିସ। ତାମିଲନାଡୁ ନାମକଲା ଜିଲ୍ଲାର ଏକ ସୂତା ମିଲ୍‌ର ଏକ ଭଡ଼ା ଘରୁ ଉଦ୍ଧାର କରାଯାଇଛି। ଖବରରୁ ପ୍ରକାଶ ଗୋପ ଥାନା କୁଆପଡ଼ା ଅଞ୍ଚଳର ଏହି ଛାତ୍ରୀ ଗତ ସେପ୍ଟେମ୍ବର ମାସ ୧ ତାରିଖ ମଧ୍ୟାହ୍ନରେ ନିଖୋଜ ଥିବା ନେଇ ନାବାଳିକାର ପରିବାର ଲୋକେ ବନ୍ଧୁ ବାନ୍ଧବ ଘରସହିତ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନପାଇବାରୁ ଗୋପ ଥାନାରେ ଅଭିଯୋଗ କରିଥିଲେ। ନାବାଳିକାର ମାଆଙ୍କ ଅଭିଯୋଗକୁ ଭିତ୍ତିକରି ଗୋପ ଥାନାରେ ୨୮୫/୨୦୨୫ରେ ରୁଜୁ କରି ପୁଲିସ ବିଭିନ୍ନ ସ୍ଥାନରେ ଖୋଜା ଖୋଜି ଆରମ୍ଭ କରିଥିଲେ। ଓରୁଆଳି ଗ୍ରାମର ଜଣେ ଯୁବକ ତାମିଲନାଡୁର ନାମକଲା ଜିଲ୍ଲାରେ ଥିବା ଏକ ସୂତା କାମ କରୁଥିବା ବେଳେ ନାବାଳିକା ଅପହରଣରେ ସମ୍ପୃକ୍ତ ଥିବା ସେହି ଯୁବକର ମୋବାଇଲ ଟ୍ରାକିଂ କରି ଗୋପ ପୁଲିସ ସୁରାକ ପାଇଥିଲା। ତେବେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନିସ୍‌ପେକ୍ଟର ବୁଦ୍ଧରାୟ ମାଝୀଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ଟିମ ତାମିଲନାଡୁ ଯାଇ ଭଡ଼ା ଘରୁ ନାବାଳିକା ସହିତ ଓରୁଆଳି ଗ୍ରାମର ଅପହରଣରେ ସମ୍ପୃକ୍ତ ଯୁବକ କାଳନ୍ଦୀ ଚରଣ ଭୋଇଙ୍କୁ ଗିରଫ କରି ଗୋପ ଆଣିଥିଲେ। ତେବେ ଆଜି ଉଭୟଙ୍କୁ ଡାକ୍ତରୀ ମାଇନା କରିବା ପରେ ଅପହରଣରେ ସମ୍ପୃକ୍ତ ଯୁବକ କାଳନ୍ଦୀ ଚରଣ ଭୋଇଙ୍କୁ କୋର୍ଟରେ ହାଜର କରିବା ପରେ ଜାମିନ ନାମଞ୍ଜୁର ହେବାରୁ ପୋକ୍ସୋ ଆକ୍ଟରେ ଜେଲେ ଯାଇଥିବା ବେଳେ ନାବଳିକାକୁ ପୁରୀ ସୁଧାର ଗୃହରେ ଛଡ଼ା ଯାଇଥିବା ସବଇନ୍ସପେକ୍ଟର ବୁଦ୍ଧରାୟ ମାଝୀ କହିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କଣାସ,୧୭।୧୧(ସମିସ):** କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ସିରେଇ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁ ୭୩ବର୍ଷଙ୍କ ଆଜି ଭୁବନେଶ୍ୱରପରଲୋକ ହୋଇଯାଇଥିବା ଜଣାପଡିଛି। ଶ୍ରୀସାହୁ କିଛି ଦିନ ହେଲା ହୃଦରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ତାଙ୍କର ଶବକୁ ଭୁବନେଶ୍ୱରରୁ ଗ୍ରାମକୁ ଅଣାଯାଇ ସତ୍କାର କରାଯାଇଥିଲା। ଶ୍ରୀ ସାହୁ ଜଣେ ଆର୍ଦଶ ଶିକ୍ଷଭାବେ ସୁନାମ ଅର୍ଜନ କରିଥିବା ବେଳେ ସେ ବିଭିନ୍ନ ସଂସ୍ଥାରେ ସମାଜସେବା କ୍ଷେତ୍ରରେ କାର୍ଯ୍ୟକରି ପ୍ରସଂଶିତ ହୋଇଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ପରେ ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ରେଳ ଓଭରବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ଖୁବ୍‌ଶୀଘ୍ର

# ପୁନର୍ବାସ, ଥଇଥାନ ନେଇ ମାର୍ଗଦର୍ଶିକା ଜାରି

ସାକ୍ଷୀଗୋପାଳ,୧୭।୧୧(ସମିସ)

ଖୋର୍ଦ୍ଧା-ପୁରୀ ରେଳପଥର ସାକ୍ଷୀଗୋପାଳ-ଅଳଗୁମ ରାସ୍ତାରେ କେପି ୪୭ ରେଳ ଫାଟକ ନିକଟରେ ପ୍ରସ୍ତାବିତ ରେଳ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ କରିବା ପାଇଁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ଏହି ଓଭର ବ୍ରିଜ ନିର୍ମାଣ ପାଇଁ ଜୟପୁର ଏବଂ ସତ୍ୟବାଦୀ ଓରଫ ପେଣ୍ଟପଡ଼ା ଓରଫ ଗୋପାଳପୁର ପାଟଣା ମୌଜାର ଚିହ୍ନଟ ହୋଇଥିବା ଜମିରେ ପୁନର୍ବାସ ଓ ଥଇଥାନ ଯୋଜନା ପାଇଁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଉକ୍ତ ମାର୍ଗ ଦର୍ଶିକାରେ ଏହି ପ୍ରକଳ୍ପ ନିମନ୍ତେ ୨୦୨୬ରେ ବିସ୍ଥାପିତ ହେଉଥିବା କ୍ଷତିଗ୍ରସ୍ତମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ (ଆର୍ ଏବଂ ଆର୍) ସ୍କିମ ଅନୁଯାୟୀ ସ୍ଥିର କରାଯାଇଛି। ପ୍ରକଳ୍ପରେ ସମୁଦାୟ (ଏ . ୩ .୮ ୩୫୫)




ଦେବୋତ୍ତର ଓ ଘରୋଇ ଜମି ଅଧିଗ୍ରହଣ କରାଯିବ। ଏଥିପାଇଁ ବ୍ୟକ୍ତିଗତ ଜମି ଉପରେ ସମ୍ପୂର୍ଣ୍ଣ ବିସ୍ଥାପିତ ହେଉଥିବା ପ୍ରତି ପରିବାର ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ ପ୍ରସ୍ତୁତ କରାଯାଇଛି। ଗୃହ ଜମି ପାଇଁ ରାଶି ଟ ୧,୦୪,୧୫୫ ରହିଛି। ଥଇଥାନ ଗୃହ ନିର୍ମାଣ ପାଇଁ ଟ ୩,୩୯.୩୮୩ ର ଅର୍ଥ ରାଶି ରହିଛି। ସେହିପରି ଏକକାଳୀନ ଥଇଥାନ ପାଇଁ ଅର୍ଥ ରାଶିର ପରିମାଣ ଟ ୧,୧୩.୧୨୮ ରହିଛି। ବ୍ୟକ୍ତିଗତ ଜମି ଉପରେ ଆଂଶିକ ବିସ୍ଥାପିତ ହେଉଥିବା ପ୍ରତି ପରିବାର ପୁନର୍ବାସ ଏବଂ ଥଇଥାନ ନିମନ୍ତେ ଏକକାଳୀନ ପ୍ୟାକେଜ ହେଉଛି ଟ ୧.୦୪,୧୫୫ ଅର୍ଥ ରାଶି ରହିଛି। ବ୍ୟକ୍ତିଗତ, ସରକାରୀ, ମଠ, ଦେବୋତ୍ତର ଜମି ଉପରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ପୁନର୍ବାସ ଏବଂ ଥଇଥାନ ପାଇଁ ପ୍ରସ୍ତୁତ ପ୍ୟାକେଜରେ ଚଟାଣ କ୍ଷେତ୍ର ୧୦୦ ବର୍ଗଫୁଟକୁ ଟ ୧.୨୫.୦୦୦ ଅର୍ଥ ରାଶି ପ୍ରଦାନ କରାଯିବ। ଚଟାଣ କ୍ଷେତ୍ର ୧୦୦ ବର୍ଗଫୁଟରୁ ୨୦୦ ବର୍ଗ ଫୁଟକୁ ଟ ୨,୦୦,୦୦୦ ଓ ୨,୦୦, ୦୦୦ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବେସରକାରୀ, ସରକାରୀ ଓ ଦେବୋତ୍ତର, ମଠ ଜମିରେ ବେଆଇନ ଭାବେ ଗୃହ ନିର୍ମାଣ କରି ବାସ କରୁଥିବା ପରିବାର ସମ୍ପୂର୍ଣ୍ଣ/ଆଂଶିକ ବିସ୍ଥାପିତ ପାଇଁ ମଧ୍ୟ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଭିନ୍ନ ଭିନ୍ନ ପ୍ୟାକେଜ ପ୍ରସ୍ତୁତ କରାଯାଇଛି। ଉକ୍ତ ମାର୍ଗଦର୍ଶିକା ଅନୁଯାୟୀ ଯଦି ପ୍ରଭାବିତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ ଓ ଜମି ମାଲିକଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କିତ କୌଣସି ଆପତ୍ତି ରହିଥାଏ ତେବେ ମାର୍ଗଦର୍ଶିକା ପ୍ରକାଶନର ୧୫ ଦିନ ମଧ୍ୟରେ ଭୂ ଅର୍ଜନ ଅଧିକାରୀ ତଥା ଉପଜିଲ୍ଲାପାଳ ପୁରୀ ଏବଂ ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କୁ ଜଣାଇବାକୁ ମାର୍ଗ ଦର୍ଶିକାରେ ସୂଚନା ଦିଆଯାଇଛି।

୧୭/୧୧/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୭୩,୧୬୭/-
ସୁନା: ୦୧.୩୦୦ ଗ୍ରାମ୍
ରୁପା: ୧୧.୩୦୦ ଗ୍ରାମ୍



### ଶ୍ରୀମନ୍ଦିର ପ୍ରବେଶରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଦାବି

# ୨୨ରେ ନିରବ ପ୍ରତିବାଦ, ସମୂହ ଦୀପଦାନ

**ପୁରୀ,୧୭।୧୧(ସମିସ):** ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଉ ଅବଢା ସେବନ କରିବା ସହ ପରିବାର ସଦସ୍ୟଙ୍କ ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ବରଂ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ଏକ ଚିନ୍ତାରେ ପରିଣତ ହୋଇଛି। ଏବେ ଦର୍ଶନ ପାଇଁ ହେଉ କି ଅବଢା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ଛିଡା ହେବାକୁ ପଡୁଛି। ତେଣୁ ଏହାକୁ ନେଇ ପୁରୀ ସହରବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୀବାସୀଙ୍କ ଶ୍ରୀଜଗନ୍ନାଥ ଦର୍ଶନ କିଭଳି ସୁଗମ ହେବ ସେ ନେଇ ଗଠନ ହୋଇଥିବା ଷ୍ଟିୟରିଂ କମିଟି ବୈଠକ ସୋମବାର ସାଲବେଗ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା।

ତେବେ ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ, ଚାରିଦ୍ୱାର ବାଟେ ପୁରୀବାସୀ ମନ୍ଦିର ଭିତରକୁ ପ୍ରବେଶ କରିବେ। ଭିତରେ ଗୋଟିଏ ଦୁଆର ଯଥା ଘଣ୍ଟି ଦୁଆର, ଗାରଦ ଦୁଆର କିମ୍ବା ମୁଦଲି ଦ୍ୱାର ଦେଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉ। ଏଥିପାଇଁ ଆସନ୍ତା ୨୨ ତାରିଖରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏମାରମଠ ଚକଡାରେ ପୁରୀବାସୀ ସମୂହ ଦୀପଦାନ କରିବା ସହ ପ୍ଲାକାର୍ଡ ଧରି ନୀରବ ପ୍ରତିବାଦ କରି ସରକାରଙ୍କ ନିକଟରେ ଦାବି ଉପସ୍ଥାନ କରିବେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ପୁରୀବାସୀଙ୍କ ଦର୍ଶନ ସୁବିଧା ଉପରେ ଆଲୋକପାତ ଓ ଦାବି ଉପସ୍ଥାପନ ପାଇଁ ସମୟ ମଗାଯାଇଛି। ଆଗାମୀ ଦିନରେ ପୁରୀର ସମସ୍ତ ସାହି, ବସ୍ତିରେ ଦସ୍ତଖତ ଅଭିଯାନ କରାଯିବ। ବିଭିନ୍ନ ୱାର୍ଡ ସ୍ତରରେ ସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



ପୁରୀ ସହରବାସୀ କେଉଁ ଆବାହମାନ କାଳରୁ ଶ୍ରୀଜଗନ୍ନାଥଙ୍କୁ ନିଜ ଘରର ଦେବତା ଭାବେ ଗ୍ରହଣ କରିଆସୁଛନ୍ତି। ଏଥିସହ ବିନା ଦ୍ୱିଧାରେ ମହାପ୍ରଭୁଙ୍କ ଦର୍ଶନ ଏବଂ ଆବଶ୍ୟକ ସମୟରେ ବିନା ବାଧାରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରସାଦ ଆଣି ପାରୁଥିଲେ। କିନ୍ତୁ ବର୍ତ୍ତମାନ ଭକ୍ତଙ୍କ ଅସମ୍ଭବ ବୃଦ୍ଧି ଓ ସେମାନଙ୍କ ଦର୍ଶନ ଆଗ୍ରହକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଶୃଙ୍ଖଳିତ ଦର୍ଶନ ନିମିତ୍ତ ବିଭିନ୍ନ ବ୍ୟବସ୍ଥାବଳୀ ଆପଣାଇଛନ୍ତି, ଯଦ୍ୱାରା ପୁରୀ ସହରବାସୀଙ୍କ ସୁଲଭ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ବାଧା ଉପୁଜିଛି। ପୁରୀ ସହରର ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୃତ୍ରିମ ଦୂରତ୍ୱ ବୃଦ୍ଧି ପାଇଛି, ଯାହା ଭକ୍ତଙ୍କ ମନରେ ଆଘାତ ସୃଷ୍ଟି କରିଛି। ସମୟକ୍ରମେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏଦିଗ ପ୍ରତି ଭୃକ୍ଷେପ ମଧ୍ୟ କରୁନାହାନ୍ତି। ତେଣୁ ସରକାରଙ୍କ ଦୃଷ୍ଟିଗୋଚର ନିମନ୍ତେ

### ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଦାବି ଜଣାଇବାକୁ ଷ୍ଟିୟରିଂ କମିଟିର ନିଷ୍ପତ୍ତି

ବାଧ ହୋଇ ପୁରୀ ସହରବାସୀ ଏକାଠି ହୋଇଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସହରର ଅନେକ ବୃଦ୍ଧବୃଦ୍ଧା ଭକ୍ତ ଅଛନ୍ତି ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ ନ କରିବା ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ କରନ୍ତି ନାହିଁ।

ଏଭଳି ବାସ୍ତବତାକୁ ଉପଲବ୍ଧି କରି ପୁରୀ ସହରବାସୀ ଯେପରି ସହଜରେ ମନ୍ଦିରକୁ ପ୍ରବେଶ କରିପାରିବେ ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ବାରିକେଡ ମଧ୍ୟରୁ ଗୋଟିଏ ବାରିକେଡ ପୁରୀବାସୀଙ୍କ ପାଇଁ ଉଦ୍ଦିଷ୍ଟ ରଖାଯାଉ। ଶ୍ରୀମନ୍ଦିରର ଅନ୍ୟ ତିନିଦ୍ୱାର (ଉତ୍ତର, ପଶ୍ଚିମ, ଦକ୍ଷିଣ) ଦେଇ ପୁରୀବାସୀଙ୍କୁ ପ୍ରବେଶ ସୁଯୋଗ ମିଳୁ। ପୁରୀ ସହରର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଉପଲବ୍ଧ କରାଯାଉ। ଏହିହି ବ୍ୟବସ୍ଥା ପୁରୀବାସୀଙ୍କ ନିମନ୍ତେ ସବୁଦିନ ଲାଗି କରାଯିବାକୁ ବୈଠକରେ ସ୍ଥିର ହୋଇଛି।

# ମହାପ୍ରଭୁଙ୍କ ପଇତାଲାଗି

**ପୁରୀ,୧୭।୧୧(ସମିସ):** ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ୫ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମଇଲମ ହୋଇଥିଲା। ୫ଟା ୫୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଜ ଘରକୁ ବିଜେ କରିଥିଲେ। ସନ୍ଧ୍ୟା ୬ଟା ୫ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭ ହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

# 'ଆଶ୍ରୟ'ରେ ଆଇନ ସଚେତନତା ଶିବିର



**ପୁରୀ,୧୭।୧୧(ସମିସ):** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସୋମବାର ସର୍ବୋଦୟନଗରସ୍ଥିତ 'ଆଶ୍ରୟ' ବୃଦ୍ଧାଶ୍ରମରେ ପିତାମାତା ଏବଂ ବରିଷ୍ଠ ନାଗରିକମାନଙ୍କ ପ୍ରତିପାଳନ ସହ ସେମାନଙ୍କର ମଙ୍ଗଳ, ସୁଖ, ସ୍ୱାସ୍ଥ୍ୟ ଓ ଉନ୍ନତି ଉପରେ ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ ଆଇନ ସହାୟତା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇଥିଲେ। ଏଥିସହ ଆଇନ ସେବା କ'ଣ ଏବଂ ଏହି ସେବା ପାଇବା ପାଇଁ କେଉଁମାନେ ଯୋଗ୍ୟ ସେ ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମାଜରେ ଅବହେଳିତ ହେଉଥିବା ବୃଦ୍ଧ ଦମ୍ପତି ଏବଂ ବରିଷ୍ଠ ନାଗରିକମାନଙ୍କର ପ୍ରତିପାଳନ ସହ ସେମାନଙ୍କର ମଙ୍ଗଳ, ସୁଖ, ସ୍ୱାସ୍ଥ୍ୟ ଓ ଉନ୍ନତି ସଂକ୍ରାନ୍ତରେ ରହିଥିବା ବିଭିନ୍ନ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏତଦ୍‌ବ୍ୟତୀତ ସେମାନଙ୍କର ଭରଣ ପୋଷଣ ଏବଂ ସୁରକ୍ଷା ଉପରେ କିପରି ଧ୍ୟାନ ଦିଆଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯକ୍ରମରେ ଯୋଗଦେଇଥିବା ଅନ୍ତେବାସୀମାନଙ୍କୁ ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଏବଂ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ସେଥିପାଇଁ ଆହ୍ୱାନ ଦେଇଥିଲେ।

# ଅପହୃତ ଦୁଇ ନାବାଳିକା ଉଦ୍ଧାର

**ପୁରୀ,୧୭।୧୧(ସମିସ):** ପୁରୀକୁ ଅପରାଧମୁକ୍ତ ଏବଂ ବେଆଇନ ନିଶା କାରବାର ବନ୍ଦ କରିବା ଲାଗି ପୁଲିସ ପକ୍ଷରୁ ଚାଲିଛି ଅପରେଶନ ଚକ୍ର। ଏହି ଅଭିଯାନରେ ପୁଲିସ ଦୁଇ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ଗତ ମାର୍ଚ୍ଚ ୫ ତାରିଖରେ ପିଳିପିଳାର ଜଣେ ବ୍ୟକ୍ତି ପୁରୀ ସଦର ଥାନାରେ ଲେଖିତ ଅଭିଯୋଗ କରିଥିଲେ। ଗତ ଜାନୁୟାରୀ ୫ ତାରିଖ ରାତି ୧ଟାରୁ ୨ଟା ମଧ୍ୟରେ ପ୍ରକାଶ ନାୟକ ନାମକ ଜଣେ ବ୍ୟକ୍ତି ତାଙ୍କର ୪/୫ ଜଣ ସହଯୋଗୀଙ୍କ ସହିତ ଅଭିଯୋଗକାରୀଙ୍କ ଘରେ ପଶିଥିଲେ। ମାରଣାସ୍ତ୍ର ଦେଖାଇ ଧମକ ଚମକ ଦେବା ସହ ତାଙ୍କ ୧୬ ବର୍ଷୀୟା ଝିଅକୁ ଅପହରଣ କରିଥିଲେ। ଏହି ଅଭିଯୋଗ ପାଇବା ପରେ ସଦର ପୁଲିସ ଏକ ମାମଲା (ନଂ.୧୧୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ଅପହୃତ ନାବାଳିକାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ଗତ ୧୦ ତାରିଖରେ ତୋଟାବଡା ନରହରିପୁରର ଜଣେ ବ୍ୟକ୍ତି ସଦର ଥାନାରେ ଲେଖିତ ଅଭିଯୋଗ କରିଥିଲେ। ତାଙ୍କ ୧୬ ବର୍ଷୀୟା ଝିଅକୁ ଚିନ୍ମୟ ସ୍ୱାଇଁ ନାମକ ଜଣେ ଯୁବକ ଘରୁ ଅପହରଣ କରି ନେଇଥିଲା। ଏ ନେଇ ପୁଲିସ ଏକ ମାମଲା (ନଂ.୬୮୪୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ରବିବାର ନାବାଳିକାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରଛି। କୌଣସି ସ୍ଥାନରେ ନାବାଳିକା ଓ ନାବାଳକଙ୍କୁ ସନ୍ଦେହଜନକ ଭାବେ ଦେଖୁଥିଲେ ତୁରନ୍ତ ୧୧୨କୁ କଲ୍ କରି ସୂଚନା ଦେବାକୁ ପୁରୀ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

● ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

**ପୁରୀ,୧୭।୧୧(ସମିସ):** ୨୦୨୪ରେ ସତ୍ୟବାଦୀ ଥାନାଞ୍ଚଳରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକା ଯୌନ ନିର୍ଯାତନା ମାମଲାର ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ସତ୍ୟବାଦୀ ଥାନା ଆଳିସର ଦାଶରଥି ମଲ୍ଲିକ (୨୮)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ଦାଶରଥି ୨୦୨୪ ଜୁଲାଇ ୨୭ ତାରିଖରେ ଜଣେ ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ୯ ବର୍ଷୀୟା ନାବାଳିକା ତା'ର ୩ ବର୍ଷର ଏକ ଭାଇ ସହିତ ଘର ନିକଟ ପୋଖରୀହୁଡ଼ାରେ ଖେଳୁଥିଲା। ଏହି ସମୟରେ ଅଭିଯୁକ୍ତ ଦାଶରଥି ପହଞ୍ଚି ନାବାଳିକାକୁ ଚକୋଲେଟ୍ ଦେଇ ପୋଖରୀହୁଡା କଡ଼ ନିଛାଟିଆ ଜାଗାକୁ ନେଇ ତା' ସହିତ ଦୁଷ୍କର୍ମ କରିଥିଲା। ଗାଁର ଏକ ଝିଅ ଦେଖି ନାବାଳିକାର ବାପାକୁ କହିଥିଲା। ନାବାଳିକା ଜଣଙ୍କ ତାଙ୍କ ପରିବାର ଲୋକଙ୍କୁ ସବୁ କଥା କହିବାରୁ ନାବାଳିକାର ବାପା ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ଗାଁର ଭଦ୍ରଲୋକ ବସିଥିବା ବେଳେ ଅଭିଯୁକ୍ତ ସେମାନଙ୍କୁ ଧମକ ଚମକ ଦେଇଥିଲା। ନାବାଳିକାର ବାପା ସେହିଦିନ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୧୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତବର୍ଷ ସେପ୍ଟେମ୍ବର ୨୪ ତାରିଖରେ ଏହାର ଚାର୍ଜସିଟ୍ ଦାଖଲ ହୋଇଥିଲା। ତେବେ ୨୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ସୋମବାର ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

# ଡିସେମ୍ବର ୧ରୁ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା

**ପୁରୀ,୧୭।୧୧(ସମିସ):** ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ କୋଣାର୍କ ଚନ୍ଦ୍ରଭାଗାଠାରେ ପୁରୀ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବ। ଏହି ମେଳାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମିତ୍ତ ଏକ ପ୍ରସ୍ତୁତି ବୈଠକ ସୋମବାର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କୋଣାର୍କ ନୃତ୍ୟ ମହୋତ୍ସବ, ଆନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ସହ ସୁଭଦ୍ରା ଶକ୍ତି ମେଳା ଏକ ସମୟରେ ଆୟୋଜନ ହେଉଥିବାରୁ ଗହଳିର ଆଶା କରାଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗମନାଗମନ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦିକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁ ବିଭାଗର ଯାହା ଦାୟିତ୍ୱ ତାହାକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ ସହ ଚଳିତ ବର୍ଷର ସୁଭଦ୍ରା ଶକ୍ତି ମେଳା ଚନ୍ଦ୍ରଭାଗାଠାରେ ଆୟୋଜିତ ହେବ। ଏଥିରେ ହସ୍ତଶିଳ୍ପ ସହ ପ୍ରାୟ ୨୦୦ ଷ୍ଟଲର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଥିଲେ। ପାର୍କିଂ ସ୍ଥଳ ଚିହ୍ନଟ, ବ୍ୟବହାର ଉପଯୋଗୀ, ଆବଶ୍ୟକ ସୁବିଧା ଉପଲବ୍ଧ କରାଇବା, ଆଲୋକ, ସ୍ୱଚ୍ଛତା, ଶୌଚାଳୟ, ପାନୀୟ ଜଳ, ରାସ୍ତାଘାଟ ସମତୁଲ, କଳାକାର ଓ ଷ୍ଟଲ ପାଇଁ ଆସିଥିବା ବ୍ୟକ୍ତିମାନଙ୍କ ରହଣୀ, ସୂଚନା ପ୍ରଦାନ, ପ୍ରଚାର ପ୍ରସାର ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ସମସ୍ତ ବ୍ୟବସ୍ଥା କୁ ଚୁଡାନ୍ତ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡିଆଇବିର ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ, କୋଣାର୍କ ବିଡ଼ିଓ ଛବିରାଣୀ ସାହୁ, କୋଣାର୍କ ଏନଏସିର ପୌର ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଓର୍‌ମାସର ଡେପୁଟି ସିଇଓ ନିଗମ ଚରଣ ଦାସ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମିଶନ ଶକ୍ତିର ଡିପିସି ସ୍ୱାଗତିକା ପରିଡା ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସାନ୍ଧ୍ୟ ସମୟରେ ସାଗର ସଙ୍ଗମର ଦୃଶ୍ୟ (ଫଟୋ - ଅନୀଲ)

# ଶ୍ରୀମନ୍ଦିରରୁ ପକେଟ୍‌ମାର ଗିରଫ

**ପୁରୀ,୧୭।୧୧(ସମିସ):** ଶ୍ରୀମନ୍ଦିର ଭିତରେ ସକ୍ରିୟ ହୋଇପଡିଛନ୍ତି ପେକଟ୍‌ମାର। ଭିଡ଼ର ସୁଯୋଗ ନେଇ ଭକ୍ତଙ୍କୁ ଲୁଟ୍ କରୁଛନ୍ତି। କେତେବେଳେ କାହା ବେକରୁ ସୁନାଚେନ ଝାମ୍ପି ନେଉଛନ୍ତି ତ ପୁଣି କେହି ପକେଟ୍ କାଟି ମନିପର୍ସ ଲୁଟି ନେଉଛନ୍ତି। ନିୟମିତ ବ୍ୟବଧାନରେ ଏହି ଲୁଟ୍ ଚାଲିଥିବା ବେଳେ ରବିବାର ଜଣେ ପକେଟ୍‌ମାରକୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ। ଧରାପଡିଥିବା ଅଭିଯୁକ୍ତ ହେଉଛି ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲା ତଡେପାଲ୍ଲିର ଜି. ଘଣ୍ଟେଶ୍ୱର ରାଓ। ଅଭିଯୋଗ ଅନୁଯାୟୀ, ରବିବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟା ସମୟରେ ଉତ୍ତରପ୍ରଦେଶ ମିରଟର ଅଦୀଶ କୁମାର ତାଙ୍କ ପରିବାର ସହ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ଘଣ୍ଟେଶ୍ୱର ଲୁଟ୍ କରିଥିଲା। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପସରା


● ନିୟମିତ ଯାଞ୍ଚ ହେଉନି ମାନ
● ନିମ୍ନମାନର ଖାଦ୍ୟ ଖାଉଛନ୍ତି ଭକ୍ତ, ପର୍ଯ୍ୟଟକ

**ପୁରୀ,୧୭।୧୧(ସମିସ):** ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ। ହେଲେ ଦୁଃଖର ବିଷୟ ଏଠାରେ ଖାଦ୍ୟର ମାନ ନିୟମିତ ଭାବେ ଯାଞ୍ଚ ହେଉ ନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଖାଦ୍ୟ ଖାଉଛନ୍ତି ଭକ୍ତ, ପର୍ଯ୍ୟଟକ ଏବଂ ସହରବାସୀ। ଏମିତି ସ୍ଥିତି ଏବେ ପୁରୀ ସହରରେ ଦେଖିବାକୁ ମିଳୁଛି। କେବଳ ରଥଯାତ୍ରା ଆସିଲେ ଖାଦ୍ୟର ମାନ ଯାଞ୍ଚକୁ ନେଇ ବେଶ୍ ହୋ ହଲ୍ଲା ହୁଏ। ଶୀତତାପ ନିୟନ୍ତ୍ରିତ କୋଠରି ମଧ୍ୟରେ ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ ବୈଠକରେ ଖାଦ୍ୟର ମାନକୁ ନେଇ ଅନେକ ଲମ୍ବା, ଚଉଡ଼ା ଭାଷଣ ଦେଇଥାନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ସମସ୍ତେ ଭାରି ପଡନ୍ତି। ଅଧିକାରୀ ମଧ୍ୟ ଏଥର ଯାଞ୍ଚ କଡାକଡି ହେବ ଏବଂ ଠିକଣା ସମୟକୁ ସବୁ କରିଦେବେ ବୋଲି କହି ଉତ୍ତେଜନାକୁ ପ୍ରଶମିତ କରିଦିଅନ୍ତି। ପୁଣି ବର୍ଷେ ଗୋଟାଏକୁ ଅପେକ୍ଷା। ମଝିରେ କାଁ ଭାଁ କେବେ କେମିତି ରାସ୍ତାପାଖର୍ ଜଳଖିଆ ଦୋକନରେ ଚଢାଉ କରି ଫଟୋ ଉଠାଇ ଦେଲେ କଥା ସରିଲା। ପୁରୀରେ ନିୟମିତ ଖାଦ୍ୟର ମାନ ଯାଞ୍ଚ କରାଯାଉ ନ ଥିବା ଅନେକ ସମୟରେ ସଚେତନ ନାଗରିକ କହୁଥିଲେ ହେଁ ଶୁଣୁଛି ବା କିଏ?




ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର। ଏଥିପାଇଁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହାକୁ ନଜରରେ ରଖି ଏଠାରେ ବହୁ ସଂଖ୍ୟାରେ ହୋଟେଲ, ରେଷ୍ଟୁରାଣ୍ଟ, ହଲିଡେ ହୋମ୍ ସମେତ ରାସ୍ତାପାଖର୍ ଅନେକ ଛୋଟ ହୋଟେଲ ବି ଗଢିଉଠିଛି। ସେହିପରି ଜଳଖିଆ ଦୋକାନୀଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଗରମ ଗରମ ଇଡଲି, ପୁରୀ, ଉପମା, ଚାଟ୍, ସିଙ୍ଗଡା, ବରା, ଆଳୁଚପ୍ ଏମିତି କେତେ କଣ? ପାଟିକୁ ସୁଆଦିଆ... ହେଲେ ଏଗୁଡିକୁ ଖାଇବା ପୂର୍ବରୁ କେବେ ଭାବିଛନ୍ତି ଏ ସବୁ କେତେ ସ୍ୱାସ୍ଥ୍ୟକର ? ରାସ୍ତାକଡ, ଗଳି କନ୍ଦିରେ ଏଭଳି ଶହ ଶହ ଫାଷ୍ଟଫୁଡ୍ ପସରା ମେଲିଛି। ଖୋଲାରେ ବିକ୍ରି ହେଉଛି ଏହିସବୁ ଖାଦ୍ୟ। ବଡ଼ଦାଣ୍ଡ ହେଉ ଅବା ସମୁଦ୍ରକୂଳ ସବୁଠି ଅଧିକାଂଶ ସମୟରେ ଅପମିଶ୍ରିତ ଖାଦ୍ୟ ଖାଉଛନ୍ତି ସହରବାସୀଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ। ସମୁଦ୍ରକୂଳରେ ରଙ୍ଗଦିଆ ଖାଦ୍ୟ ବିକ୍ରି କରାଯାଉଛି। ଅନେକ ସମୟରେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବାସୀଖାଦ୍ୟ ପରଷା ଯାଉଛି। ବଳକା ଖାଦ୍ୟକୁ ଫ୍ରିଜ, ରେଫ୍ରିଜେରେଟରରେ ଦୀର୍ଘଦିନ ରଖି ପର୍ଯ୍ୟଟକଙ୍କୁ ଖାଇବାକୁ ଦେଉଥିବା ନଜିର ରହିଛି। ଏପରି କି ଏହି ଘଟଣାରେ ମଝିରେ ମଝିରେ ଜରିମାନା ବି ଆଦାୟ କରାଯାଉଛି।

ସେହିପରି ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ବଢୁଥିବାରୁ ପୁରୀ ସହରରେ ବହୁ ସଂଖ୍ୟାରେ ଫାଷ୍ଟଫୁଡ୍ ଦୋକାନ ଖୋଲିଛି। ଅଧିକାଂଶ ଜାଗାରେ ନିମ୍ନମାନର ଖାଦ୍ୟ, ଭେଜାଲ ସାମଗ୍ରୀ, ଶସ୍ତା ରଙ୍ଗ, ତେଲ, ଟମାଟୋ ଓ ଚିଲି ସସ୍‌ର ବ୍ୟବହାର ହେଉଛି। ବିଶେଷକରି ବେଳାଭୂମିରେ ଏହିଭଳି ଖାଦ୍ୟ ଅଧିକ ମାତ୍ରାରେ ବିକ୍ରି କରାଯାଉଛି। ଦିନ ଦିନ ଧରି ବଳକା ତେଲରେ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଛଣାଯାଇ ଗ୍ରାହକଙ୍କୁ ପରଷା ଯାଉଛି। ସେହିପରି ଏଥିରେ ରଙ୍ଗ ବ୍ୟବହାର କରାଯାଉଛି, ଯାହା ଶରୀର ପାଇଁ ଅଧିକ କ୍ଷତିକାରକ। କିନ୍ତୁ ଏ ସବୁ ଜାଣିସୁଦ୍ଧା ବ୍ୟବସାୟୀ ଅଧିକ ଲାଭ ଆଶାରେ ଆଖି ବୁଜିଦେଉଥିବା ବେଳେ ଗ୍ରାହକ ବି ପାଟି ଖୋଲୁନାହାନ୍ତି। ସ୍ୱାଦ ପାଇଁ ସବୁକିଛି ଭୁଲି ଯାଉଛନ୍ତି। ଏହାଦ୍ୱାରା ନାନା ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି ଗ୍ରାହକ। ପେଟରୋଗ ଠାରୁ ହୃଦ୍‌ରୋଗ ଏପରିକି କ୍ୟାନସର୍ ଭଳି ମାରାତ୍ମକ ରୋଗକୁ ଡାକି ଆଣୁଛି ଏସବୁ ଖାଦ୍ୟ। କିନ୍ତୁ ଏଥିପ୍ରତି ଅଧିକାରମାନେ ସଚେତନ ନ ଥିବାରୁ ଦେଖିବାକୁ ମିଳୁଛି। ଏହାର ଗୋଟିଏ ସମାଧାନ ହେଉଛି ନିୟମିତ ଚଢାଉ ହେବା ଦରକାର। ଚଢାଉ ହେଲେ ବ୍ୟବସାୟୀମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଏବଂ ନିମ୍ନମାନର ଖାଦ୍ୟ ବିକ୍ରି କରିବାକୁ ଭୟ କରିବେ। କିନ୍ତୁ ପୁରୀରେ ସେଭଳି ଧରପଗଡ଼ ହେଉ ନାହିଁ। ଫଳରେ ଖାଦ୍ୟ ନାଁରେ ଲୋକଙ୍କୁ ଏକପ୍ରକାର ଜହର ପରଷା ଯାଉଛି ବୋଲି କହିଛନ୍ତି ବୁଦ୍ଧିଜୀବୀ ସମ୍ପଦ ସାହୁ। ବେଳାଭୂମି ଏବଂ ଏହା ସଂଲଗ୍ନ ସବୁ ଫାଷ୍ଟଫୁଡ ଦୋକାନରେ ନିମ୍ନମାନର ଖାଦ୍ୟ ପରସା ଯାଉଛି। ଏପରି କି ବିଭିନ୍ନ ସମୟରେ ଖରାପ ହୋଇଯାଇଥିବା ମାଛକୁ ମସଲାରେ ଗୋଳି ଏହାକୁ ଛାଣି ପର୍ଯ୍ୟଟକଙ୍କୁ ଖାଇବାକୁ ଦେଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ଏମିତି ଶହ ଶହ ଭକ୍ତ, ପର୍ଯ୍ୟଟକ ଏପରି କି ସ୍ଥାନୀୟ ଲୋକେ ମଧ୍ୟ ଏହାକୁ ଦେଖୁଛନ୍ତି। କିନ୍ତୁ ଏଥିରେ ଅଙ୍କୁଶ ଲାଗିପାରୁ ନାହିଁ।

# ସମ୍ପାଦକୀୟ



ପ୍ରକୃତି-ମଣିଷ ମଧ୍ୟରେ ନୈସର୍ଗିକ ସମ୍ପର୍କର ପୁନଃପ୍ରତିଷ୍ଠା ଦ୍ୱାରା ବିଶ୍ୱର ପ୍ରମୁଖ ସମସ୍ୟାର ସମାଧାନ ସମ୍ଭବ।
-ସୁନ୍ଦରଲାଲ୍ ବହୁଗୁଣା

ସକାଳ
THE SAKALA

## ସମବାୟକୁ ସୁଯୋଗ

ଇଣ୍ଟରନେଟ୍‌ରେ କାରବାର ବା ବ୍ୟବସାୟ ଉପରେ ନିର୍ଭରଶୀଳତା ଦିନକୁ ଦିନ ବୃଦ୍ଧି ପାଉଛି। ପାରମ୍ପରିକ ବଜାର ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଛି। ଆମାଜନ ଓ ଫ୍ଲିପକାର୍ଟ ଭଳି କମ୍ପାନୀର ପ୍ରାଧାନ୍ୟ କବଳରୁ ଆମଦେଶର ଆଭ୍ୟନ୍ତରୀଣ ବଜାରକୁ ସୁରକ୍ଷା ଦେବା ସକାଶେ ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଓଏନଡିସି ନାମରେ ଡିଜିଟାଲ ମାର୍କେଟିଂ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ତାହା ଆଶାନୁରୂପ ଅଗ୍ରଗତି ଲାଭ କରିପାରିନାହିଁ। ତେଣୁ ସମବାୟ ଭିତ୍ତିରେ ପ୍ରସ୍ତୁତ ସାମଗ୍ରୀର ବିପଣନ ଓ ବଜାର ସୃଷ୍ଟି କରିବାରେ ଓଏନଡିସି ସହାୟତାର ହାତ ବଢ଼ାଇବ। ସମବାୟ ମନ୍ତ୍ରାଳୟ ସହ ଏନେଇ ଆରମ୍ଭ ହୋଇଥିବା କଥାବାର୍ତ୍ତା ବେଶ ଅଗ୍ରଗତି ଲାଭ କରିଥିବାରୁ ଗ୍ରାମୀଣ ସ୍ତରରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବା କାରିଗର ଓ ହସ୍ତଶିଳ୍ପୀ ଏକ ବୃହତ୍ତର ବଜାର ମାଧ୍ୟମରେ ସ୍ୱାଭାବିକ ଭାବେ ଲାଭବାନ ହେବେ ବୋଲି ଆମେ ଆଶା କରିବା। ବିଭିନ୍ନ ସମବାୟ ଗୋଷ୍ଠୀର ବିକ୍ରି ଖରିଦ ବ୍ୟବସ୍ଥା ଓଏନଡିସିର ତାଲିକାଭୁକ୍ତ ହେବାକୁ ପଡ଼ିବ। ଆର୍ଥିକ ଦୃଷ୍ଟିରୁ ଦୁରବସ୍ଥାରେ ଥିବା ଦୁଇ ସଂଗଠନ ଏବେ ହାତ ମିଳାଇ ସମୃଦ୍ଧି ଓ ସମ୍ଭାବନାର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ମିଳିତ ପ୍ରୟାସ ଆମାଜନ ଓ ଫ୍ଲିପକାର୍ଟ ସଂସ୍ଥାର କେତେଦୂର ସମକକ୍ଷ ହୋଇପାରିବେ ତାହା ବଡ଼ ପ୍ରଶ୍ନ।

ସରକାରଙ୍କ ପ୍ରୋତ୍ସାହନ ସତ୍ତ୍ୱେ ଓଏନଡିସି ଉପଭୋକ୍ତା ବା ଖରିଦାରଙ୍କ ବିଶ୍ୱାସଭାଜନ ହୋଇପାରି ନଥିଲା। ଏବେ ସମବାୟ ସମିତି ମାଧ୍ୟମରେ ଉତ୍ପାଦିତ ସାମଗ୍ରୀ ପାଇଁ ବଜାରର ଆସ୍ଥାଭାଜନ ହେବା ଓଏନଡିସି ପାଇଁ ଏକ ସୁଯୋଗ। କାରଣ ଆମାଜନ ଓ ଫ୍ଲିପକାର୍ଟ ଭଳି ସଂସ୍ଥା ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏହି ଉତ୍ପାଦନ କ୍ଷେତ୍ର ପ୍ରତି ଯଥୋଚିତ ଗୁରୁତ୍ୱ ଦେଇପାରିନାହାନ୍ତି। ଉପଭୋକ୍ତା ବଜାରରେ ସେସବୁର ଚାହିଦା ଏବେ ମଧ୍ୟ ରହିଛି। ଅନ୍ୟ ଏକ ଦିଗ ହେଉଛି ରିଜର୍ଭବ୍ୟାଙ୍କ ସମବାୟ ବ୍ୟାଙ୍କର ଅଂଶଧନ ପୁଞ୍ଜିବଜାରରେ ବିନିଯୋଗ ବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବାର ସୂଚନା ଦେଇଛନ୍ତି। ଏଥିଲାଗି ପ୍ରସ୍ତୁତ ଚିଠା ନୀତି ଓ ନିୟମ ପ୍ରସ୍ତୁତ କରିଛନ୍ତି। ଏହା ଚଳିତ ଆର୍ଥିକ ବର୍ଷର ଶେଷଭାଗରେ ଚୂଡ଼ାନ୍ତ ରୂପ ନେବ। ଏଥିମଧ୍ୟରେ ବିଭିନ୍ନ ସମବାୟ ବ୍ୟାଙ୍କ ଓ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ଶୀର୍ଷ ସଂଗଠନ ଏନୟୁସିଏଫଡିସ ପକ୍ଷରୁ ରିଜର୍ଭବ୍ୟାଙ୍କର ଏହି ପ୍ରସ୍ତାବ ସଂପର୍କରେ ଅନୁକୂଳ ମତାମତ ମିଳିଛି। ଏହା ବ୍ୟାଙ୍କର ପୁଞ୍ଜି ଅଭିବୃଦ୍ଧି ଏବଂ ଅନାଦେୟ ପୁଞ୍ଜି ସମସ୍ୟା ସମାଧାନରେ ସହାୟକ ହେବ। ଏମିତିରେ ଦେଖିବାକୁ ଗଲେ ସମବାୟ ବ୍ୟାଙ୍କଗୁଡ଼ିକୁ ସଦସ୍ୟଙ୍କ ଅନୁଦାନ ଓ ଜମାରାଶି ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥଳ ବିଶେଷରେ ଏବିଏଫସି କିମ୍ବା ଅନ୍ୟବ୍ୟାଙ୍କରୁ ଋଣ କରିବାର ବାଧ୍ୟବାଧକତା ରହିଛି। ତେବେ କମ୍ପାନୀ ଆଇନ କିମ୍ବା ସେବିର ପରିସରଭୁକ୍ତ ହୋଇନଥିବାରୁ ଏକ୍ଷେତ୍ରରେ ଥିବା ପ୍ରତିବନ୍ଧକ କିପରି ଦୂର ହୋଇପାରିବ ସେନେଇ ଚିଠା ପ୍ରସ୍ତାବରେ ବ୍ୟବସ୍ଥା ରହିଛି। ଏଥିମଧ୍ୟରେ ଏନୟୁସିଏଫ୍‌ଡିସି ନିଜସ୍ୱ ନିୟାମକ ସଂଗଠନ ଯୋଗ୍ୟତା ହାସଲ କରିବାକୁ ଯାଉଥିବାରୁ ତଥାକଥିତ ପ୍ରତିବନ୍ଧକ ଦୂର ହେବ ବୋଲି ଆଶାକରୁ। ସମବାୟ ସଂସ୍ଥାର ଦୁର୍ନୀତି ଓ ଦୁର୍ନାମ ସର୍ବଜନବିଦିତ। ତେବେ ସଂସ୍ଥାକୁ ଆଗାମୀ ଦିନରେ ସକ୍ଷମ ଓ ସମୃଦ୍ଧ କରିବା ପାଇଁ ହେଉଥିବା ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ। ●

## ବାଲିଯାତ୍ରା ବ୍ୟବଚ୍ଛେଦ

ଐତିହ୍ୟ ପରମ୍ପରା ଓ ପ୍ରସିଦ୍ଧି ଦୃଷ୍ଟିରୁ କଟକ ବାଲିଯାତ୍ରା ଅନନ୍ୟ। ଏହି ଉତ୍ସବର ଆୟୋଜନ, ପ୍ରାୟୋଜନ ଓ ପରିଚାଳନା ମୁଖ୍ୟତଃ ସିଏମସି ତୁଲାଇ ଆସିଛି। ପ୍ରଥମଥର ସକାଶେ ସିଏମସିକୁ ବାଦ ଦେଇ ଜିଲ୍ଲା ପ୍ରଶାସନ ହିଁ ସର୍ବେସର୍ବା ହୋଇଛି। ଏଠାରେ ଆମେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଚାହୁଁ। ଆରମ୍ଭରୁ ବାଲିଯାତ୍ରା ଉପରପଡ଼ିଆରେ ସୀମିତ ଥିଲା। ଗଡ଼ଗଡ଼େଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ହିଁ ଯାତ୍ରା ସକାଶେ ଉତ୍ସବ ମୁଖର ହୋଇପଡ଼େ। ସମୟକ୍ରମେ ମହାନଦୀ ସଂକୁଚିତ ହେବା ସହ କୂଳ ଦୂରକୁ ଘୁଞ୍ଚିଯିବାରୁ ସୃଷ୍ଟି ହୋଇଥିବା ନୂଆ ବାଲୁକା ପଠାକୁ ସଂପ୍ରସାରିତ ହୋଇଥିଲା ବାଲିଯାତ୍ରା। କିନ୍ତୁ ଏହା ଅର୍ଥ ନୁହେଁ ଉପର ପଡ଼ିଆ ଗୁରୁତ୍ୱ ହରାଇଛି। ଜିଲ୍ଲା ପ୍ରଶାସନ ଓ ସିଏମସି ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା ଉପର ପଡ଼ିଆକୁ ନେଇ। ସମସ୍ତଙ୍କ ଦାବିକୁ ଏଡ଼ାଇ ଯାଇ ଜିଲ୍ଲାପ୍ରଶାସନ ଉପର ପଡ଼ିଆକୁ ବାଲିଯାତ୍ରାକୁ ଏକପ୍ରକାର ବାଦ ଦେଲେ। ଏହି ପ୍ରତିବାଦ ଓ ପ୍ରତିରୋଧ ଜିଲ୍ଲା ପ୍ରଶାସନ ପାଇଁ ଅସହଣୀୟ ହୋଇଗଲା ଏବଂ ଉଦ୍ଦେଶ୍ୟମୂଳକ ଭାବେ କେବଳ ସିଏମସିକୁ ନୁହେଁ ସହରର ପ୍ରଥମ ନାଗରିକ ମେୟରଙ୍କୁ ଅଣଦେଖା ଓ ଅସମ୍ମାନ କରାଗଲା। ଏପରିକି ଉଦ୍‌ଯାପନ ଉତ୍ସବ ନିମନ୍ତ୍ରଣପତ୍ରରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଲା ନାହିଁ। ଲୋକପ୍ରତିନିଧି ଯେଉଁ ଦଳର ହୁଅନ୍ତୁ ନା କାହିଁକି ତାଙ୍କୁ ପ୍ରଶାସନ ଅମର୍ଯ୍ୟାଦା ବା ଅସମ୍ମାନ କରିପାରିବ ନାହିଁ।

ବାଲିଯାତ୍ରାର ବ୍ୟବଚ୍ଛେଦ କଲାବେଳେ ମେୟର ଓ ପୁଲିସି ଡିଜିଙ୍କ ପ୍ରତିକ୍ରିୟା ସ୍ୱତନ୍ତ୍ର ଉଲ୍ଲେଖ ଦାବି କରେ। ୨୦୨୪ ମସିହାରୁ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନକୁ ବିରୋଧ କରି ଆସିଥିବା ଜିଲ୍ଲାପାଳ ଏଥର ସମସ୍ତ ଦାୟିତ୍ୱ ହାତକୁ ନେଇ ତାଙ୍କ ଉଦ୍ଦେଶ୍ୟକୁ ସାକାର କରିଛନ୍ତି। ସହରର ଛୋଟମୋଟ ବେପାରୀଙ୍କ ପେଟକୁ ନାତ ମାରିଛନ୍ତି। କଟକରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ପୁଲିସ ଡିଜି ୱାଇ. ଭି.ଖୁରାନିଆ କହିଛନ୍ତି ଯେ ପର୍ବପର୍ବାଣି ଓ ଯାତ୍ରା ସମୟରେ ମେଗାଷ୍ଟାରମାନଙ୍କୁ ଡାକିବା କଥା କି ନୁହେଁ ସେ ସଂପର୍କରେ ଆୟୋଜକମାନେ ବହୁ ଭାବିଛନ୍ତି ବିଚାର କରିବାର ଅଛି। ବାଲିଯାତ୍ରା ଉତ୍ସବର ପରିବର୍ଦ୍ଧିତ ଦିବସରେ ଦେଶର ସବୁଠାରୁ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେଣୁ ଅନିୟନ୍ତ୍ରିତ ଓ ଅସମ୍ଭାଳ ଭିଡ଼କୁ ସମ୍ଭାଳିବା ସକାଶେ ପୁଲିସ ନାକେଦମ ହୋଇଯାଇଥିଲା। ଶୃଙ୍ଖଳାରକ୍ଷା ସକାଶେ ପୁଲିସକୁ ମଧ୍ୟ କିଛି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ବହୁ ଯାତ୍ରୀ ଆହତ ଓ ଚେତାଶୂନ୍ୟ ହୋଇପଡ଼ିଥିଲେ। ଜିଲ୍ଲା ପ୍ରଶାସନର ମନମାନି ଯୋଗୁଁ ନିୟନ୍ତ୍ରଣ ପାଇଥିବା ବହୁ ସମ୍ମାନିତ ବ୍ୟକ୍ତି ଆସନ ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ଓ ଘୋଷିତ ନାଟକ ପ୍ରଦର୍ଶନକୁ ମଧ୍ୟ ସୁଯୋଗ ମିଳିନଥିଲା। ସଫେଇ ପାଇଁ ୩୫ ଲକ୍ଷ ଟଙ୍କାରେ ଟେଣ୍ଡର ପାଇଥିବା ସଂସ୍ଥାର ଖାମଖିଆଲି ଯୋଗୁଁ ପଡ଼ିଆର ସବୁସ୍ଥାନରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା। ଏସବୁ ଅବ୍ୟବସ୍ଥା ପାଇଁ ଆମେ କାହାକୁ ଦାୟୀ କରିବା! ଆମକୁ ପୁଣି ଥରେ କହିବାକୁ ପଡୁଛି ସରକାର ବା କ୍ଷମତା ବଦଳିପାରେ। କିନ୍ତୁ ବ୍ୟବସ୍ଥା ଅତୁଟ ରହିବା ଉଚିତ। ●

# କୃଷିକ୍ଷେତ୍ରରେ ଜୀବନାଶକ: ଏକ ଅନାହୂତ ଆବଶ୍ୟକତା

ବିଦ୍ୟାଧର ମହାରଣା

କୃଷି ପରିସଂସ୍ଥାରେ ଫସଲ ସହିତ ଅନିଷ୍ଟକ ଜୀବ ଓ ଉପକାରୀ ଜୀବ ସନ୍ତୁଳିତ ଅବସ୍ଥାରେ ରହନ୍ତି। ଆମେ ଯେତେବେଳେ ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର ବ୍ୟବହାର କରୁ ସେତେବେଳେ କୃଷି ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଇ ଫସଲରେ ଅଧିକ ଅନିଷ୍ଟକାରୀ ଜୀବ (ଘାସ, କୀଟ, କବକ, ବ୍ୟାକ୍ଟେରିଆ, ଭୂତାଣୁ) ଦେଖାଯାଆନ୍ତି। ସେମାନଙ୍କୁ ଦମନ କରିବାକୁ ଚାଷୀ ଅଧିକ ରାସାୟନିକ ବିଷ ପ୍ରୟୋଗ କରିବା ଫଳରେ ଅଧିକ ଖର୍ଚ୍ଚାନ୍ତ ହୁଏ ଏବଂ ପରିବେଶ ପ୍ରଦୂଷିତ ହୋଇ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରେ।

ସବୁଜବିପ୍ଳବ ପରେ ଏପରି ରାସାୟନିକ ବିଷଗୁଡ଼ିକର ବ୍ୟବହାର ଏକ ଅନାହୂତ ଆବଶ୍ୟକତା ହୋଇପଡ଼ିଛି। ଭାରତରେ 'କୀଟନାଶକ ଆଇନ୍ ୧୯୬୮' ଏବଂ 'କୀଟନାଶକ ନିୟମ ୧୯୭୩' ଏବେ ବି ପ୍ରଚଳିତ। ଏହାର ଉଦ୍ଦେଶ୍ୟ ଥିଲା ଫସଲରେ ଅନିଷ୍ଟକାରୀ ଜୀବ ନିୟନ୍ତ୍ରଣ ପାଇଁ ନିରାପଦ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରୟ ମାଧ୍ୟମରେ ଉପଯୁକ୍ତ ମାନର କୀଟନାଶକ ଓ ରୋଗନାଶକ ଉଚିତ ମୂଲ୍ୟରେ ପଞ୍ଜୀକୃତ ବିକ୍ରେତାଙ୍କ ଦ୍ୱାରା ଚାଷୀଙ୍କୁ ଯୋଗାଇଦେବା। ଯୁଗ୍ମସଂସଦୀୟ କମିଟି ୪୬ ରିପୋର୍ଟ-୨୦୨୩ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୫୦, ୦୦୦ କୋଟି ଟଙ୍କାର ଅନିଷ୍ଟକାରୀ ଜୀବନାଶକ କାରବାର ହୁଏ, ଯାହାମଧ୍ୟରୁ ତୃଣନାଶକ ୪୪%, କବକ ନାଶକ ୨୭%, କୀଟନାଶକ ୨୨% ଓ ଅନ୍ୟାନ୍ୟ ୭%। ସାରାବିଶ୍ୱରେ ବର୍ଷକୁ ପ୍ରାୟ ୪, ୫୦, ୦୦୦ କୋଟି ଟଙ୍କାର ଏପରି ରାସାୟନିକ ବିଷ କାରବାର ହୁଏ। ବିଶ୍ୱରେ ବର୍ଷରେ ୪୧, ୨୨, ୦୦୦ ଟନ୍ ମଧ୍ୟରୁ ଚୀନ ସବୁଠାରୁ ଅଧିକ ୧୭, ୬୩, ୦୦୦ ଟନ୍ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରେ, ଯାହାକି ବିଶ୍ୱର ୪୩%। ଆମେରିକା ୧୦% ଓ ବ୍ରାଜିଲ ୯% ବ୍ୟବହାର କଲା ବେଳେ ଭାରତ ମାତ୍ର ୧% ବ୍ୟବହାର କରୁଛି। ଏହା ହେକ୍ଟର ପ୍ରତି ମାତ୍ର ୦.୫ କିଲୋଗ୍ରାମ। ଅନ୍ୟ କେତେକ ଦେଶ ହେକ୍ଟର ପ୍ରତି ୧୭ କିଲୋଗ୍ରାମ ପର୍ଯ୍ୟନ୍ତ କୀଟନାଶକ ବ୍ୟବହାର କରୁଛନ୍ତି। ସୁତରାଂ ଭାରତରେ ଅତିରିକ୍ତ କୀଟନାଶକ ବ୍ୟବହାର ହେଉଥିବା ଅଭିଯୋଗ ତଥ୍ୟ ଉପରେ ଆଧାରିତ ନୁହେଁ। ବରଂ ଯୁଗ୍ମ ସଂସଦୀୟ କମିଟି ଅଧିକ ଖାଦ୍ୟ ଉତ୍ପାଦନ ପାଇଁ ଜୀବନାଶକ ବ୍ୟବହାର ବୃଦ୍ଧି କରିବା ସହିତ ଅଧିକ ବିଷାକ୍ତ କୀଟନାଶକ ଧୀରେ ଧୀରେ ହ୍ରାସ କରି ଅଧିକ ଜୈବ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି।

ଏବେ କିନ୍ତୁ ଭାରତରେ ଜୈବ କୀଟନାଶକ ବିକ୍ରି ମୋଟ ଜୀବନାଶକ ବିକ୍ରିର ମାତ୍ର ୪.୨%। ଭାରତରେ ଜୀବନାଶକ କମ୍ପାନୀ ମଧ୍ୟରେ ୟୁ.ପି.ଏଲ୍ ଲିମିଟେଡ, କରମଣ୍ଡଳ, ପି.ଆଇ.ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ବାୟାର କ୍ରପ ସାଇନ୍ସ ଲିମିଟେଡ୍, ଧାନୁକା ଆଗ୍ରିଟେକ୍ ଓ ଏଫ.ଏମ.ସି କର୍ପୋରେସନ ଇତ୍ୟାଦି ପ୍ରଧାନ। ବିଦେଶୀ କମ୍ପାନୀ ହିସାବରେ ବାୟାର କ୍ରପ୍ ସାଇନ୍ସ, ବି.ଏ.ଏସ.ଏଫ, ସିନଜେଣ୍ଟା, କୋରଟେଭ ଆଗ୍ରି ସାଇନ୍ସ, ସୁମିଟୋମୋ କେମିକାଲସ ଇତ୍ୟାଦି ଭାରତରେ ଅଧିକ ସକ୍ରିୟ। କେବଳ ଦିଲ୍ଲୀରେ ୭୯ କୀଟନାଶକ ପ୍ରସ୍ତୁତକାରୀ ଅଛନ୍ତି। କିନ୍ତୁ କେତେକ କମ୍ପାନୀ ନକଲି କୀଟନାଶକ ବିକ୍ରୟ କରିବା ଯୋଗୁଁ ଫସଲରେ ରୋଗପୋକ ନିୟନ୍ତ୍ରିତ ହୋଇପାରୁନାହିଁ ଏବଂ ଏଥିଯୋଗୁଁ ଚାଷ ଅଧିକ କ୍ଷତିଗ୍ରସ୍ତ ହେଉଛି। ଋଣ ଶୁଝି ନପାରି କେତେକ କୃଷକ ଆତ୍ମହତ୍ୟା କରିବାର ଖବର ପ୍ରକାଶ ପାଉଛି। ମୋଟ ଜୀବନାଶକର ପ୍ରାୟ ୨୦-୩୦% ନକଲି ହେବାର ଜଣାଯାଉଛି, ଯାହାର ବଜାର ମୂଲ୍ୟ ୩୦୦୦-୩୫୦୦ କୋଟି ଟଙ୍କା ହୋଇପାରେ।

ନକଲି ଜୀବନାଶକ ବିକ୍ରି ହେବାର କାରଣଗୁଡ଼ିକ ହେଲା ଚାଷୀଙ୍କ ସଚେତନତା ଅଭାବ, ଯୋଗାଣ ଶୃଙ୍ଖଳା ଅବ୍ୟବସ୍ଥା, ନିୟମିତ ନମୁନା ପରୀକ୍ଷା ଅଭାବ, ପ୍ରସ୍ତୁତକାରୀ ଓ ଖୁଚୁରା ବ୍ୟବସାୟ ସ୍ଥାନରେ ଅପମିଶ୍ରଣ। ଏହାଯୋଗୁଁ ବର୍ଷକୁ ଦେଶରେ ୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ହାନି, ପରିବେଶ ପ୍ରଦୂଷଣ ଓ ଅର୍ଥନୈତିକ ପ୍ରଭାବ ଦେଖାଯାଏ। ନକଲି ଜୀବନାଶକ ନମୁନା ଯେତିକି ପରୀକ୍ଷା କରାଯାଉଛି, ତାହା କ୍ଷୁଦ୍ର ପ୍ରସ୍ତୁତକାରୀଙ୍କ ଠାରୁ ୨୪% ଓ ବଡ଼ କମ୍ପାନୀମାନଙ୍କରୁ ୧%। ଅପମିଶ୍ରିତ ଜୀବନାଶକ ଯୋଗୁଁ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟହାନି ମଧ୍ୟ ଘଟୁଛି। ଆଇନ୍ ଅନୁସାରେ ନିମ୍ନମାନର କୀଟନାଶକ ବିକ୍ରୟ କ୍ଷେତ୍ରରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଅଧିକ ବିପଦପୂର୍ଣ୍ଣ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ପାଞ୍ଚ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇପାରେ। ଏହି କାରଣରୁ ନକଲି କୀଟନାଶକ କିପରି ଜାଣିବେ ସେ ବିଷୟରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି।

ଆମ ଦେଶରେ ୨୯୩ ଜୀବନାଶକ ବ୍ୟବହାର ପାଇଁ ପଞ୍ଜୀକୃତ ହୋଇଛି। ଏଥିରୁ ବିପଦପୂର୍ଣ୍ଣ ଭାବେ ପରିଗଣିତ ୧୩୦ ଜୀବନାଶକ ବିଭିନ୍ନ ଦେଶରେ ଅସିଦ୍ଧ ଘୋଷିତ ହେଲାଣି। ଭାରତ ସରକାର ମଧ୍ୟ ୨୮ ଗୋଟିର ପ୍ରସ୍ତୁତି ଓ ବିକ୍ରୟ ପାଇଁ, ୪ଟିର ଆମଦାନୀ ଓ ପ୍ରସ୍ତୁତ ପାଇଁ ଏବଂ ଦୁଇଟିକୁ ରପ୍ତାନୀ କରିବା ପାଇଁ ଅସିଦ୍ଧ କରିଛନ୍ତି। ମନୋକ୍ରୋଟୋଫସ, କାର୍ବୋଫୁରାନ, ମେଥୋମିଲ, ଟ୍ରାଇଜାଫସ, ଡାଇକ୍ଲୋରୋଭସ, ଏଣ୍ଡୋସଲଫାନ, ଡି.ଡି.ଟି ଓ କ୍ଲୋରୋପାଇରିଫସ୍ କୀଟନାଶକ ସମ୍ପୂର୍ଣ୍ଣ ଅସିଦ୍ଧ ଘୋଷିତ ହୋଇଛି।

ଦିଲ୍ଲୀର ଟକସିକ୍ ଲିଙ୍କ ନାମକ ସଂସ୍ଥା ୨୦୨୩ ମସିହାରେ ମନୋକ୍ରୋଟୋଫସ, କାର୍ବୋଫୁରାନ, ପାରାକଟ୍, ଗ୍ଲାଇଫୋସେଟ୍, ମାଙ୍କୋଜେବ ଓ କାର୍ବେଣ୍ଡାଜିମ୍ ଜୀବନାଶକ ଉପରେ କରିଥିବା ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ୫୦ରୁ ୮୬% ଚାଷୀ କୀଟନାଶକ ବିକ୍ରେତାଙ୍କ ପରାମର୍ଶ ଅନୁସାରେ ଫସଲରେ ଜୀବନାଶକ ପ୍ରୟୋଗ କରନ୍ତି ବୋଲି ଜଣାପଡ଼ିଛି। ପଞ୍ଜାବର ୧୭% ଚାଷୀ ଅତି ବିଷାକ୍ତ କୀଟନାଶକ ସପକ୍ଷରେ ଅଛନ୍ତି। ଅଧିକାଂଶ ଚାଷୀ କୀଟନାଶକ ପ୍ରୟୋଗ ସମୟରେ କୌଣସି ସତର୍କତା ଅବଲମ୍ବନ କରନ୍ତି ନାହିଁ। ଏପରିକି ୫୯% ଚାଷୀ ଅନୁମୋଦିତ ମାତ୍ରାଠାରୁ ଅଧିକ କୀଟନାଶକ ପ୍ରୟୋଗ କରୁଛନ୍ତି। ବଜାରରେ ବିକ୍ରି ହେଉଥିବା କୀଟନାଶକଗୁଡ଼ିକ ଚାରିରଙ୍ଗର ଠିକିରି ଚିହ୍ନ ଦ୍ୱାରା ଚିହ୍ନିତ କରାଯାଏ। ସବୁଜ ରଙ୍ଗ ସାମାନ୍ୟ ବିଷ, ନୀଳ ରଙ୍ଗ ମଧ୍ୟମ, ହଳଦିଆ ରଙ୍ଗ ଅଧିକ ବିଷ ଓ ନାଲି ରଙ୍ଗ ତୀବ୍ର ବିଷ ଭାବେ ସୂଚୀତ କରେ। ଫସଲରେ ଏହି ବିଷ ପ୍ରୟୋଗ ପରେ ଅମଳ କରିବା ପୂର୍ବରୁ ସର୍ବନିମ୍ନ ନିରାପଦ ସମୟ ଅପେକ୍ଷା କରିବା ଆବଶ୍ୟକ। ଅତିକମରେ ସବୁଜ ପାଇଁ ୭ ଦିନ, ନୀଳ ପାଇଁ ଦୁଇ ସପ୍ତାହ, ହଳଦିଆ ପାଇଁ ୩ ସପ୍ତାହ ଓ ନାଲି ପାଇଁ ୪ ସପ୍ତାହ ହେବା ବିଧେୟ।

ନୋବେଲ ବିଜୟିନୀ ରାକେଲ କାର୍ସନ 'ନିରବ ବସନ୍ତ' ପୁସ୍ତକରେ କୀଟନାଶକକୁ ପ୍ରାଣୀନାଶକ କହିଛନ୍ତି ଏବଂ ସେ ଏହାର ସୁଦୂରପ୍ରସାରୀ ପ୍ରଭାବ ବର୍ଣ୍ଣନା କରିବା ଫଳରେ ଡି. ଡି. ଟି କୀଟନାଶକ ନିଷିଦ୍ଧ ହୋଇଥିଲା। ସେ ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ୧୯୬୨ ରେ ନୋବେଲ ପୁରସ୍କାର ପାଇଥିଲେ। ଏହାର କିଛିବର୍ଷ ପରେ ଏଚ୍. ଏଫ୍.ଭାନ ଏମଡେନ ଓ ଡେଭିଡ ବି. ପିକଲ 'ନିରବ ବସନ୍ତ ପରେ' ପୁସ୍ତକ ରଚନା କରି ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ବାହାର କଲେ। ଉଭିଦ ସୁସ୍ଥସବଳ ହେଲେ ରୋଗପୋକ ବିରୁଦ୍ଧରେ ଲଢ଼ିପାରିବେ। ଜଳ ଓ ଖାଦ୍ୟସାର ନିୟନ୍ତ୍ରଣ କଲେ ଫସଲ କ୍ଷେତ୍ରରେ ଉପକାରୀ କୀଟପତଙ୍ଗ ସହଜରେ ବଂଶବୃଦ୍ଧି କରି ପ୍ରାକୃତିକ ଉପାୟରେ ଅପକାରୀ କୀଟ ଓ ରୋଗକୁ ନିୟନ୍ତ୍ରଣ କରନ୍ତି। ଏହାଛଡ଼ା କର୍ଷଣ ନିୟନ୍ତ୍ରଣ ଓ ରୋଗପୋକ ସହନଶୀଳ ବିହନ ବ୍ୟବହାର କରିବା ଦ୍ୱାରା ରୋଗପୋକ ଆକ୍ରମଣ କମିଥାଏ। ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୌଶଳଗୁଡ଼ିକ ହେଲା ସହନଶୀଳ କିସମ ବ୍ୟବହାର, କର୍ଷଣ ନିୟନ୍ତ୍ରଣ, ଫସଲ ପର୍ଯ୍ୟାୟ ଅନୁସରଣ, ଭୌତିକ ଓ ଯାନ୍ତ୍ରିକ ନିୟନ୍ତ୍ରଣ, ଜୈବ ନିୟନ୍ତ୍ରଣ ସହିତ ଶେଷରେ ନିରାପଦ କୀଟନାଶକ ବ୍ୟବହାର।

ବିଶ୍ୱରେ ବର୍ଷକୁ ପ୍ରାୟ ୧୧୦୦୦ ଲୋକ ବିଷାକ୍ତ କୀଟନାଶକ ପ୍ରଭାବରେ ମୃତ୍ୟୁବରଣ କରନ୍ତି। ଭାରତରେ ଏହି ହାର ୬୦%। ଟକସିକ ଲିଙ୍କ ସର୍ବେକ୍ଷଣ ଅନୁସାରେ ଆମକୁ କେତେକ ସୁଚିନ୍ତିତ ରଣନୀତି ଗ୍ରହଣ କରିବାକୁ ହେବ। କୃଷି କ୍ଷେତ୍ରକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରି ଉପକାରୀ ଓ ଅପକାରୀ କୀଟ ସଂଖ୍ୟା ଅନୁସାରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ, କୀଟନାଶକ ବିଷ ପରିବର୍ତ୍ତେ ଜୈବ କୀଟନାଶକ ବ୍ୟବହାର, ଆବଶ୍ୟକ ସ୍ଥଳେ ଦୁଇଟି ନିରାପଦ କୀଟନାଶକ ମିଶ୍ରଣ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇପାରେ। ଜୈବିକ କୃଷି ପାଇଁ ସରକାର ଅଧିକ ଆର୍ଥିକ ଅନୁଦାନ, ପ୍ରଶିକ୍ଷଣ, ପ୍ରାମାଣିକରଣ ସହିତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ। ଜୈବିକ କୃଷିର ଅନୁପସ୍ଥିତିରେ ରୋଗପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। କୀଟନାଶକ ବିକ୍ରେତାମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ସହିତ କୀଟନାଶକ କେବଳ କୃଷିକର୍ମୀଙ୍କ ପରାମର୍ଶକ୍ରମେ ବିକ୍ରୟ ବ୍ୟବସ୍ଥା ବାଧ୍ୟତାମୂଳକ କରିବା ଜରୁରୀ। ରାଜ୍ୟର ଅଧିକୃତ ଅଧିକାରୀମାନେ ନିୟମିତ କୀଟନାଶକ ଦୋକାନ ପରିଦର୍ଶନ କରି ନମୁନା ସଂଗ୍ରହ କରିବା ଆବଶ୍ୟକ। ଏତଦବ୍ୟତୀତ ରାଜ୍ୟରେ ଅଧିକ ଜୈବନିୟନ୍ତ୍ରଣ ପ୍ରୟୋଗଶାଳା ସ୍ଥାପନା କରି ଏଥିରୁ ପ୍ରସ୍ତୁତ ଟ୍ରାଇକୋଗ୍ରାମା, ବାସିଲସ, ଏନ.ପି. ଭି, ଟ୍ରାଇକୋଡେର୍ମା ଇତ୍ୟାଦି ଜୈବ ନିୟନ୍ତ୍ରକ ଓ ଫେରୋମନ ଯନ୍ତା ଇତ୍ୟାଦି ସୁଲଭ ମୂଲ୍ୟରେ ଚାଷୀଙ୍କୁ ଯୋଗାଇବା ଦାୟିତ୍ୱ ସରକାରଙ୍କର। ଫସଲରେ ଅନିଷ୍ଟକ ଜୀବନାଶକ ନିୟନ୍ତ୍ରଣ ପାଇଁ ସରକାର, କୃଷକ ଗୋଷ୍ଠୀ ଓ ଜୀବନାଶକ ବିକ୍ରେତାଙ୍କ ମିଳିତ ଦାୟିତ୍ୱ ରହିଛି। କୃଷକ-କ୍ଷେତ୍ରବିଦ୍ୟାଳୟ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା କରି କୃଷି ଅଧିକାରୀ କୃଷକଗୋଷ୍ଠୀଙ୍କୁ ସମନ୍ୱିତ ରୋଗପୋକ ପରିଚାଳନା ସମ୍ବନ୍ଧରେ ଧାରାବାହିକ ପ୍ରଶିକ୍ଷଣ ଦେବା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ମାଇକ୍ରୋ ଓ ନାନୋ ପ୍ଲାଷ୍ଟିକର ବିଷ

ଡ. ବିଜୟ କେତନ ପଟ୍ଟନାୟକ

ଗାଁଗହଳିରେ କୁହାଯାଉଥିବା ରୁଢ଼ି 'ଛୋଟ ସାପର ବେଶୀ ବିଷ' ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କ୍ଷେତ୍ରରେ ପ୍ରଯୁଜ୍ୟ। ମାଇକ୍ରୋପ୍ଲାଷ୍ଟିକ ବା କ୍ଷୁଦ୍ର ପ୍ଲାଷ୍ଟିକ କଣିକା ଏବଂ ନାନୋ ପ୍ଲାଷ୍ଟିକ ବା ଅତିଶୟ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ସାଧାରଣ ପ୍ଲାଷ୍ଟିକ ତୁଳନାରେ ଯଥେଷ୍ଟ ମାରାତ୍ମକ। ସାଧାରଣ ପ୍ଲାଷ୍ଟିକ ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ସିଧାସଳଖ କ୍ଷତି ପହଞ୍ଚାଏ ନାହିଁ। ଅନ୍ୟପକ୍ଷରେ ମାଇକ୍ରୋପ୍ଲାଷ୍ଟିକ ବା ନାନୋ ପ୍ଲାଷ୍ଟିକ ମନୁଷ୍ୟ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ହାନିକାରକ। ଏବେ ମାଇକ୍ରୋପ୍ଲାଷ୍ଟିକ ହିମାଳୟର ଏଭରେଷ୍ଟ ଶୃଙ୍ଗଠାରୁ ଆରମ୍ଭ କରି ସମୁଦ୍ରର ଗଭୀର ଜଳରାଶିରେ, ଜଳ, ସ୍ଥଳ, ଆକାଶ ବାୟୁମଣ୍ଡଳ ସବୁଠି ବିଦ୍ୟମାନ। ସମୁଦ୍ର ପାଦଦେଶର ପ୍ରବାଳ ପ୍ରାଚୀରଠାରୁ ଆରମ୍ଭକରି ଆଣ୍ଟାରକଟିକାର ହିମଖଣ୍ଡ ବା ବରଫାବୃତ୍ତ ପରିବେଶରେ ମଧ୍ୟ ଏହା ଅନୁପ୍ରବେଶ କରିସାରିଛି।

ମିଳିତ ଜାତିସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ମୁତାବକ, ସଂପ୍ରତି ବିଶ୍ୱରେ ବର୍ଷକୁ ୪୩୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ଏହାର ଦୁଇ-ତୃତୀୟାଂଶ କେବଳ ସ୍ୱଳ୍ପ ସମୟ ନିମନ୍ତେ ବ୍ୟବହୃତ ହୋଇଥାଏ। ତନ୍ମଧ୍ୟରୁ ସିଂହଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ କେବଳ ମାତ୍ର ଥରେ ବ୍ୟବହାର କରି ଫିଙ୍ଗି ଦିଆଯାଏ। ଜୈବିକ ସ୍ତରରେ ପ୍ଲାଷ୍ଟିକର ବିଘଟନ ପାଇଁ ୫୦ ରୁ ୧୦୦୦ ବର୍ଷ ଲାଗିଯାଇପାରେ। ପତଳା ପ୍ଲାଷ୍ଟିକ ବ୍ୟାଗର ବିଘଟନ ପାଇଁ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗୁଥିଲା ବେଳେ ପ୍ଲାଷ୍ଟିକ ପାଣି ବୋତଲ ଏବଂ ନାଇଲନ ମାଛଧରା ଜାଲ ପାଇଁ ୫୦୦ ବର୍ଷ ଲାଗିଯାଇପାରେ। ତେବେ ପ୍ଲାଷ୍ଟିକର ପୂର୍ଣ୍ଣ ବିଲୁପ୍ତି ବା ବିଲୟ ହୋଇନଥାଏ। ବରଂ ଏହା ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୁଏ। ଏକ ଆକଳନରୁ ଜଣାପଡ଼ିଛି ବର୍ଷକୁ ପ୍ରାୟ ୧୦ ରୁ ୪୦ ନିୟୁତ ମାଇକ୍ରୋପ୍ଲାଷ୍ଟିକ ପରିବେଶରେ ସଂକ୍ରମିତ ହୋଇଥାଏ। ଏହି ଧାରା ଅବ୍ୟାହତ ରହିଲେ ୨୦୪୦ ମସିହା ବେଳକୁ ଏହାର ପରିମାଣ ଦ୍ୱିଗୁଣିତ ହୋଇଯାଇପାରେ।

୨୦୨୨ ମସିହାରେ ପ୍ରଥମ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା, ମିଳିତ ଜାତିସଂଘ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କେନିୟାରେ ଆରମ୍ଭ ହୋଇଥିଲା। ଆଇନଗତ ପ୍ରାବଧାନ ଜରିଆରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ନିମନ୍ତେ ସାରା ବିଶ୍ୱରେ ପ୍ରୟାସ ଆରମ୍ଭ ହେଲା। ସେତେବେଳେ ଏହି ଉଦ୍ୟମ ସାମୁଦ୍ରିକ ଓ ଜଳୀୟ ପରିସଂସ୍ଥାରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ପ୍ରତି ଅଭିପ୍ରେତ ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହାରେ କାନାଡ଼ାଠାରେ ଅନୁଷ୍ଠିତ ଅଧିବେଶନର ଲକ୍ଷ୍ୟ ଉଭୟ ଇଚ୍ଛାକୃତ ଭାବରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକର ଦୀର୍ଘକାଳୀନ ବିଘଟନ ଜୀବନଚକ୍ରରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ହ୍ରାସ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ଚଳିତ ବର୍ଷ ଅଗଷ୍ଟ ମାସରେ ସୁଇଜରଲ୍ୟାଣ୍ଡର ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା ମଧ୍ୟ ଲକ୍ଷ୍ୟ ହାସଲ ଦିଗରେ ବିଫଳ ହୋଇଥିଲା।

ଆମେ ପିଉଥିବା ଜଳ, ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର, ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀ, ଶ୍ୱାସରେ ଗ୍ରହଣ କରିଥିବା ବାୟୁ-ସର୍ବତ୍ର ବିଦ୍ୟମାନ ମାଇକ୍ରୋପ୍ଲାଷ୍ଟିକ। ଚାଷଜମିର ମାଟିରେ ଏବଂ ସେହି ମାଟିରୁ ଉତ୍ପାଦିତ ଫସଲ ଜରିଆରେ ଏବଂ ମାଇକ୍ରୋପ୍ଲାଷ୍ଟିକକୁ ଗିଳିଦେଇଥିବା ସାମୁଦ୍ରିକ ମାଛ ଭକ୍ଷଣ କରିବା ଦ୍ୱାରା, ଖାଦ୍ୟ ଶୃଙ୍ଖଳ ଦେଇ ପ୍ରବେଶ କରୁଛି ଆମ ଶରୀରରେ। ଆମେ ପିଉଥିବା ପାଇପ୍ ପାଣିରେ ମଧ୍ୟ ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କଣିକା ମହଜୁଦ୍ ଅଛି। ଶିଳ୍ପାୟନ, ନିର୍ମାଣ ସଂସ୍ଥା, ପରିବହନ ଧୂଳିକଣା, ଟାୟାର ଘର୍ଷଣ ଏବଂ ସିନ୍ଥେଟିକ ବସ୍ତ୍ର କାରଖାନାରୁ ଉତ୍ପନ୍ନ ମାଇପ୍ରୋପ୍ଲାଷ୍ଟିକ ବାୟୁମଣ୍ଡଳରେ ରହିଥାଏ। ଶ୍ୱାସକ୍ରିୟା ସମୟରେ ଆମେ ବାୟୁ ସହିତ ଏହି ମାଇକ୍ରୋପ୍ଲାଷ୍ଟିକକୁ ମଧ୍ୟ ଆହରଣ କରିଥାଉ। ଆମେ ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀରେ ମଧ୍ୟ ରହିଛି ମାଇକ୍ରୋ ପ୍ଲାଷ୍ଟିକ। ଆମେ ଜାଣୁ ବା ନଜାଣୁ ଇଚ୍ଛା କରୁ ନା ନ କରୁ ପ୍ରତି ମୂହୂର୍ତ୍ତରେ କିଛି କିଛି ପ୍ଲାଷ୍ଟିକ କ୍ଷୁଦ୍ର କଣିକା ଆମ ଶରୀରରେ ପ୍ରବେଶ କରୁଛି ଏବଂ ମସ୍ତିଷ୍କର କୋଷରେ ଓ ପୁନରୁତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ ଅଙ୍ଗ ପ୍ରତ୍ୟଙ୍ଗରେ ଆସ୍ଥାନ ଜମାଉଛି। କେବଳ ମସ୍ତିଷ୍କ ନୁହେଁ, ଫୁସଫୁସ, ବୃକ୍କ, ଜରାୟୁ ଓ ରକ୍ତରେ ମଧ୍ୟ ଏହି କଣିକାର ଛିଟା ଦେଖିବାକୁ ମଳୁଛି, ଯାହା ଫଳରେ ମନୁଷ୍ୟ ହୃଦ୍‌ରୋଗ ସହିତ ସ୍ନାୟୁରୋଗ ଓ ଶ୍ୱାସ ଜନିତ ନୂଆ ନୂଆ ରୋଗର ଶିକାର ହେଉଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ପ୍ରକାଶ କରିଥିବା ୨୦୧୪ ଇୟର ବୁକ୍ ରେ ସାରା ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଥିଲେ। ମାଇକ୍ରୋପ୍ଲାଷ୍ଟିକ ଏକ ମୁଣ୍ଡ ଟେକୁଥିବା ପ୍ରଦୂଷକ, ଯାହା ମାନବ ଜାତିର ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ୨୦୨୨ ମସିହାରେ 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' ଜଣାଇଥିଲେ ମାଇକ୍ରୋପ୍ଲାଷ୍ଟିକର ମନୁଷ୍ୟର ସ୍ୱାସ୍ଥ୍ୟପ୍ରତି ଥିବା ସଂକଟ ବିଷୟରେ ଆଶାନୁରୂପ ପ୍ରମାଣ ମିଳିନାହିଁ। ୨୦୨୪ ମସିହାରେ ପ୍ରଥମଥର ପାଇଁ ଆମେରିକାସ୍ଥିତ ନ୍ୟୁମେକ୍ସିକୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ପ୍ରମାଣିତ କଲେ, ମନୁଷ୍ୟର ମସ୍ତିଷ୍କରେ ଯଥେଷ୍ଟ ପରିମାଣରେ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ ଜମା ହୋଇସାରିଲାଣି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କୁହନ୍ତି, ମାଇକ୍ରୋପ୍ଲାଷ୍ଟିକ ମନୁଷ୍ୟ ଶରୀରର ଉତ୍ପାଦକ ଅଂଗ, ପାକସ୍ଥଳୀ ଓ ଶ୍ୱାସନଳୀକୁ ପ୍ରଭାବିତ କରିପାରେ ଏବଂ ସମୟକ୍ରମେ ମନୁଷ୍ୟ ଶରୀରର ବିଭିନ୍ନ କୋଷରେ ଅନୁପ୍ରବେଶ କରୁଥିବାରୁ କୋଲୋନ୍ ଓ ଫୁସ୍‌ଫୁସ୍ କ୍ୟାନସର ସହିତ ଏହା ସଂପୃକ୍ତି ଥାଇପାରେ। ●(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା)

ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପୁରୁଷତ୍ୱ ଉପରେ ପୋଷାକର ପ୍ରଭାବ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ଦ ଜର୍ଣ୍ଣାଲ ଅଫ୍ ରିପ୍ରଡକ୍ସନ' ଗବେଷଣା ପତ୍ରିକାରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ୨୦୦୧ ମସିହା ବେଳକୁ ୩୪ ଶତାଂଶ ପୁରୁଷମାନଙ୍କ ଠାରେ ସେମାନଙ୍କୁ ପୌରୁଷ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା। ଯାହାକି ୨୦୨୨ ମସିହା ବେଳକୁ ପହଞ୍ଚିଥିଲା ୬୫ ଶତାଂଶରେ। ଏବର ସମୟ ମଧ୍ୟରେ ସଂପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ପ୍ରାୟ ୨୦ ଶତାଂଶ ହ୍ରାସ ପାଇଥିଲା। ଅତଏବ ପୁରୁଷର ପ୍ରଜନନ କ୍ଷମତା ବା ପୌରୁଷର ଏହି ମାପକାଠିଟି ସୂଚାଇ ଦେଉଛି ଯେ ସେ କ୍ରମଶଃ ସନ୍ତାନ ସୃଷ୍ଟି କରିବାର କ୍ଷମତା ହରାଇ ଚାଲିଛି।

ଏହାର କାରଣ ଆଜି ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ କରାଯାଇ ପାରିନଥିଲେ ହେଁ ତାହା ବହୁମୁଖୀ ବୋଲି ମନେକରନ୍ତି ବୈଜ୍ଞାନିକମାନେ, ଯାହାକି ବିବର୍ତ୍ତନୀୟଠାରୁ ଆରମ୍ଭ କରି ପରିବେଶୀୟ ଏବଂ ପରିବର୍ତ୍ତିତ ଜୀବନଶୈଳୀ ପର୍ଯ୍ୟନ୍ତ ହୋଇପାରେ। ତେବେ, ବିବର୍ତ୍ତନୀୟ ପରିବର୍ତ୍ତନ ସଦାସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ଶେଷୋକ୍ତ ଦୁଇଟିକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚସି ଆଦି କୀଟ। ଶୁନାଶକର ତଥା ଅନ୍ୟାନ୍ୟ ରସାୟନମାନଙ୍କ ମାତ୍ରାବୃଦ୍ଧି ଆମଠାରେ ପୁରୁଷସୁଲଭ ଗୁଣର ଅପଚୟ ଘଟାଉଥିବାର ପ୍ରମାଣିତ ହେଲା ବେଳେ ପଶୁପାଳନ, ମତ୍ସ୍ୟଚାଷ ଓ କୃଷିରେ ବିବିଧ ହର୍ମୋନ୍ ଏବଂ ରାସାୟନିକ ପଦାର୍ଥର ବ୍ୟାପକ ବ୍ୟବହାର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାର ବୋଷ୍ଟନ ସ୍ଥିତ 'ହାର୍ଭାର୍ଡ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲଥ' ଠାରେ ଗବେଷଣାରତ ବୈଜ୍ଞାନିକ ଲିଚିଡିଆ ମଙ୍ଗୁଏଜ୍ ଆଲାରକୋନ୍ ଏବଂ ତାଙ୍କ ସହଯୋଗୀମାନେ।

'ଦ ଜର୍ଣ୍ଣାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡ୍କସନ'ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସଂପନ୍ନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆରମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟମାନଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରାକୀଟଗୁଡ଼ିକ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ହରମୋନ୍‌ର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ପୂର୍ବରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ତେବେ ସେସବୁ ଅଧ୍ୟୟନ ଥିଲା ସୀମିତ ଏବଂ ତହିଁରୁ ଏବର ଫଳାଫଳ ସହିତ ହରମୋନ୍‌ର ସଂପୃକ୍ତି ବିଷୟରେ କୌଣସି ସୂଚନା ମିଳିପାରିନଥିଲା। ଶରୀର ମଧ୍ୟରେ ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲସିୟସ କମ ହୋଇଥିବା ପରିବେଶ ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡହକୋଷକୁ ପ୍ରକୃତି ଶରୀରର ଅନ୍ତର୍ଭାଗରେ ସ୍ଥାପନ ନ କରି ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ, ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଏବଂ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କରିବା କାରଣରୁ।

ଲିଚିଡଆ ଏବଂ ତାଙ୍କର ସହଯୋଗୀମାନଙ୍କ ଅଧ୍ୟୟନକୁ ଏହାର ଏକ କାରଣସିଦ୍ଧ ପ୍ରମାଣ ରୂପେ ଗ୍ରହଣ କରାଯାଇପାରେ। ଅତଏବ ଚିପା ଅନ୍ତର୍ବାସ ପରିଧାନ ପୁରୁଷମାନଙ୍କଠାରେ ଶୁକ୍ରକୀଟ ଉତ୍ପାଦନକୁ ଯେତିକି ମାତ୍ରାରେ ପ୍ରତିହତ କରୁନା କାହିଁକି ତାହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦିଅନ୍ତି ଏହି ଗବେଷଣାରେ ଅଂଶଗ୍ରହଣ କରିଥିବା ଅନ୍ୟତମ ବୈଜ୍ଞାନିକ ତଥା ଏଡିନ୍ ବରା ବିଶ୍ୱବିଦ୍ୟାଳୟର 'ଏମ୍ ଆର ସି ସେଣ୍ଟର ଫର ରିପ୍ରଡକଟିଭ ହେଲଥ୍'ର ପ୍ରଫେସର ରିଚାର୍ଡ ଶାର୍ପେ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ହସିନାଙ୍କୁ ଫାଶୀ...

ଆନ୍ଦୋଳନକାରୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାସହିତ ଦେଶବାସୀଙ୍କୁ ନ୍ୟାୟ ଦେବାରେ ପ୍ରତିବନ୍ଧକ ସାଜିବା ସହିତ ବିରୋଧୀଙ୍କ ବିରୋଧରେ ଚାଲିଥିବା ଅପରାଧ/ହତ୍ୟାକୁ ରୋକିବାରେ ବିଫଳ ହୋଇଥିଲେ। ଏହି ତିନିଟି ଅଭିଯୋଗ ଉପରେ ବିଚାର ପାଇଁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ସେହି ଟ୍ରିବ୍ୟୁନାଲ ଆଜି ତାଙ୍କୁ ଫାଶୀଦଣ୍ଡ ଶୁଣାଇଛି। ସେହିପରି ଟ୍ରିବ୍ୟୁନାଲ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନଙ୍କୁ ମଧ୍ୟ ୧୨ଜଣ ଲୋକଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ମଧ୍ୟ ଫାଶୀଦଣ୍ଡ ଦେଇଛନ୍ତି। ତେବେ ମାମଲାରେ ତୃତୀୟ ଅଭିଯୁକ୍ତ ପୂର୍ବତନ ପୁଲିସ ମୁଖ୍ୟ ଅବଦୁଲ୍ଲା ଅଲ୍-ମମୁନଙ୍କୁ କେବଳ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ମମୁନ ସରକାରୀ ସାକ୍ଷୀ ଭାବେ ଆଇନଗତ ପ୍ରକ୍ରିୟାରେ ସହଯୋଗ କରିଥିବାରୁ ତାଙ୍କ ପ୍ରତି କୋହଳ ହୋଇଛନ୍ତି ଟ୍ରିବ୍ୟୁନାଲ। ସୂଚନାଯୋଗ୍ୟ ଯେ ଶେଖ ହସିନାଙ୍କ ସହିତ ତାଙ୍କର ଗୃହ ମନ୍ତ୍ରୀ ଅସଦୁଜ୍ଜମାନ ଗତ ୧୫ ମାସ ହେବ ଭାରତରେ ଅବସ୍ଥାନ କରୁଛନ୍ତି। କୋର୍ଟଙ୍କ ଏହି ରାୟ ପରେ ସାରା ବାଂଲାଦେଶରେ ହିଂସା ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଛି। ମୋ ବିରୋଧରେ ଆସିଥିବା ରାୟ ସମ୍ପୂର୍ଣ୍ଣ ଭାବେ ଭୁଲ। ରାଜନୈତିକ ପ୍ରତିଶୋଧ ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଛି। ଏହି ରାୟ ଏଭଳି ଏକ ଟ୍ରିବ୍ୟୁନାଲ ଦେଇଛି ଯାହାକୁ ଏକ ଅଣ ନିର୍ବାଚିତ ସରକାର ଚଳାଉଛନ୍ତି। ଏହି ସରକାରଙ୍କ ପାଖରେ କୌଣସି ଜନାଦେଶ ନାହିଁ ବୋଲି ହସିନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ହତ୍ୟାର ଶିକାର ଲୋକଙ୍କୁ ଉଚିତ ନ୍ୟାୟ ମିଳିଲା ବୋଲି ଆଟର୍ଣ୍ଣି ଜେନେରାଲ ମହମ୍ମଦ ଆସାଦୁଜ୍ଜମାନ କହିଛନ୍ତି। ହସିନା ପୂର୍ବରୁ ଯେଉଁ କୋର୍ଟର ସ୍ଥାପନ କରିଥିଲେ, ସେହି କୋର୍ଟ ହିଁ ତାଙ୍କ ବିରୋଧରେ ଦଣ୍ଡାଦେଶ ଶୁଣାଇଛନ୍ତି। ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଯୁଦ୍ଧ ଅପରାଧ ଓ ନରସଂହାର ଭଳି ମାମଲାର ବିଚାର କରିବା ପାଇଁ ଏହି ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲକୁ ପ୍ରତିଷ୍ଠା କରାଯାଇଥିଲା।

କୋର୍ଟ ରାୟ ପରେ ବାଂଲାଦେଶ ସରକାର ଆଜି ଭାରତ ସରକାରଙ୍କ ନିକଟକୁ ଏକ ପତ୍ର ପଠାଇଛନ୍ତି। ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଏଥିରେ ଅନୁରୋଧ କରାଯାଇଛି। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରୁ ବୋଲି କୁହାଯାଇଛି। ତେବେ ଭାରତ ସରକାର ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହାନ୍ତି। ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ପଡ଼ୋଶୀ ଦେଶ ହିସାବରେ ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ସଂକଳ୍ପବଦ୍ଧ। ସେଠାରେ ଗଣତନ୍ତ୍ର, ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସରକାର ସଂପୃକ୍ତ ପକ୍ଷଙ୍କ ସହ ଆଲୋଚନା ଜାରି ରଖିବ।

## ୪୫ ଭାରତୀୟ...

ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ୪୬ ଜଣ ଲୋକ ଯାତ୍ରା କରୁଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି। ହାଇଦରାବାଦ୍ ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୯ରେ ୫୪ ଜଣ ଲୋକ 'ଉମରା' ପାଇଁ ହାଇଦରାବାଦ୍‌ରୁ ସାଉଦି ଆରବ ଯାଉଥିଲେ। ଏମାନେ ନଭେମ୍ବର ୨୩ରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିଲା। ଏମାନଙ୍କ ମଧ୍ୟରୁ ୪ ଜଣ ରବିବାର କାର୍‌ରେ ପୃଥକ ଭାବେ ମଦିନା ଯାଇଥିଲେ। ସେହିପରି ଅନ୍ୟ ୪ ଜଣ ଲୋକ ମକ୍କାରେ ରହିଯାଇଥିଲେ। ଅନ୍ୟ ୪୬ ଜଣଙ୍କୁ ନେଇ ବସ୍‌ଟି ମକ୍କାରୁ ମଦିନା ଯାଉଥିବା ବେଳେ ମଦିନାଠାରୁ ୨୫ କିମି ଦୂର ମୁହରାସ୍ ନିକଟରେ ଭାରତୀୟ ସମୟ ରାତି ପ୍ରାୟ ୧.୩୦ରେ ଏହି ଦୁର୍ଘଟଣା ଘଟିଥିଲା।

ଏହି ଦୁର୍ଘଟଣା ପାଇଁ ତେଲଙ୍ଗାନା ସରକାର ରିୟାଧ ସ୍ଥିତ ଭାରତୀୟ ଦୂତାବାସ ସହିତ ବରାବର ସମ୍ପର୍କରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକଙ୍କ ଚିହ୍ନଟ ଓ ପରିଚୟ ପାଇଁ ଦିଲ୍ଲୀରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୂତାବାସର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷାକରି ସବୁ ପ୍ରକାର ସହାୟତା ପ୍ରଦାନ କରିବା ସହ ସବୁ ବ୍ୟବସ୍ଥା ଉପଲବ୍ଧ କରାଇବାକୁ କହିଛନ୍ତି। ଇତିମଧ୍ୟରେ ୧୨ ଜଣ ମୃତକଙ୍କ ନାମ ସାମ୍ନାକୁ ଆସିଛି। ଭାରତୀୟ ଦୂତାବାସ ମଧ୍ୟ ଏ ନେଇ ହେଲ୍ପଲାଇନ୍ ଜାରି କରିଛି। ହାଇଦରାବାଦ ସାଂସଦ ସବୁ ମୃତଦେହକୁ ଭାରତ ଆଣିବା ପାଇଁ ଅପିଲ କରିଛନ୍ତି। ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ରିୟାଦସ୍ଥିତ ବାଣିଜ୍ୟ ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛି ବୋଲି ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଆମ ଅଧିକାରୀମାନେ ସାଉଦିର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ଏହି ଘଟଣା ଗଭୀର ଦୁଃଖ ଦେଇଛି ବୋଲି କହିଛନ୍ତି। ଏହି ଦୁର୍ଘଟଣାରେ ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି।

## ବିହାର ରାଜନୀତିରେ...

ବିଧାନସଭା ଭଙ୍ଗ କରିବାକୁ ରାଜ୍ୟପାଳଙ୍କୁ ଏକ ସୁପାରିସ ପତ୍ର ଦେଇଥିଲେ। କେଉଁ ନିର୍ଦ୍ଦିଷ୍ଟ କାରଣରୁ ନୀତୀଶ କୁମାର ଶେଷ ମୁହୂର୍ତ୍ତରେ ତାଙ୍କର ଯୋଜନା ପରିବର୍ତ୍ତନ କଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ନକରିବା ଲାଗି ବିଜେପିର ଅଧିକାଂଶ ବିଧାୟକ ହାଇକମାଣ୍ଡଙ୍କ ଉପରେ ଚାପ ପକାଉଛନ୍ତି। ତେଣୁ ହାଇକମାଣ୍ଡ କିଛି ନିଷ୍ପତ୍ତି ନେଇ ପାରୁନାହାନ୍ତି। ତେବେ ସମାଧାନ ପାଇଁ ଏକ ଫର୍ମୁଲା ପ୍ରସ୍ତୁତ କରିଛନ୍ତି ହାଇକମାଣ୍ଡ। ଫର୍ମୁଲା ଅନୁଯାୟୀ ନୀତୀଶ ଅଢ଼େଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ। କିନ୍ତୁ ନୀତୀଶ ରାଜି ହେଉ ନାହାନ୍ତି। ଏପରି ଚର୍ଚ୍ଚା ଆଲୋଚନା ଚାଲିଥିବା ବେଳେ ବିଜେପି ଶୀର୍ଷ ନେତୃତ୍ୱଙ୍କ ଡକରା ପାଇ ଆଜି ବିଳମ୍ବିତ ରାତିରେ ଜେଡିୟୁର ଦୁଇ ଜଣ ବରିଷ୍ଠ ନେତା ଦିଲ୍ଲୀ ଯାଇଛନ୍ତି। ସେମାନେ ହେଲେ ଜେଡିୟୁର କାର୍ଯ୍ୟକାରୀ ସଭାପତି ସଂଜୟ ଝା ଏବଂ ଲଲ୍ଲନ ସିଂହ। ସେମାନଙ୍କୁ ବିଜେପି ନେତା କାହିଁକି ଡାକିଛନ୍ତି ଏବଂ ସେମାନେ କଣ ଆଲୋଚନା କରିବେ, ତାହା ଜଣାପଡ଼ିନାହିଁ। ପାଟନାରେ ସରକାର ଗଠନ ନେଇ ଦିଲ୍ଲୀରେ କଣ ଖେଳ ଚାଲିଛି, ତାହା ରାଜନୈତିକ ମହଲକୁ ଆଚମ୍ବିତ କରିଛି। ସୂଚନାଯୋଗ୍ୟ ଯେ ସଂଜୟ ଝା ଏବଂ ଲଲ୍ଲନ ସିଂହ ହେଉଛନ୍ତି ବିଜେପି ନେତାଙ୍କର ସବୁଠାରୁ ବିଶ୍ୱସ୍ତ ସହଯୋଗୀ।

ରାଜ୍ୟ ବିଧାନସଭା ନିର୍ବାଚନରେ ଏନ୍‌ଡ଼ିଏ ପାଇଥିବା ମୋଟ ୨୦୨ ଆସନ ମଧ୍ୟରୁ ବିଜେପିକୁ ୮୯ଟି ଆସନ ମିଳିଥିବାବେଳେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ୧୯, ଜିତେନରାମ ମାଞ୍ଝିଙ୍କ ଦଳକୁ ୫ ଓ ଉପେନ୍ଦ୍ର କୁଶୱାହଙ୍କୁ ୪ଟି ଆସନ ମିଳିଛି। ଅବଶିଷ୍ଟ ୮୫ଟି ଆସନ ନୀତିଶକୁମାରଙ୍କ ଜେଡ଼ିୟୁ ପାଇଛି। ସରକାର ଗଠନ ପାଇଁ ୧୨୨ଟି ଆସନର ଆବଶ୍ୟକତା ଥିବାବେଳେ ନୀତିଶଙ୍କ ବିନା ବିଜେପି ଓ ଅନ୍ୟ ସହଯୋଗୀ ମାତ୍ର ୧୧୭ ଆସନ ମଧ୍ୟରେ ସୀମିତ ରହିବେ। ଅନ୍ୟପକ୍ଷରେ ଜେଡ଼ିୟୁକୁ ସମର୍ଥନ ଦେବାକୁ ମହାଗଠବନ୍ଧନ ଏବେ ବି ଗୋଡ଼ ଟେକି ବସିଛି। ଜେଡ଼ିୟୁର ୮୫ ସହ ଆର୍‌ଜେଡ଼ିର ୨୫, କଂଗ୍ରେସ ୬ଟି, ବାମପନ୍ଥୀ ୩ଟି, ଏଆଇଏମ୍‌ଏମ୍‌ର ୫ ଓ ବିଏସ୍‌ପିର ଗୋଟିଏ ଆସନକୁ ମିଶାଇ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ ହୋଇ ପାରିବ। ଯଦିଓ ନୀତୀଶ ମହାଗଠବନ୍ଧନ ସହିତ ମିଶି ସରକାର ଗଠନ କରିବାକୁ ସମର୍ଥ, କିନ୍ତୁ ଏହାଦ୍ୱାରା ଜେଡୟୁରେ ବିଭାଜନ ଆଶଙ୍କା ଥିବା ମଧ୍ୟ କୁହାଯାଉଛି। ଅନ୍ୟପକ୍ଷରେ ନୀତିଶଙ୍କ ପରିବର୍ତ୍ତେ ବିଜେପି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବୋଲି ଚର୍ଚ୍ଚା ହେଉଛି। ଏପରିକି ବିଜେପିର ପ୍ରସ୍ତାବରେ ସହମତ ହେବାକୁ ଦୁଇ ସହଯୋଗୀ ସଞ୍ଜୟ ଝା ଓ ଲଲନ୍ ସିଂହ ପରୋକ୍ଷରେ ନୀତୀଶକୁମାରଙ୍କୁ ବୁଝାଇବାରେ ଲାଗିଥିଲେ ହେଁ ଏହାକୁ ସେ ସ୍ୱୀକାର କରିନାହାନ୍ତି। ତେଣୁ ନୀତୀଶ ଓ ବିଜେପି ପରସ୍ପର ସହ ରହିବା ଏକ ରାଜନୈତିକ ବାଧ୍ୟବାଧକତା ଓ ପରସ୍ପରକୁ ସହଯୋଗ କରିବାକୁ ବାଧ୍ୟ। ଏହା ସତ୍ତ୍ୱେ ଏବେ ବି ନୀତିଶ ବିହାରରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର ଓ ଏଥିରେ ସାମାନ୍ୟ ପରିବର୍ତ୍ତନ କେବଳ ବିହାର ନୁହେଁ, ଜାତୀୟ ରାଜନୀତିକୁ ବି ପ୍ରଭାବିତ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ଏଥର କମ୍...

ଏକସଙ୍ଗରେ ମ୍ୟାଚ୍ ଦେଖିପାରୁଥିଲେ। ସିଟ୍ ଗୁଡିକ ଚଉଡା କରାଯିବା ପରେ ଏହି ସଂଖ୍ୟା ୩ରୁ ୪ହଜାର ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ବାରବାଟୀ ଟି-୨୦ ପାଇଁ ଡିସେମ୍ବର ୧ ତାରିଖରୁ ଅନଲାଇନ୍ ଟିକଟ ବିକ୍ରି କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ସୂଚନା ଦେଇଛନ୍ତି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ ଅନଲାଇନ୍ ଟିକଟ ଉପଲବ୍ଧ ହେବ। ଅନଲାଇନ୍‌ରେ କେତେ ସଂଖ୍ୟକ ଟିକଟ ବିକ୍ରି ନିମନ୍ତେ ଛଡାଯିବ ତାହା ଘୋଷଣା କରାଯାଇନାହିଁ। ଡିସେମ୍ବର ୫ରୁ କାଉଣ୍ଟର ଟିକଟ ବିକ୍ରି କରାଯିବ। ଏହା ଭିତରେ ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକୁ ଟିକଟ ବିକ୍ରି କରାଯିବ ବୋଲି କୁହାଯାଇଛି।

## ଅଫେରା ରାଇଜରେ...

ହୋଇଥିବା ବେଳେ ଦାଦା ସଂଗୀତ ସଂଯୋଜକ ଥିଲେ। ପିଲାଦିନରୁ ହ୍ୟୁମାନ୍ ସାଗରଙ୍କ ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା ଥିଲା। ସେ ଛୋଟବେଳୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଆ ଲୋକସଙ୍ଗୀତରେ ପ୍ରଶିକ୍ଷଣ ନେଇଥିଲେ। ସେ ବିଭିନ୍ନ ସ୍ଥାନୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୨୦୧୨ ମସିହାରେ ତାଙ୍କର ସଙ୍ଗୀତ କ୍ୟାରିଅର ଆରମ୍ଭ ହୋଇଥିଲା। ତରଙ୍ଗ ଟିଭିରେ ଆୟୋଜିତ ରିଅଲିଟି ସୋ' 'ଭଏସ୍ ଅଫ୍ ଓଡ଼ିଶା-ସିଜନ୍-୨' ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ବିଜୟ ତାଙ୍କୁ ଓଡ଼ିଆ ସଙ୍ଗୀତ ଜଗତରେ ପରିଚୟ ଦେଇଥିଲା। ୨୦୧୫ରେ ହ୍ୟୁମାନ୍ ସାଗରଙ୍କର ପ୍ରଥମ ପ୍ଲେ-ବ୍ୟାକ୍ ଡେବ୍ୟୁ ହୋଇଥିଲା ତରଙ୍ଗ୍ ସିନେ ପ୍ରଡକ୍ସନ୍ ପ୍ରଯୋଜିତ ଓଡ଼ିଆ ସିନେମା 'ଇସ୍କ ତୁ ହି ତୁ'ର ଟାଇଟଲ୍ ଟ୍ରାକ୍‌ରୁ। ଅଭିଜିତ୍ ମଜୁମଦାର ଉକ୍ତ ସଂଗୀତର ନିର୍ଦ୍ଦେଶନା ଦେଇଥିଲେ। ଏହାପରଠାରୁ ହ୍ୟୁମାନ୍ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ଭେଟି ଦେଇ ନିଜର ନିଆରା ପରିଚୟ ସୃଷ୍ଟି କରିଥିଲେ। ଚଳଚ୍ଚିତ୍ର, ଆଲବମ୍ ସଙ୍ଗୀତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏପର୍ଯ୍ୟନ୍ତ ସେ ୨୦ରୁ ଊର୍ଦ୍ଧ୍ୱ ସିନେମା ଓ ୧୦୦ରୁ ଊର୍ଦ୍ଧ୍ୱ ଆଲବମ୍‌କୁ ମିଶାଇ ୧୫ଶହରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରିଛନ୍ତି।

## ମାଟିରେ ମିଶିବ...

ବାନ୍ଧିଛନ୍ତି। ବାମ ସମାନ୍ତରାଳ ରାସ୍ତା ପାଇଁ ଶହେରୁ ଊର୍ଦ୍ଧ୍ୱ ଘରକୁ ପୂର୍ବରୁ ଭଙ୍ଗାଯାଇଛି। ଏମାନଙ୍କୁ ବୁଦ୍ଧବିହାରରେ ଥଇଥାନ କରାଯାଇଥିଲା। ହେଲେ ଅନ୍ୟଯେଉଁମାନେ ରହିଯାଇଥିଲେ ସେମାନଙ୍କୁ ଆସନ୍ତାକାଲି ଉଚ୍ଛେଦ କରାଯିବ। ଘର ଭାଙ୍ଗିବାକୁ ଥିବା ବସ୍ତି ବାସିନ୍ଦା ଘର ନୁହେଁ ରାଜଧାନୀରେ ଜମିଦାବି କରୁଛନ୍ତି। ଏଥିପାଇଁ ସେମାନେ ଏହି ଘର ଛାଡିବାକୁ ନାରାଜ। ତେବେ ପ୍ରଶାସନ ଏମାନଙ୍କୁ ଜମି ଦେବା ସପକ୍ଷରେ ନାହିଁ। ଯାହା ଉତ୍ତେଜନା ପ୍ରମୁଖ କାରଣ ପାଲଟିବ। ଏହାକୁ ବିରୋଧ କରିବାକୁ ହଜାର ସଂଖ୍ୟାରେ ଲୋକେ ଏକତ୍ରିତ ହେବେ ବୋଲି ବସ୍ତିନେତାମାନେ କହିଛନ୍ତି।

ସକାଳ ୭ଟାରୁ ସାଲିଆସାହି ଆରମ୍ଭ ହେବ ବସ୍ତି ଉଚ୍ଛେଦ କାର୍ଯ୍ୟକ୍ରମ। ଏଥିପାଇଁ ବ୍ୟାପକ ପରିମାଣରେ ଟ୍ରକ୍ ଏବଂ ଜେସିବି ମୁତୟନ କରାଯିବ। ବିଏମ୍‌ସି ପକ୍ଷରୁ ୬୦ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍। ଶହେ କର୍ମଚାରୀ ଘଟଣାସ୍ଥଳରେ ନିୟୋଜିତ କରାଯିବ। ପ୍ରତ୍ୟେକ ଜୋନ୍‌ର ଜୋନାଲ ଅଫିସର ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବାକୁ ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଲୋଚନା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦମକଳ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଏହାସହ ଉଚ୍ଛେଦ ହେଉଥିବା ପରିବାର ଲୋକଙ୍କୁ ବୁଦ୍ଧବିହାର ସ୍ଥିତି ଅସ୍ଥାୟୀ ଟ୍ରାଞ୍ଜିଟ୍ ହାଉସ୍‌ରେ ଥଇଥାନ କରାଯିବ। ପରବର୍ତ୍ତୀ ସମୟରେ ଘର ଯୋଗାଇ ଦିଆଯିବ। ସେହିପରି ବିଡିଏ ପକ୍ଷରୁ ୬ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳରେ ମୁତୟନ ରହିବେ ବୋଲି ସୂଚନା ମିଳିଛି।

## ମହଙ୍ଗା ପଡ଼ିଲା ବିଜେପିର ଜମି ଦେବା ନିର୍ବାଚନ ପ୍ରତିଶ୍ରୁତି

ସାଲିଆସାହିରେ ବସ୍ତି ଭାଙ୍ଗିଲେ ଘର ଦେଇ ଥଇଥାନ କରାଯିବ। ଏଥିପାଇଁ ବୁଦ୍ଧବିହାରରେ ଆବାସ ଘର ନିର୍ମାଣ କରି ଥିଲେ ପୂର୍ବତନ ବିଜେଡି ସରକାର। ହେଲେ ବସ୍ତିବାସିନ୍ଦାଙ୍କ ଭୋଟ୍ ହାତେଇବାକୁ ନିର୍ବାଚନ ବେଳେ ବିଜେପି ଏହାକୁ ସ୍ଥାନୀୟ ଅଞ୍ଚଳରେ ନିର୍ବାଚନର ଏକ ମୁଦ୍ଦା ବନାଇଲା। ଘର ନୁହେଁ ଆମେ ସରକାରକୁ ଆସିଲେ ପ୍ରତ୍ୟେକ ପରିବାରକୁ ଜମି ଦେବୁ। ତାହାପୁଣି ରାଜଧାନୀରେ ୬ ଶହ ବର୍ଗଫୁଟ୍‌ର ଜମି। ଏଥିପାଇଁ ପ୍ରଚାରପତ୍ର ଲୋଖାଯାଇ ଘରେ ଘରେ ବଣ୍ଟାଗଲା। ଲୋକଙ୍କୁ ଜମି ପାଇଁ ଉସୁକାଇଲା। ଭୁବନେଶ୍ୱର ଏମ୍‌ପି ଜାତୀୟସ୍ତରର ଜଣେ ତାରକା ଏମ୍‌ପିଙ୍କୁ ଧରି ସାଲିଆସାହିରେ ଏଭଳି ପ୍ରତିଶ୍ରୁତି ଦେଲେ। ହେଲେ ସରକାରକୁ ଆସିଲା ପରେ ମୁଣ୍ଡରେ ବୁଦ୍ଧି ପସିଲା। ପୂର୍ବ ସରକାର ଯାହା କରୁଥିଲେ ତାହା ଠିକ୍ ବୋଲି କହିଲା। ଜମି ଦେଇ ନୁହେଁ ଘର ଦିଆଯାଇ ଥଇଥାନ କରାଯିବ ବୋଲି ପ୍ରଶାସନ ଦ୍ୱାରା କୁହାଇଲା। କିନ୍ତୁ ବସ୍ତି ବାସିନ୍ଦା ଛାଡିବାକୁ ନାରାଜ। ପ୍ରତିଶ୍ରୁତି ଦେଇଛ ମାନେ ଜମି ଦେବ। ନ ହେଲେ ବିଜେପି ନେତାଙ୍କ ଘର ଘେରିବୁ ବୋଲି ବସ୍ତିବାସିନ୍ଦା ଅଡ଼ିବସିଛନ୍ତି।

## ରାସ୍ତାର ନକ୍ସା ବଦଳାଯାଉ

ଆମେ ବାମ ପାଶ୍ୱର୍ ସମାନ୍ତରାଳ ରାସ୍ତାର ବିରୋଧ କରୁନାହୁଁ। ବସ୍ତି ବାସିନ୍ଦା ସହରର ଜୀବନ ରେଖା, ତେଣୁ ସେମାନଙ୍କୁ କର୍ମସ୍ଥଳୀ ନିକଟରେ ବାସସ୍ଥାନ ଯୋଗାଇ ଦେବା ସରକାରଙ୍କର ଦାୟିତ୍ୱ। ସେମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଉ। ଜଙ୍ଗଲ ଜମିରେ ଅନ୍ୟ କିଛି ହୋଇପାରିବ ନାହିଁ କିନ୍ତୁ ରାସ୍ତା କେମିତି ହୋଇପାରିବ। ପ୍ରଥମେ ଏହି ବସ୍ତିରେ ଦୀର୍ଘଦିନ ଧରି ଶ୍ରମଜୀବୀ ଲୋକ ରହୁଛନ୍ତି। ତା ପରେ ରାସ୍ତା ନିର୍ମାଣ ହେଉଛି। ତେଣୁ ରାସ୍ତାର ନକ୍ସା ବଦଳାଯାଉ। ବଳପୂର୍ବକ ବସ୍ତି ଉଚ୍ଛେଦ ନ କରାଯାଉ ବୋଲି ବସ୍ତି ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦିକା ପ୍ରମିଳା କହିଛନ୍ତି।

## ସବୁ ଆଲୋଚନା ବିଫଳ

ବିଏମ୍‌ସି ବସ୍ତି ନେତାଙ୍କୁ ନେଇ ଆଲୋଚନା କରିବାକୁ ଚାହୁଁଥିଲା। ହେଲେ ଆଲୋଚନା ବିଫଳ ହେଲା। ଫଳରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୋମବାର ପୁଲିସ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିବାକୁ ଡାକିଥିଲା। କୁହାଯାଇଥିଲା ଡିସିପି ଆଲୋଚନା କରିବେ। ହେଲେ ନାଆ ଥାନା ଅଧିକାରୀ। ନାଆ ଡିସିପି କେହି ଆସିଲେନି। ବହୁତ ଲୋକ କ'ଣ ପାଇଁ ଆସିଛ ବୋଲି କହି ନୂଆପଲ୍ଲୀ ଥାନା ସେମାନଙ୍କୁ ଫେରାଇ ଦେଲା।


GOVERNMENT OF ODISHA
OFFICE OF THE EXECUTIVE ENGINEER MURAN DAM DIVISION, KHATIGUDA UPPER INDRAVATI DAM CIRCLE
AT/PO-KHATIGUDA, DIST- NABARANGPUR, PIN-764085
A-869
Email id- eemurandamdivision@gmail.com
TENDER CALL NOTICE NO. EEMDD- 03/2025-26, DATED: 06.11.2025

Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Muran Dam Division, Khatiguda.

| | | |
|---|---|---|
| 1 | Name Of the Work | : "Deployment of one light Commercial Vehicle (Bolero/TUV-300/SUMO Gold/Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year / 12 calendar months". |
| 2 | Number of works | One |
| 3 | Estimate cost | Rs. 4,46,400/- (Excluding GST) |
| 4 | Eligibility of the bidders | : Registered Travel Agency / Tour Operators / Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5 | Period of contract | : 12 (Twelve) Calendar Months |
| 6 | Date & Time of Availability of bid document at the office | From 14.11.2025 (11:00 AM) to 21.11.2025 up to (01:00 PM) |
| 7 | Last Date and Time for receipt of bid at the office | 21.11.2025 (05:00 PM) |
| 8 | Date of opening of the bids online | 24.11.2025 (12:30 PM) |
| 9 | Name & address of the Office of the Office Inviting Bid | Office of The Executive Engineer, Muran Dam Division, At/Po: Khatiguda, Dist.: Nabarangpur, PIN-764085 |

Further details can be seen at the Office of The Executive Engineer, Muran Dam Division, Khatiguda. Any Addendum/Corrigendum/Cancellation, if required, will be published on the Notice Board only.

Sd/- Executive Engineer, Muran Dam Division, Khatiguda
OIPR

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit no.2889, dtd.16.10.2025 before Notary Public, Jatni, I, Laxmipriya Maharana, At- Loco Settlement, PO/PS-Jatni, Dist-Khordha, present residing at Ananda Vihar, Godadharmasagar, Jatni, PO/PS-Jatni, Dist-Khordha -752050 have changed my name from Bisnupriya Moharana to Laxmipriya Maharana. Henceforth, I shall be known as Laxmipriya Maharana for all purposes.
Sd/-Laxmipriya Maharana

**AFFIDAVIT**
I, **Beautirani Parichha**, D/o.: Mrutyunjaya Parichha, Permanent resident of At/PO.: Narayanpur, P.S.: Rayagad, Dist.: Gajapati, Odisha-761212 declare by this Affidavit No.: 6017, sworn before Executive Magistrate, Angul on Dt.17.11.2025 that from now onwards my name Beauti Parichha will be known as **Beautirani Parichha** for all future legal purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar Address dated 3.11.2025, I, Baidhar Shau, Vill-Narasinghpur, P.O.:-Bhandaridiha, Dist-Kendujhar, Pin-758025, Odisha declare that, the name of my daughter has changed from Dipika Priyadarshini Shau to Dipika Priyadarshini Sahu. Henceforth, she will be known as Dipika Priyadarshini Sahu for all purposes.

**AFFIDAVIT**
By Virtue of an affidavit dtd. 16.11.2025 before the Notary Public, M.Rampur, Dist Kalahandi,I, Binod Kumar Sahu, Have changed my minor daughter name and DOB from Pragya parimiti Sahu, DOB- 28.05.2012 to Pragya Parimita Sahu, DOB-23.04.2012. Hence forth she will be Known as pragya Parimita Sahu and her DOB is 23.04.2012 for all purposes.
Sd/- Binod Kumar Sahu

**AFFIDAVIT**
I JAMI RASHMITA, W/o JAMI ANIL KUMAR, resident of At- Gulipatna, Po./Ps.- Umarkote, ,Dist.-Nabarangpur- 764 073 Odisha declare by this Affidavit No.1893, Dated-11/11/2025,that now onwards I shall be known as **JAMI RASMITA PATRA** for all future purpose.

**AFFIDAVIT**
By virtue of an affidavit no.2888, dtd.16.10.2025 before Notary Public, Jatni, I, Chakradhar Maharana, residing at Ananda Vihar, Godadharmasagar, Jatni, PO/PS–Jatni, Dist-Khurda, Pin–752050 have changed my name from Chakrapani Moharana to Chakradhar Maharana. Henceforth, I shall be known as Chakradhar Maharana for all purposes.
Sd/-Chakradhar Maharana

**AFFIDAVIT**
I, Gohil Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Odisha, Pin-751006, declare by this affidavit No.311/2025, dated-11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Badasahi, Mayurbhanj, dated 10.10.2025, I Apurba Naik, Address At-Narankhunta, Po-Narankhunta, Ps-Badasahi, Dist-Mayurbhanj, State-Odisha, Pin-757075 declare that I have changed my name from Arghuba Naik to Apurba Naik. Henceforth , I shall be known as Apurba Naik for all purposes.
Sd/- Apurba Naik

**AFFIDAVIT**
Punam Agarwalla, D/O-Sarat Chandra Tulsian, Residence of ward no-2 Babusahi, po-Baripada, ps-Baripada Town, Dist-Mayurbhanj-757001 Odisha, declared by this affidavit no-243,Dated-17/11/2025 that now onwards I shall be known as **PUNAM AGARWAL** for all future purpose.

**AFFIDAVIT**
By virtue of an affidavit (CF No. 16, date- 17/11/2025) before the Executive Magistrate, Bhubaneswar. I, **Rubina Sahoo,** (Mobile Number: 7894244302), W/o Panchanan Sahoo, resident of At- Plot No. LIG-231, Baramunda Housing Board Colony, Near Radhakrishna Temple, Baramunda, Bhubaneswar, Dist-Khurda, Odisha, PIN- 751003, Odisha declare that, I have correction my name from **Rubina Rani Sahoo to Rubina Sahoo** in my son's school record (Name: **Biswaroop Sahoo,** School: KV-2, Bhubaneswar).
**Rubina Sahoo**

**AFFIDAVIT**
By virtue of an affidavit sworn before the Executive Magistrate, Baramba Dt. 27.10.2025 I Santosh Kumar Sahoo of Vill/Po-Jhajia, Ps-Baramba, Dist-Cuttack declare that I have changed the name of my minor daughter name from Nishigandha Sahoof to Nishigandha Sahoo in Aadhar card. Henceforth, she shall be known as **Nishigandha Sahoo** for all purposes.

**AFFIDAVIT**
By virtue of an affidavit sworn before Executive Magistrate Bhubaneswar on dated, 17.11.2025, I Rita Kumari Naik resident At-Hariom Colony, Mission Chowk, Word No. 10, Po/Ps- Sundargarh Town, Dist-Sundargarh, Odisha, PIN-770001, declare that I have changed my name from Rita Patel to Rita Kumari Naik. Henceforth, He shall be known as **RITA KUMARI NAIK** for all purposes.

**LOST**
I, Sri Sana Pangi, S/o- Late Amaya Pangi resident of Vill.-Raipada, Po.- Godihanjar, Ps.-Machkund, Dist.- Koraput state that, I am having a landed property of Mouza- Godihanjar under khata no.-48, Area- AC-7.89 Centin the name of Ghasi Pangi, Raji Pangi and Sana Pangi joint record. Original ROR has been misplaced when I traveled from Raipada to Jeypore. Inspite of my best effort I am unable to trace it out and it is beyond recovery. If in future any person has found the Original ROR while in contact with Sana pangi. Mob No.- 9337954554.

OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA
e-mail Address: eenidnimapara@gmail.com
1st Corrigendum to e-Procurement Notice No.04 of 2025-26/ Dated 28.10.2025
NID FOR CANCELLATION
No.A-898:The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.
OIPR-
Sd./- Superintending Engineer
Nimapara Irrigation Division, Nimapara

**AFFIDAVIT**
I, Rasmi Ranjan Barik, aged about 48 years, S/o Late Rabindra Kumar Barik, resident of At-Baulakuda, Dadhibamanpur, Bentkar, Dist- Cuttack, PIN-754112, Odisha declare by this affidavit No. 9829, date- 19/09/2025, that now onwards I shall be known as **RASHMI RANJAN BARIK** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, SL.No- 3 on dated 17-11-2025 I, **MADHUSREE KUANR,** W/o Bikash Chandra Rout permanent resident of Plot No- B/27/A, Phase-2, Krishna Garden, Jagamara, VTC- Khandagiri, Po- Khandagiri, Ps- Khandagiri, Dist-Khordha, Pin- 751030, declare that I have changed my name from **MADHUSHRI ROUT** (Old name) to **MADHUSREE KUANR** (New name), Henceforth, I shall be known as **MADHUSREE KUANR** for all future purposes.
Sd-( **MADHUSREE KUANR**)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.
No. 2710 /OSOU/2025 Dt. 17.11.2025

**SHORT TENDER NOTICE**
Odisha State Open University, Sambalpur invites Short Tender Notice for Event Management Services for PRAYAS: National Conference-2025 to be held from 13th to 15th December, 2025 in the University Campus for successful completion of the Event.
The interested agencies having experiences in the said services may visit our website www.osou.ac.in for more details. Last date of submission of tender proposal - 02.12.2025 (5.00 PM) by Speed Post /Regd. Post.
For more details visit our website:
www.osou.ac.in
Sd-
Registrar

OFFICE OF THE
NOTIFIED AREA COUNCIL, KODALA
Government of Orissa
Odisha, PIN -761032, e-Mail: - nackodala@gmail.com
Lt. No.3140/Dev/2025 Dated.12.11.2025
e- NOTICE
BID IDENTIFICATION No.KOD-NAC-12/2025-26
C-: The Executive Officer, NAC, Kodala, on behalf of Govemor of Odisha invites for consultancy or bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.
1. Name of the Work :- Civil Work
2. Number of Work :- 11 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 13/11/2025 to 5.00PM of Dt. 26/11/2025
6. Last date and time for receipt of Bid in the Portal :- 5.00PM of Dt. 26/11/2025
7. The bid received online shall be opened on :- 11.00 AM of dtd. 27/11/2025
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal: www.tendersorissa.gov.in.
OIPR- Sd./- Executive Officer, Kodala NAC

C-1450
GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Bid Identification No.52/03/SPH(C)/2025-26 dt.07.11.2025
1 Name of the work — 5 (Five) nos. of works
2 Estimate cost — 7.39 lakh to 40.64 lakhs
3 Date & time of availability of bid document in the portal — From 11.00 AM of 15.11.2025 to 5.30 PM of 01.12.2025
4 Last Date / Time of receipt of bid in the portal — 5.30 PM of 01.12.2025
5 Date and time of opening of bids — 1.00 P.M. on dated.03.12.2025
6 Name and address of the Officer inviting the bid — Superintending Engineer, P.H. Division, Bhanjanagar at Chatrapur

Further details can be seen from the e-procurement portal https://www.tenderorissa.gov.in.
Sd./- Additional Chief Engineer
P.H. Division, Bhanjanagar
at Chatrapur
OIPR-

**AFFIDAVIT**
By virtue of an affidavit before The Notary Public, Titilagarh, on dated-17/11/2025. I, **Jangyasini Nag** (new name) formerly called as Jagyanseni Nag (old name), D/o Bhima Nag, Permanent resident of At- Belpadar, P.O. Sirol, P.S. Titilagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from **Jagyanseni Nag** (old name) to **Jangyasini Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jangyasini Nag** (new name).
**Jangyasini Nag**

**AFFIDAVIT**
By virtue of an affidavit before the Notary Public, Titilagarh, on dated-17/11/2025. I, **Subash Murlli** (applicant name), S/o- Narasingha Murlli, permanent resident of AT-Sargiguda W.N. 1, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Bubul Murali** (old name) to **Bulbul Murlli** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bulbul Murlli** (new name) for all future purposes.
**Subash Murlli**

ଓଡ଼ଗାଁରେ ମାଣ୍ଡିଆ କେଳେଙ୍କାରୀ

# କାଠ କାରିଗର ବି ମାଣ୍ଡିଆ ଚାଷୀ

ନୟାଗଡ଼/ଓଡ଼ଗାଁ,୧୭ ।୧୧(ସମିସ)



ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ମହାଘୋଟାଲାକୁ ନେଇ ଗାଁଠାରୁ ସହର ସବୁଠି ଚର୍ଚ୍ଚା । ଏପରିକି ମାଣ୍ଡିଆ କେଳେଙ୍କାରୀକୁ ନେଇ ଜିଲ୍ଲା ପରିଷଦ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ଏବଂ ତଦନ୍ତ କମିଟି ଗଠନ ହେବା ସୂଚନା ମିଳିଛି । ଜିଲ୍ଲା ପରିଷଦ ସ୍ୱତନ୍ତ୍ର କମିଟି ତଦନ୍ତ କରିବା ପୂର୍ବରୁ ଗ୍ରାଉଣ୍ଡ ଜିରୋରୁ ମାଣ୍ଡିଆ ଚାଷର ସ୍ଥିତି ପରଖିଛି 'ସକାଳ'। ନୟାଗଡ଼ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡା, ଓଡ଼ଗାଁ ପ୍ରତିନିଧି ସାରସ କୁମାର ମିଶ୍ର ବିଭିନ୍ନ ଗାଁକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିବା ବେଳେ ସାଂଘାତିକ ଘଟଣା ସବୁ ନଜରକୁ ଆସିଛି । ଓଡ଼ଗାଁ ବ୍ଲକରେ ମାଣ୍ଡିଆ ଚାଷ ଦାୟିତ୍ୱ ନେଇଥିବା ଏନଜିଓ ଇ ଇକୋ ସଲ୍ୟୁସନ୍ କର୍ମଚାରୀଙ୍କ ଦଲାଲ ଗିରି ଏବଂ ମିଛ କାଗଜପତ୍ରରେ ମାଣ୍ଡିଆ ଚାଷ ଦର୍ଶାଇବା ଧରା ପଡ଼ିଛି। ଓଡ଼ଗାଁ ବ୍ଲକ ଭାଡ଼ିକିଳା ପଞ୍ଚାୟତ ଭାଡ଼ିକିଳା ଗାଁରେ ଆଦୌ ମାଣ୍ଡିଆ ଚାଷ ହୋଇନଥିବା ଚାଷୀ ଫକିର ମହାରଣା କହିଛନ୍ତି। କେବଳ ମିଲେଟ୍ ମିଶନ ବାଲା ଆସନ୍ତି, କାଗଜପତ୍ର କରି ଆକାଉଣ୍ଟକୁ କିଛି ଟଙ୍କା ଛାଡ଼ନ୍ତି ବୋଲି କହିଛନ୍ତି । ଏହି ଟଙ୍କାରୁ ସେମାନେ ଆସି ପୁଣି କିଛି ନେଇ ଯାଆନ୍ତି । ଗତବର୍ଷ ୧୮ ଶହ ଟଙ୍କା ଆକାଉଣ୍ଟକୁ ପଠାଇ ୫ ଶହ ଟଙ୍କା ନେଇ ଯାଇଥିଲେ। ଏବର୍ଷ ପୁଣି ନାଁ ଦିଆହୋଇଛି, କିନ୍ତୁ ଟଙ୍କା ଆସିନି ବୋଲି କହିଛନ୍ତି। ଭାଡ଼ିକିଳା ଗାଁରେ ଭିନ୍ନ ଏକ ଘଟଣା ଦେଖିବାକୁ ମିଳିଛି । ଏହି ଗାଁରେ ଭାଗବତ ମହାରଣା ଏବଂ ତାଙ୍କ ଦୁଇ ପୁଅ ଓ ବୋହୁଙ୍କ ନାଁରେ ଚାଷୀ ତାଲିକାରେ ରହିଛି । ତାଙ୍କ ଦୁଇ ପୁଅ ଲଳିତ କୁମାର ମହାପାତ୍ର, ବୋହୁ କୁନି ମହାରଣା, ପୁଅ ତପନ କୁମାର ମହାରଣା, ବୋହୁ ବବିନା ମହାରଣାଙ୍କ ନାଁ ତାଲିକାରେ ରହିଛି । ଲଳିତ ଭଞ୍ଜନଗରରେ ରହି ଦୀର୍ଘଦିନ ହେବ କାଠ କାମ କରୁଥିବା ସୂଚନା ମିଳିଛି। ଗୋଟିଏ ପରିବାରର ୫ ଜଣଙ୍କ ନାଁ ତାଲିକାରେ ରହିଥିବା ବେଳେ ସେ ଚଳିତ ବର୍ଷ ଆଦୌ ଚାଷ କରିନଥିବା ଜଣାପଡ଼ିଛି। ଏପରିକି ତାଙ୍କୁ ବିହନ ମଧ ଯୋଗାଇ ଦିଆଯାଇନାହିଁ। ସମାନ ଭାବେ କୁରାଳ ପଞ୍ଚାୟତ କୁରାଳ ଗ୍ରାମର ମନୋରମା ସାହୁ, ସନ୍ନ୍ୟାସୀ ମହାରଣା, ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଆଦୌ ଚାଷ କରିନଥିବା ଜଣାପଡ଼ିଛି ।

ସାକେରୀ ଗାଁର ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ନାଁ ତାଲିକାରେ ରହିଥିବା ବେଳେ ଜଣେ ମାତ୍ର ଚାଷୀ ମାଣ୍ଡିଆ ଅମଳ କରିଥିବା ଜଣାପଡ଼ିଛି । ସାକେରୀ ଗାଁର ଲୋଚନ ନାୟକଙ୍କ କହିବା ଅନୁସାରେ, ସରକାରୀ ବିହନ ଯାହା ମିଳିଥିବା ସେଗୁଡ଼ା ଗଛ ହେଲାନାହିଁ। ତେଣୁ ଗାଁରେ କେହି ଚଳିତ ବର୍ଷ ମାଣ୍ଡିଆ ଚାଷ କରିନାହାନ୍ତି । ସମାନ କଥା କହିଛନ୍ତି ଚାଷୀ ଦୃତିକୃଷ୍ଣ ନାୟକଙ୍କ ଝିଅ ଓ ଉଦୟନାଥ ପ୍ରଧାନଙ୍କ ପତ୍ନୀ। ସାକେରୀ ପଞ୍ଚାୟତର କୌଣସି ଗାଁରେ ମାଣ୍ଡିଆ ଚାଷ ହୋଇନଥିବା ବେଳେ ସାକେରୀ ଗାଁର ଟୁନା ନାୟକ ନିଜ ସଂରକ୍ଷିତ ବିହନ ବୁଣି ମାଣ୍ଡିଆ ଚାଷ କରିଥିବା ଜଣାପଡ଼ିଛି । ସେହିଭଳି ଭାବେ ଶରଧାପୁର ପଞ୍ଚାୟତର ଆମ୍ରପାପୁର ଗାଁରେ ଆଦୌ ମାଣ୍ଡିଆ ଚାଷ ହୋଇନଥିବା ଜଣାପଡ଼ିଛି । ଚାଷୀ ରବୀନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ ପ୍ରଧାନ ଏନେଇ ସୂଚନା ଦେଇଛନ୍ତି।

- ତାଲିକାରେ ଗୋଟିଏ ପରିବାରର ୫ ଚାଷୀ
- ସରକାରୀ ବିହନ ଗଛ ହୋଇନଥିବା ଅଭିଯୋଗ
- ଗ୍ରାଉଣ୍ଡ ଜିରୋରୁ ସ୍ଥିତି ପରଖିଲା 'ସକାଳ'

ମଦନଗାଡ଼ିଆ ଗାଁର ଅନେକ ଚାଷୀଙ୍କ ନାଁ ତାଲିକାରେ ରହିଥିବା ବେଳେ ମାତ୍ର ଜଣେ ଚାଷୀ ୨୫ ଡିସିମିଲ ଜମିରେ ଚାଷ କରିଥିବା ଜଣାପଡ଼ିଛି । ରୋହିବାଙ୍କ ପଞ୍ଚାୟତରେ ମଧ ସମାନସ୍ଥିତି ଦେଖିବାକୁ ମିଳିଛି। ଓଡ଼ଗାଁ ବ୍ଲକର ଶରଧାପୁର, ଭାଡ଼ିକିଳା, ସାକେରୀ, କୁରାଳ ଓ ରୋହିବାଙ୍କ ପଞ୍ଚାୟତରେ ମାତ୍ର ଦୁଇ ଜଣ ଚାଷୀ ଚାଷ କରିଥିବା ବେଳେ ଶହ ଶହ ଚାଷୀଙ୍କ ତାଲିକା ପ୍ରସ୍ତୁତ କରି କୃଷି ବିଭାଗ, ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଭୁଆଁ ବୁଲାଯାଉଛି ।

● ଦଶପଲ୍ଲା ମୁଖ୍ୟ ଡାକ ଘରୁ ଲୁଟ୍

# ଲକର୍ କାଟି ନେଇଗଲେ ସାଢ଼େ ୪ ଲକ୍ଷ

**ଦଶପଲ୍ଲା,୧୭।୧୧(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ସଦର ମହକୁମା ସ୍ଥିତ ମୁଖ୍ୟ ଡାକ ଘରୁ ଅଜଣା ଦୃର୍ବୃତ୍ତମାନେ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଲୁଟ୍ ନେଇଥିବା ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ସ୍ଥାନୀୟ ପୁଲିସ ଘଟଣାର ଛାନ୍ ଭିନ ଜାରୀ ରଖିଛି । ନିଜେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଘଟଣାର ତଦାରଖ କରି ଫେରିଛନ୍ତି। ଅପରାହ୍ନରେ ସାଇନ୍ଟିଫିକ୍ ଟିମ୍ ସନ୍ଧାନି କୁକୁର ସହ ତଦନ୍ତ ଜାରୀ ରହିଛି। ସୋମବାର ନିର୍ଦ୍ଧାରିତ ସମୟରେ ମୁଖ୍ୟ ପରିଚାଳକ ଓ ସହକର୍ମୀମାନେ ମୁଖ୍ୟ ଦ୍ୱାର ଦେଇ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରି ଡାହାଣ ପାର୍ଶ୍ୱ ଝରକା ତାଡି ଦିଆଯାଇଥିବା ଦେଖିବାକୁ ପାଇଥିଲେ। ଏଥି ସହିତ ଷ୍ଟ୍ରଙ୍ଗ ରୁମ୍ କବାଟ ଭାଙ୍ଗି ଲକରକୁ ଗ୍ୟାସ୍ କଟର ଦ୍ୱାରା କଟା ଯାଇଥିବା ଦେଖାଯାଇଥିଲା । ଭିତରେ ଥିବା ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଥିବା ସହିତ କିଛି ଖୁଚୁରା ନୋଟ ପଡ଼ି ରହିଛି । ଏହା ପରେ ସ୍ଥାନୀୟ ପୁଲିସକୁ ଖବର କରାଯିବା ସହ ଲିଖିତ ଅଭିଯୋଗ କରାଯାଉଛି। ଘଟଣାର ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାଯାଏ ଯେ ଏହି ରାଷ୍ଟ୍ରୀୟ ପରିଚାଳନା ଧୀନ ସଂସ୍ଥାରେ କୌଣସି ସିସିଟିଭି ଲାଗି ନଥିବା ଦୁର୍ବୃତ୍ତଙ୍କୁ ବେଶ୍ ସୁହାଇଛି। ଅନ୍ୟପକ୍ଷରେ ଏହି ଘଟଣା ଗତ ଶନି ବାର ରାତିରେ ଘଟେଇ ପୁଲିସ ତଦନ୍ତକୁ ବିଳମ୍ବିତ ଓ ବାଟ ବଣା କରିବାକୁ ଦୁର୍ବୃତ୍ତ ଚାଲ୍ ଖେଳିଥିବା ସନ୍ଦେହ କରାଯାଉଛି। ଦଶପଲ୍ଲାର ମୁଖ୍ୟ ରାସ୍ତା , ଗୁରୁତ୍ୱପୂର୍ଣ୍ଣ ସମ୍ବେଦନ ଶୀଳ ଜାଗା ତଥା ଦଶପଲ୍ଲା ଥାନାଠାରୁ ଅନତି ଦୂରରେ ଘଟିଥିବା ଘଟଣା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି।



● ବ୍ଲକ୍‌ସ୍ତରୀୟ ବାକ୍ ଚିକିତ୍ସା ଶିବିରରେ ଅବ୍ୟବସ୍ଥା

# ଛାତ୍ରଛାତ୍ରୀଙ୍କୁ ଜଳଖିଆ ଦେଇ ଭଣ୍ଡାଇଦେଲେ

**ଗଣିଆ,୧୭ ।୧୧(ସମିସ):** ଶିକ୍ଷା ବିଭାଗ ଆନୁକୂଲ୍ୟରେ ସୋମବାରଠାରୁ ଆରମ୍ଭ ହୋଇଥିବା ବ୍ଲକ ସ୍ତରୀୟ ବାକ୍ ଚିକିତ୍ସା ଶିବିରରେ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଛି । ଶିବିର ଆଜିଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ ସ୍ଥିର କରାଯାଇଛି। ଏହି ଶିବିରରେ ଗଣିଆ ବ୍ଲକର ବିଭିନ୍ନ ଗ୍ରାମର ୨୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହିତ ୨୦ ଜଣ ଅଭିଭାବକ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି। ଏଥିପାଇଁ ଆସୁଥିବା ଛାତ୍ରଛାତ୍ରୀ ଏବଂ ତାଙ୍କ ଅଭିଭାବକଙ୍କ ପାଇଁ ଜଣକ ପିଛା ୬୦/୭୦ ଟଙ୍କା ସହିତ ଖାଇବା(ମିଲ୍ସ) ର ସୁବିଧା ମଧ ହୋଇଛି । କିନ୍ତୁ ପ୍ରଥମ ଦିନରେ ଛାତ୍ର ଛାତ୍ରୀ ତଥା ଅଭିଭାବକଙ୍କୁ ଜଳଖିଆ ଦେଇ ଭଣ୍ଡାଇ ଦିଆଯାଇଛି । ଦିନ ୧୦ ଘଟିକାରୁ ଆସି ଦିବା ୨ ଘଟିକା ପର୍ଯ୍ୟନ୍ତ ଛୋଟ ଛୋଟ ପିଲାମାନଙ୍କୁ ଜଳଖିଆ ପୁଡିଆ ଦେଇ ପଠାଇବା କେତେଦୂର ଯଥାର୍ଥ ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ସେମାନେ ଅସହାୟ ବୋଲି ତା'ର ଫାଇଦା ଉଠାଇ ବିଭାଗୀୟ ଅଧିକାରୀମାନେ ଅର୍ଥ ହରିଲୁଟ କରିଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ୧୦ଟା ବେଳକୁ କମ୍ ଲୋକ ଆସିଥିଲେ ବୋଲି ଆଜି ରୋଷେଇ କରିନୁ କାଲିଠୁ ରୋଷେଇ କରିବୁ ବୋଲି ସେ ସଫେଇ ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯଦି ରୋଷେଇ ହେବା କଥା ତେବେ ୧୦ ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ଆବଶ୍ୟକ କ'ଣ ଥିଲା। ଶିବିର ଆରମ୍ଭରୁ ରୋଷେଇ କାହିଁକି ହେଲା ନାହିଁ ନା ଜାଣିଶୁଣି ପ୍ରଥମ ଦିନରେ ପିଲାଙ୍କ ପାଇଁ ଆସୁଥିବା ଅର୍ଥ ହଡପ ପାଇଁ ଏଭଳି କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ଏଭଳି ଦାୟିତ୍ୱ ହୀନ ମନ୍ତବ୍ୟରୁ ଅର୍ଥ ହଡପର ଗନ୍ଧ ସ୍ପଷ୍ଟ ବାରି ହେଉଛି । ମିଲ୍ସ ବାବଦକୁ ଜଣକ ପିଛା ୭୦ ଟଙ୍କା ଲେଖାଁଏ ଦିନକୁ ୪୫ ଜଣଙ୍କ ପାଇଁ ୩୧୫୦ ଟଙ୍କା ହିସାବରେ ୯୪୭୦ ଟଙ୍କା, ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ପାଇଁ ଦିନକୁ ୬୦ ଟଙ୍କା ହିସାବରେ ୭୨୦୦ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ୨୦ ହଜାର ୬୨୫ ଟଙ୍କା ଆସିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଜଳଖିଆ ପୁଡିଆ ଦେଇ ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି।




ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱହୀନ ମନ୍ତବ୍ୟ

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ସୋମବାର ଜନଶୁଣାଣୀ ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ଆସିଥିଲେ ମଧ ବ୍ଲକ ଶିକ୍ଷା ବିଭାଗୀୟ ଅଧିକାରୀ ଏଭଳି ଦୁଃଶାହସ କିଭଳି କଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛି ଲୋକ ବାବୁ ଜାଣିକି କାମ ବୋଲି ଚର୍ଚ୍ଚା କରୁଥିବା ଶୁଣିବାକୁ ମିଳିଛି । ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଯୁବକକୁ ଉତ୍ତମ ମଧ୍ୟମ ଦେଲେ ଗ୍ରାମବାସୀ

**ଭାପୁର,୧୭ ।୧୧(ସମିସ):** ଜଣେ ଚୋର ଘରେ ପଶି ଚୋରି କରିବା ସମୟରେ ଗ୍ରାମବାସୀ ଧରି ଉତ୍ତମ ମଧ୍ୟମ ଦେଇଛନ୍ତି। ତାଙ୍କ ପରିବାର ଆସି ସମାଧାନ କରି ଯୁବକକୁ ଉଦ୍ଧାର କରି ନେଇଛନ୍ତି। ଏପରି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଫତେଗଡ ଥାନା ପଥରଚକଡା ଗ୍ରାମରେ। ଗ୍ରାମର ଗଦାଧର ସ୍ୱାଇଁଙ୍କ ଘରୁ ଚୋରମାନେ ରବିବାର ରାତିରେ ଚୋରି କରୁଥିଲେ। ଚୋରି କରିବା ସମୟରେ ହାତରୁ କିଛି ସାମଗ୍ରୀ ଖସି ପଡ଼ି ଶବ୍ଦ ହେବାରୁ ଘରେ ଶୋଇଥିବା ଲୋକମାନେ ଉଠିପଡିଥିଲେ । ସେମାନେ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀମାନେ ଜଣେ ଚୋରକୁ କାବୁ କରିଥିଲେ। ଅଭିଯୁକ୍ତ ଜଣଙ୍କ ଖଣ୍ଡପଡ଼ା ଥାନା ବୋଦସା ଗ୍ରାମର ବାଟୁଆ ନାୟକ। ଗ୍ରାମବାସୀ ଚୋରକୁ ଉତ୍ତମ ମଧ୍ୟମ ହେଇ ଗାଁ ଦାଣ୍ଡରେ ବାନ୍ଧି ଥିଲେ। ଏହା ଫେସବୁକରେ ପ୍ରଚାରିତ ହେବାପରେ ଚୋରର ନିକଟ ସମ୍ପର୍କୀୟ ଆସି ପଥରଚକଡା ରେ ପହଞ୍ଚି ସମାଧାନ କରି ଚୋରକୁ ଉଦ୍ଧାର କରି ଘରକୁ ନେଇଥିବା ଜଣାପଡ଼ିଛି।

■ ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ୨ - ୦ ଗୋଲରେ ଭୁବନେଶ୍ୱର ବିଜୟୀ



**ଶରଣକୁଳ,୧୭।୧୧(ସମିସ):** ଶରଣକୁଳ ଲଡୁକେଶ ଆଥଲେଟିକ ଆସୋସିଏସନ ୬୪ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ ଖେଳ ଡିଏମଏସଏଫ ଚକ୍ରଧରପୁର ଝାଡ଼ଖଣ୍ଡ ଓ ଗନ୍ଦରପୁର ଫୁଟବଲ କ୍ଲବ ଭୁବନେଶ୍ୱର ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗନ୍ଦରପୁର ଫୁଟବଲ କ୍ଲବ ଭୁବନେଶ୍ୱର ଝାଡ଼ଖଣ୍ଡ ଫୁଟବଲ ଦଳକୁ ୨ - ୦ ଗୋଲରେ ପରାସ୍ତ କରି ଆଜିର ଖେଳରେ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ଓ ଚିତାକର୍ଷକ ଥିବାବେଳେ ଉଭୟ ଦଳ ବହୁ ଚେଷ୍ଟାକରି ମଧ କେହି କାହାରିକୁ ଗୋଲ ସ୍କୋର କରି ପାରିନଥିଲେ। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାର ୨ ମିନଟରେ ଭୁବନେଶ୍ୱର ଦଳର ୭ ନମ୍ବର ଜର୍ସି ଖେଳାଳୀ କାବୁଲାଲ ସାହୁ ବିପକ୍ଷ ଦଳକୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୧୩ତମ ମିନିଟରେ ଦ୍ୱତୀୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ । ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ଆଜିର ଖେଳରେ ଜନସଂଗ୍ରାମ ପ୍ରେସ ଶରଣକୁଳ ପକ୍ଷରୁ ଭୁବନେଶ୍ୱର ଦଳର କାବୁଲାଲ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆ ଯାଇଥିଲା । ଆସନ୍ତା କାଲିର ଖେଳ ଟାର୍ଜନ କ୍ଲବ କଟକ ସହିତ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ବରଗଡ଼ ମଧରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

# ମଧୁବନ କ୍ରୀଡ଼ାଙ୍ଗନରେ ମହୋତ୍ସବ ଆୟୋଜନକୁ ବିରୋଧ




**ଖଣ୍ଡପଡ଼ା,୧୭।୧୧(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ମଧୁବନ କ୍ରୀଡ଼ାଙ୍ଗନ ପରିସରରେ ବର୍ଷର ବିଭିନ୍ନ ସମୟରେ ମେଳା, ମହୋତ୍ସବ ଆଦି ଆୟୋଜନ କରାଯାଉଥିବାରୁ ଷ୍ଟାଡିୟମ କ୍ରୀଡାଙ୍ଗନର ଅବସ୍ଥା କିଛି ମାତ୍ରାରେ ନଷ୍ଟ ହୋଇଥିବା ସ୍ଥାନୀୟ ଯୁବକ ମାନେ ଅଭିଯୋଗ ଆଣିଛନ୍ତି। ତେଣୁ କ୍ରୀଡାଙ୍ଗନର ସୁରକ୍ଷା ନିମନ୍ତେ ମଧୁବନ ମିନି ଷ୍ଟାଡିୟମରେ ମେଳା ଓ ମହୋତ୍ସବ ଆଦି ସଂପୂର୍ଣ୍ଣ ରୁପେ ବନ୍ଦ ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଏ ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ଆଇନଜୀବି ବିଧାନ ଚନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡପଡ଼ା ସହରର ଯୁବକ, ସ୍ୱେଚ୍ଛାସେବୀ ଓ ବରିଷ୍ଠ କ୍ରୀଡାବିତମାନେ ଯୋଗ ଦେଇ ମତାମତ ପ୍ରଦାନ କରିବା ସହ ମଧୁବନ ମିନି ଷ୍ଟାଡିୟମରେ ମେଳା ଓ ମହୋତ୍ସବ ଆଦି ଆୟୋଜନକୁ ତୀବ୍ର ବିରୋଧ କରିଥିଲେ । ଖଣ୍ଡପଡ଼ା ମହୋତ୍ସବ ହେଉ ମାତ୍ର ମଧୁବନ ମିନି ଷ୍ଟାଡିୟମରେ ମହୋତ୍ସବର ଆୟୋଜନ କରାନଯାଇ ଅନ୍ୟ ସ୍ଥାନରେ ମହୋତ୍ସବ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେଉ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ଧ୍ୟାନ ଦେଇ ବିହିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ମଧୁବନ ମିନି ଷ୍ଟାଡିୟମ ପରିସରରେ ମେଳା ଓ ମହୋତ୍ସବ ବନ୍ଦ ନେଇ ଆଇନର ଆଶ୍ରୟ ନିଆଯିବ ବୋଲି ସମାଜସେବୀ ଶ୍ରୀ ପ୍ରଧାନ ଗଣମାଧ୍ୟମର ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଥିଲେ। ଆଜିର ଏ ସାମ୍ବାଦିକ ସମ୍ମିଳନୀକୁ ନେଇ ସହରର ବିଭିନ୍ନ ଛକ ବଜାରରେ ବେଶ ଆଲୋଚନାର ବିଷୟ ହୋଇଥିବା ବେଳେ ଖଣ୍ଡପଡ଼ା ଭଳି କଳା ସଂସ୍କୃତି ମାଟିରେ ମହୋତ୍ସବ ବନ୍ଦ କରାନଯାଉ ବୋଲି ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ପ୍ରତିକ୍ରିୟା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ମାରୁତି ଭ୍ୟାନ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଭାପୁର,୧୭।୧୧(ସମିସ):** ଫତେଗଡ଼ ଥାନା ଅଞ୍ଚଳରେ ଏକ ମାରୁତି ଇକୋ ଭ୍ୟାନ ଧକ୍କାରେ ସୋମବାର ସକାଳୁ ଜଣେ ବିଧବା ମୃତ୍ୟୁବରଣ କରିଛନ୍ତ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଦେଇ ୪୮ ନମ୍ବର ରାଜ୍ୟ ରଜପଥ ଉପରେ ଅବସ୍ଥିତ କେନ୍ଦୁପଲ୍ଲୀ ଗ୍ରାମର ସ୍ୱର୍ଗତ ଗଙ୍ଗାଧର ବାରିକଙ୍କ ସ୍ତ୍ରୀ ସାଏବା ବାରିକ ରାସ୍ତା ପାର ହୋଇ ଦୋକାନକୁ ଚା ପିଇବାକୁ ଯାଉଥିଲେ। ସେହି ସମୟରେ ଏକ ମାରୁତି ଇକୋ ଭ୍ୟାନ କଣ୍ଟିଲୋ ପଟୁ ଦ୍ରୁତ ଗତିରେ ଫତେଗଡ ଆଡକୁ ଯାଉଥିବା ସମୟରେ ସାଏବାଙ୍କୁ ଧକ୍କା ଦେଇଥିଲ। ଏହି ଦୁର୍ଘଟଣାରେ ସାଏବାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ପ୍ରବଳ ରକ୍ତଶ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଉପସ୍ଥିତ ଜନସାଧାରଣ ଭ୍ୟାନକୁ ଜବତ କରି ସେହି ଗାଡିରେ ଭାପୁର ଡାକ୍ତରଖାନାକୁ ସାଏବାଙ୍କୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଚାଳକ ଜଣଙ୍କ ଡାକ୍ତରଖାନାରେ ଗାଡି ରଖି କୌଶଳ କ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡି ଓ ଶବକୁ ଜବତ କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ପଠେଇଥିଲେ।

# ଗଳ୍ପ ସଂକଳନ 'ଭିନ୍ନ ରଙ୍ଗ'ଲୋକାର୍ପିତ




**ନୟାଗଡ଼,୧୭।୧୧(ସମିସ):** ଲେଖକ ଧିରେନ୍ଦ୍ର ପଟ୍ଟନାୟକଙ୍କ ନୂତନ ଗଳ୍ପ ସଂକଳନ 'ଭିନ୍ନ ରଙ୍ଗ' ଆଜି ରୋଟାରୀ କ୍ଲବଠାରେ ଲୋକାର୍ପିତ ହେଇଯାଇଛି । ଏହି ପୁସ୍ତକ ଲୋକାର୍ପଣ ଉତ୍ସବକୁ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିବା ବେଳେ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ସାହିତ୍ୟିକା ବସିରନ୍ ବିବି, କଥାକାର ଅନୀଲ କୁମାର ପଣ୍ଡା, କବି ରବିନ୍ଦ୍ର ମହାପାତ୍ର, କବି ମଣିମାଳା ପାଣିଗ୍ରାହୀ, ସମାଜସେବୀ ଶ୍ରୀଧର ସାହୁ, ରୋଟାରିଆନ ଅବିନାଶ ସାହୁ, ରୋଟାରିଆନ ସନ୍ତୋଷ ନାୟକ, ସାମ୍ବାଦିକ ବିଶ୍ୱଜିତ ନାୟକ, ସୁଶାନ୍ତ ପାଇକରାୟ, ପ୍ରଦୀପ ବରାଡ଼, କାଜଲ ଡାକୁଆ, ସୌମ୍ୟରଞ୍ଜନ ରଥ, ସୁଜିତ୍ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଭିନ୍ନ ରଙ୍ଗରେ ମାନବୀୟ ଭାବନା, ଦୈନିକ ଜୀବନ ଓ ସରଳ ଶୈଳୀରେ ଲେଖାଯାଇଥିବା ଗଳ୍ପଗୁଡ଼ିକୁ ସ୍ୱାଗତ କରିଥିଲେ। ପୁସ୍ତକ ଉନ୍ମୋଚନ ପରେ ଲେଖକ ତାଙ୍କ ପ୍ରେରଣା, ଲେଖନ ଅଭିଜ୍ଞତା ଏବଂ ପାଠକଙ୍କ ଆଶୀର୍ବାଦର ଗୁରୁତ୍ୱ ବିଷୟରେ ମତାମତ ରଖିଥିଲେ। ଏକ ଗଳ୍ପକୁ ନେଇ ପୂଜା ମହାନ୍ତି ଏକକ ଅଭିନୟ ପରିବେଷଣ କରିଥିଲେ। ପରିଶେଷରେ କବି ନୀଳିମା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର




**ଗଣିଆ,୧୭ ।୧୧(ସମିସ):** ଗଣିଆ ବ୍ଲକ ସଭା ଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ବିଡ଼ିଓ ଅଙ୍କୁର ଅଭିଳାଶ, ବ୍ଲକ ଅଧକ୍ଷା ଝୁନା ଜେନା, ଉପାଧକ୍ଷ ରାଜକିଶୋର ସାହୁଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବନ ବିଭାଗ, କୃଷି, ପ୍ରାଣୀ ଚିକିତ୍ସା ବିଭାଗ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ। ଆଜି ପଞ୍ଜିକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ଭତ୍ତା , କଳାକାର ଭତ୍ତା, ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା, ପାନୀୟ ଜଳ, ଏନଆରଜିଏସ, ଷ୍ଟ୍ରିଟ୍ ଲାଇଟ ସମ୍ପର୍କିତ ଅଭିଯୋଗ ହୋଇଥିଲା ବୋଲି ଜଣାପଡିଛି। ବଡ଼ଶିଲିଙ୍ଗା ଆଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଡାଇନିଙ୍ଗ ହଲ୍ ନିର୍ମାଣ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଜୟନଗର ଗ୍ରାମରେ ପାନୀୟ ଜଳ ସଙ୍କଟ, ବସଷ୍ଟାଣ୍ଡ ଏବଂ ଅଙ୍ଗନବାଡ଼ି ନିର୍ମାଣ, ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ସମ୍ପର୍କରେ ଅଭିଯୋଗ କରିଥିଲେ ଗ୍ରାମର ବାଙ୍କ ବିହାରୀ ରାଉତ। ବେଲପଡାପାଟଣା ପଞ୍ଚାୟତ ତଇଲା ଗ୍ରାମରେ ସୈରଟାଙ୍କି ପରିବର୍ତ୍ତନ ପାଇଁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଆଜି ଏହି ଶିବିରରେ ୪୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ଜଣାପଡିଛି ।

୧୧ ଲକ୍ଷ ଆତ୍ମସାତ୍ ଅଭିଯୋଗ

# ସମିତିରେ ତାଲା ପକାଇ ଧାରଣା

ନୟାଗଡ଼/ଓଡ଼ଗାଁ,୧୭।୧୧(ସମିସ)




ଓଡ଼ଗାଁ ସମବାୟ ସମିତିର ସମ୍ପାଦକ ଦୀପକ କୁମାର ଚୌଧୁରୀ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ନେଇ ପରିଚାଳନା ପରିଷଦ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଜିଲ୍ଲା ପ୍ରଶାସନ କୌଣସି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଆଜିଠାରୁ ଧାରଣା ଦିଆଯାଇଛି । ସମବାୟ ସମିତିରେ ତାଲା ଝୁଲାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି । ସଭାପତି ବିଭୂପ୍ରସାଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଧାରଣାରେ ବସିଛନ୍ତି। ସମ୍ପାଦକ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଅଭିଯୋଗ ରହିଛି । ଗତ ୧୦ ତାରିଖରେ ପରିଚାଳନା ପରିଷଦ ଅଭିଯୋଗ କରିବା ପରେ ଓଡ଼ଗାଁ ଶାଖା ପରିଚାଳକ ଏବଂ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ସମିତିରେ ପହଁଞ୍ଚି ସମ୍ପାଦକଙ୍କୁ ଅଫିସ ନଥିପତ୍ର ମାଗି ତଦନ୍ତ କରିଥିଲେ। ମାତ୍ର ଏନେଇ କୌଣସି ସ୍ପଷ୍ଟ ସୂଚନା ପରିଚାଳନା ପରିଷଦକୁ ଦିଆଯାଇନଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଯୋଗ୍ୟ, ପୂର୍ବରୁ ନିଲମ୍ବିତ ହୋଇଥିବା ସମ୍ପାଦକ ଦିପକ କୁମାର ଚୌଧୁରୀ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗତ ୨୦୨୪ ମସିହା ଅକ୍ଟୋମ୍ବର ୯ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ସମୟରେ ସମିତି ସଭାବହି, ନୋଟିସ ଖାତା ସହିତ ଅନ୍ୟ କେତେକ ଆନୁସଙ୍ଗିକ ନଥିପତ୍ର ଦାୟିତ୍ୱ ପାଇନଥିଲେ। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଉପନିବନ୍ଧକ ପରିଚାଳନା ପରିଷଦକୁ ନଥିପତ୍ର ପ୍ରଦାନ ପାଇଁ ଆଦେଶ ରଖିଥିଲେ। ପରିଚାଳନା ପରିଷଦ ନଥିବା ପ୍ରଦାନ ନକରିବାରୁ ବୋର୍ଡ଼କୁ ନିଲମ୍ବନ କରାଯାଇଥିଲା । ପରବର୍ତ୍ତୀ ସମୟ ଅବଧି ପରେ ପରିଚାଳନା ପରିଷଦକୁ ଅସିଦ୍ଧ ଘୋଷଣା କରାଯାଇଥିଲା। ଏହାକୁ ନେଇ ପରିଷଦ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା। ଉଚ୍ଚ ନ୍ୟାୟାଳୟ ଅସିଦ୍ଧ ଘୋଷଣାକୁ ଅବୈଧ କହି ଏହାର ପୁନଃ ବିଚାର ପାଇଁ ଉପନିବନ୍ଧକଙ୍କୁ ଆଦେଶ କରିଥିଲେ। ଏନେଇ ଉପନିବନ୍ଧକଙ୍କ ଦ୍ୱାରା କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ। ଏଭଳି ସ୍ଥିତିରେ ପରିଷଦ ସମ୍ପାଦକ ଦିପକ ଚୌଧୁରୀଙ୍କ ବିରୁଦ୍ଧରେ ଆଣିଥିବା ଅଭିଯୋଗ ଉପରେ ଉଚ୍ଚ କର୍ତ୍ତୃପକ୍ଷ ମଧ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଓଡ଼ଗାଁ ସମବାୟ ସମିତିରେ ପରିଚାଳନା ପରିଷଦ ଓ ସମ୍ପାଦକଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ସମାଧାନ କରାନଗଲେ ଚାଷୀ ହତାଶ ହେବାର ସମ୍ଭାବନା ଦେଖାଯାଇଛି। ଅନ୍ୟପକ୍ଷେ, ସମ୍ପାଦକ କେବଳ ତାଙ୍କର ବକେୟା ଦରମା ଅର୍ଥ ନେଇଥିବା ସୂଚନା ଦେଇଛନ୍ତି । କୌଣସି ଅନିୟମିତତା ହୋଇନଥିବା କହିଛନ୍ତି । ଜିଲ୍ଲା ପ୍ରଶାସନ ଓ ସମବାୟ ବିଭାଗ ବିବାଦକୁ ସମାଧାନ କରି ସମବାୟକୁ ଆଗେଇ ନେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ବେଗୁନିଆ,୧୭।୧୧(ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର-କଣ୍ଟାମଲିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଛି । ଏଥିରେ ମୋଟ ୨୬ ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୨ ଗୋଟି ପ୍ରକଳ୍ପକୁ ମଣ୍ଡଳ ସ୍ତରକୁ ମନୋନୀତ ହୋଇଛି । ଏହି ମେଳାରେ ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା ଓ ପୋଡ଼ାଡିହ କ୍ଲଷ୍ଟରର ସିଆରସିସି ଦଶରଥ ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ବୀଣାପାଣି ଦେଇ, ଶିକ୍ଷକ ତ୍ରିନାଥ ପରିଡ଼ା, ରାଧାଶ୍ୟାମ ପଣ୍ଡା ଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ଓମ ସାଇନାଥ ଟ୍ୟୁଟରିଆଲର ବାର୍ଷିକ ଉତ୍ସବ

ଟାଙ୍ଗୀ,୧୭।୧୧(ସମିସ): ଚାନ୍ଦପୁର ଓମ ସାଇନାଥ ଟ୍ୟୁଟୋରିଆଲ ଓ ଆଡଭାନସ କୋଚିଂ ସେଣ୍ଟର ର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ମୁଖ୍ୟବକ୍ତା ଝାରପଡା ଉଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦାଶରଥି ମାଝୀ , ସମ୍ମାନିତ ଅତିଥିଭାବେ ନାଚୁଣୀ ମହାବିଦ୍ୟାଳୟ ଅଧାପକ ଅଶୋକ କୁମାର ବେହେରା, ମୟୂରଝାଲିଆ ଉଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ନାୟକ, ଟ୍ୟୁଟରିଆଲ ନିର୍ଦ୍ଦେଶକ ଲୋଟନ କୁମାର ସାହୁ ସଂସ୍କୃତ ଶିକ୍ଷକ ପ୍ରଦ୍ୟୁମ୍ନ ସାଥୁଆ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଅମିତ ସାମନ୍ତଜିତୁ ସାମନ୍ତରାୟ, ଶୁଭେଷ ଶ୍ରୀଚନ୍ଦନ, ଶିକ୍ଷୟିତ୍ରୀ ଡାଇନା ମହାନ୍ତି, ମୋନାଲିସା ପରିଡା, ସସ୍ମିତା ମହାପାତ୍ର, ପୂଜାରାଣୀ ମିଶ୍ର, ଦୀପ୍ତିମୟୀ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦାରୁବ୍ରହ୍ମ ରଥ ଯାତ୍ରା କମିଟିର ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ

ଭୂଷଣ୍ଡପୁର,୧୭।୧୧(ସମିସ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଠାରେ ପ୍ରତିଷ୍ଠିତ ଦାରୁବ୍ରହ୍ମ ରଥ ଯାତ୍ରା କମିଟି ଦ୍ୱାରା ପ୍ରତିଷ୍ଠିତ ଗୁଣ୍ଡିଚା ମନ୍ଦିର ଏବଂ ରାଧା ମାଧବ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଏଠାରେ ଅନୁଷ୍ଠିତ ହୋଇଯାଇଛି । କର୍ତ୍ତା ହିସାବରେ ରାଜ କିଶୋର ନାୟକ ଶସ୍ତ୍ରିକ ଉପବିଶନ କରିଥବା ବେଳେ ଦାରୁବ୍ରହ୍ମ ରଥ କମିଟର ସମସ୍ତ ସକ୍ରିୟ ସଭ୍ୟ,ସଭ୍ୟା ଉପସ୍ଥିତ ଥିଲେ । ଦାରୁବ୍ରହ୍ମ କମିଟିର ଟ୍ରଷ୍ଟ ବୋର୍ଡ ସଭାପତି ସନ୍ତାପ କୁମାର ପାତ୍ର ମୁଖ୍ୟ ଆୟୋଜକ ବିଜୟ ବାବାଙ୍କ ସହିତ ପୂର୍ବତନ ସରପଞ୍ଚ ନବ କିଶୋର ନାୟକ, ବୈକୁଣ୍ଠ ବେହେରା, ତ୍ରିନାଥ ସେଠି, ପ୍ରଦୀପ ପାତ୍ର, ଲଡ଼ୁକିଶୋର ସ୍ୱାଇଁ, ପ୍ରସନ ଦଳାଇ, ପ୍ରଶାନ୍ତ ସାହୁ, ଅଜୟ ମହାରଣା, ମାନସ ବେହେରା, ଶୈଳେନ୍ଦ୍ର ପ୍ରଧାନ ଏବଂ ଉଲ୍ଲାସ ବେହେରା ସହଯୋଗ କରିଥିଲେ ।

- ଓଡ଼ିଆର୍ଟରେ ଚିଲିକା ସେଲଡକ ଲୋକ ସଂସ୍କୃତି ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## ମନମୋହିଲା ସିଂହଳୀ, ଓଡ଼ିଶୀ ନୃତ୍ୟ

ବାଲୁଗାଁ,୧୭ ।୧୧(ସମିସ): ବାଲୁଗାଁ ନିକଟ ବଡ଼କୁଳସ୍ଥିତ ଓଡ଼ିଆର୍ଟ ସେଣ୍ଟର ପରିସରରେ ୧୧ ତମ ଚିଲିକା ସେଲଡକ ଲୋକ ସଂସ୍କୃତି ଉତ୍ସବ ଅନୁଷ୍ଠିତ ହେଉଛି । ଉତ୍ସବର ଦ୍ୱିତୀୟ ଦିବସର ସକାଳେ ଓଡ଼ିଆର୍ଟ ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ମ୍ୟୁଜିୟମ ପରିଦର୍ଶନ ସାଙ୍ଗକୁ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ଟେରାକୋଟା, ମାଟି କଣ୍ଢେଇ, ପଟ୍ଟଚିତ୍ର ସମେତ କଳାକୃତି ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଇଥିଲା । ଅପରାହ୍ନରେ ସ୍ଥାନୀୟ କିଶୋରୀ ଓ ମହିଳା ମାନଙ୍କ ମଧ୍ୟରେ ହୁଳହୁଳି, ଶଙ୍ଖ ଧ୍ୱନି, ପୁଚି ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସାଉଥ କୋରିଆର ଡ୍ରମ ବାଦ୍ୟ, ତାଳ ବାଦ୍ୟ ସହିତ ସିଂହଳୀ ନୃତ୍ୟ, ମୟୂରଭଞ୍ଜ ଛଉ ନୃତ୍ୟ, ମଣିପୁରୀ ନୃତ୍ୟ, କୃଷ୍ଣପ୍ରସାଦ ର ପାଇକ ନୃତ୍ୟ ଏବଂ ସାସ୍ୱତୀ ଯୋଶୀଙ୍କ ଓଡିଶୀ ନୃତ୍ୟ ଆଦି ପରିବେଷଣ ଦର୍ଶକଙ୍କ ବେଶ ମନ ମୋହିଥିଲା । କମିଟି ଅଧକ୍ଷା ହେଲେନ ଆଚାର୍ଯ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଆଚାର୍ଯ୍ୟ, ସୁଧାଂଶୁ ଶେଖର ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଦିବାସୀ ଗ୍ରାମରେ ରୋଭର ରେଞ୍ଜରଙ୍କ ବସ୍ତ୍ର ବଣ୍ଟନ

ବାଣପୁର,୧୭ ।୧୧(ସମିସ) : ବାଣପୁର ଗୋଦାବରିଶ ମହାବିଦ୍ୟାଳୟର ରୋଭର ରେଞ୍ଜର ୟୁନିଟ୍ ପକ୍ଷରୁ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳ କୋଶରଡା ଗ୍ରାମରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ରୋଭର ରେଞ୍ଜରମାନଙ୍କ ମଧ୍ୟରେ ରେଞ୍ଜର ମେଟ୍ ଶର୍ମିଷ୍ଠା ପ୍ରିୟଦର୍ଶିନୀ ସ୍ୱାଇଁ, ରେଞ୍ଜର ସ୍ମୃତି ରାଣୀ ସ୍ୱାଇଁ, ଇତିଶ୍ରୀ ସାସମଲ, ସ୍ୱପ୍ନାରାଣୀ ମହାପାତ୍ର, ଆଦ୍ୟାଶା ପଣ୍ଡା, ଇସ୍ମିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ସେନାପତି, ବିଷ୍ଣୁପ୍ରିୟା ସାସମଲ, ସୋନାଲି ରାଉଳ, ପ୍ରଜ୍ଞା ନିହାରିକା, ରୋଭର ମେଟ୍ ତୁଷାରକାନ୍ତ ମଲ୍ଲିକ, ରୋଭର ସ୍ୱୟମ ଶଙ୍କର ଶୁପାରକର, ଆକାଶ ରଣା, କୁନା ପ୍ରଧାନ, ରୁଦ୍ର ନାରାୟଣ ନାୟକ, ସୁମନ ଜେନା ଓ ଶକ୍ତି ରଞ୍ଜନ ବେହେରା ପ୍ରମୁଖ ପ୍ରାୟ ୪୦ ରୋଭର ରେଞ୍ଜର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଅଧକ୍ଷ ଡ. ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମା, ପୂର୍ବତନ ଅଧକ୍ଷ ବିନାୟକ ହୋତା, ରୋଭର ଲିଡର ଆଦିତ୍ୟ ସାରଥି ବେଦମାତା, ରେଞ୍ଜର ଲିଡର ଉତ୍କଳିକା ପାଢୀ, ପୁରାତନ ଛାତ୍ର ଦିବ୍ୟରଞ୍ଜନ ପଟ୍ଟଯୋଷୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଏହି ଅବସରରେ ରୋଭର ରେଞ୍ଜରର ସ୍ୱେଚ୍ଛାସେବୀ ପ୍ରାୟ ଏକ ମାସ ଧରି ସଂଗ୍ରହ କରିଥିବା ବିଭିନ୍ନ ବସ୍ତ୍ର ସବୁକୁ ଉକ୍ତ ଗ୍ରାମର ଉଭୟ ମହିଳା ଓ ପୁରୁଷଙ୍କୁ ବାଣ୍ଟି ଥିଲେ ।



# ଖୋର୍ଦ୍ଧା ବନଖଣ୍ଡରେ ନାହିଁ ହାତୀଙ୍କ ବାସସ୍ଥଳୀ

- ମଣିଷ ହାତୀ ସଂଘର୍ଷରେ ବଳି ପଡୁଛନ୍ତି ହାତୀ
- ପୂର୍ବ ବର୍ଷ ୩ଟି ହାତୀ ମୃତ




ନିରାକାରପୁର,୧୭।୧୧ (ସମିସ) : ଖୋର୍ଦ୍ଧା ଜିଲ୍ଲା ୪ଟି ବନଖଣ୍ଡ ବିଭାଗକୁ ନେଇ ଗଠିତ ଯଥା ଖୋର୍ଦ୍ଧା ବନଖଣ୍ଡ, ଚନ୍ଦକା ବନ୍ୟଜନ୍ତୁ ବନଖଣ୍ଡ ବିଭାଗ, ଚିଲିକା ବନ୍ୟଜନ୍ତୁ ବନଖଣ୍ଡ ବିଭାଗ ଓ ସିଟି ଫରେଷ୍ଟ ଡ଼ିଭିଜନ ଭୁବନେଶ୍ୱର । ଖୋର୍ଦ୍ଧା ବନଖଣ୍ଡରେ ହାତୀ ମାନଙ୍କ ପାଇଁ ନାହିଁ ସୁରକ୍ଷିତ ବାସସ୍ଥଳୀ । ତେଣୁ ପ୍ରତ୍ୟେକ ବର୍ଷ ହାତୀମାନେ ଆସୁଛନ୍ତି । ନିକଟସ୍ଥ ଫରେଷ୍ଟ ଗାର୍ଡ ଏବଂ ଗଜସାଥିମାନଙ୍କ ସାହାଯ୍ୟ ନେଇ ରାତି ଅନିଦ୍ରା ହୋଇ ହାତୀ ଜଗୁଛନ୍ତି ଏବଂ ହାତୀଙ୍କୁ ଘଉଡାଉଛନ୍ତି । ହାତୀ ସୁରକ୍ଷା ଦିଗରେ ସରକାର ନାନା ଯୋଜନା କରୁଥିଲେ ହେଁ ଆଜି ଯାଏଁ ଖୋର୍ଦ୍ଧା ବନଖଣ୍ଡରେ ହୋଇ ପାରିନି ହାତୀଙ୍କ ପାଇଁ ବାସସ୍ଥଳୀ । ରାଜ୍ୟ ସରକାର ହାତୀଙ୍କ ପାଇଁ କେଉଁ ଜାଗାରେ ଜଙ୍ଗଲ କରି ହାତୀଙ୍କୁ ସୁରକ୍ଷା ଦେଇ ପାରିବେ ଆଜି ଯାଏଁ ଜାଗା ସ୍ଥିର କରି ପାରିନାହାଁନ୍ତି । ସେପଟେ ପ୍ରାୟ ଅର୍ଦ୍ଧାଧିକ ଜଙ୍ଗଲକୁ ଖଣି ମାଫିଆ ବେନାମୀ ଖଣି କରି ବିରାଟ ବିରାଟ ଗର୍ତ୍ତ କରି ପରିବେଶ ଦୂଷିତ କରିବା ସହ ରାଜସ୍ୱ ହାନି କରି ନିଜେ ବଡ଼ ଲୋକ ହୋଇଛନ୍ତି । ଏଥିରେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ, ସ୍ଥାନୀୟ ପୁଲିସ ଥାନାର ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ହାତ ଥିବାର ଅନେକ ବୁଦ୍ଧିଜୀବୀ ସନ୍ଦେହ ପ୍ରକାଶ କରିଛନ୍ତି । ହାତୀ ମାନଙ୍କ ପାଇଁ ସରକାର ଯଦି ଏବେ ଠାରୁ ସଜାଗ ନ ହୁଅନ୍ତି ତେବେ ଆଉ କିଛି ଦିନ ପରେ ହାତୀବଂଶ ଲୋପ ପାଇଯିବ ।

ବେଳ ଥାଉ ବନ୍ଧ ବାନ୍ଧିବା ନ୍ୟାୟରେ ସଜାଗ ହୋଇ ଖୋର୍ଦ୍ଧା ବନଖଣ୍ଡରେ କେମିତି ହାତୀ ମାନଙ୍କ ପାଇଁ ସୁରକ୍ଷିତ ବାସସ୍ଥଳୀ ଚିହ୍ନଟ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନେକ ବୁଦ୍ଧିଜୀବୀ ସରକାରଙ୍କୁ ଅନୁରୋଧ କରିଛନ୍ତି । ଖୋର୍ଦ୍ଧା ବନଖଣ୍ଡ ବିଭାଗ ଅଧୀନରେ ୪ଟି ଖୋର୍ଦ୍ଧା , ଟାଙ୍ଗୀ, ବାଲୁଗାଁ, ବାଣପୁର ରେଞ୍ଜ ଅଛି । ହାତୀ ଉପଦ୍ରବରୁ ବଞ୍ଚିତ ହେବା ପାଇଁ ଲୋକେ ସବୁ ଆଡ଼େ ବିଲ ହେଉ ବା ଫସଲ ଜମି ଚାରି ପଟେ ଇଲେକ୍ଟ୍ରି ତାର ଜାଲି ବାଡ ଦେଇ ଦେଉଛନ୍ତି ଯାହାଫଳରେ ହାତୀ ମୃତ୍ୟୁ ବଢୁଥିବାର ଆଶଙ୍କା କରାଯାଉଛି । ୨୦୨୪-୨୫ ବର୍ଷରେ ଖୋର୍ଦ୍ଧା ବନଖଣ୍ଡରେ ୪ଟି ହାତୀ ମୃତ୍ୟୁବରଣ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ରେଞ୍ଜରେ ୦୮/୦୭/୨୦୨୪ ସକାଳ ୭ ଟା ବେଳେ ଡମଣଭୁଇଁ ଗ୍ରାମରେ ୨୫ ବର୍ଷର ପୁରୁଷ ହାତୀର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା । ୩୦/୦୮/୨୦୨୫ ସକାଳ ୫.୫୫ ଡମଣଭୁଇଁ ଗ୍ରାମରେ ୨୦ ବର୍ଷ ବୟସର ପୁରୁଷ ହାତୀର ମଧ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ୧୦.୧୨.୨୦୨୫ ରାତି ୧୨.୦୦ ରେ ରଣପୁର ରେଞ୍ଜ ମୟୁରଝାଲିଆ ଗ୍ରାମରେ ୪ ମାସର ହାତୀ ଛୁଆ ପାଣିରେ ବୁଡି ମୃତ୍ୟୁବରଣ କରିଥିଲା ।

ଖୋର୍ଦ୍ଧା ରେଞ୍ଜର କଣିପାରି ଗ୍ରାମରେ ଜରିପୁଟ ବିଟ୍ ୧୫ ବର୍ଷ ବୟସର ମାଈ ହାତୀ ୧୧ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛି । ଖୋର୍ଦ୍ଧା ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୪-୨୫ ରେ ହାତୀ ଜନିତ କ୍ଷତି ଖର୍ଚ୍ଚ ଜଙ୍ଗଲ ବିଭାଗ ଦ୍ୱାରା ୯୬୧.୨୦ ଲକ୍ଷ୍ୟ କରଯାଇଛି । ଖୋର୍ଦ୍ଧା ବନଖଣ୍ଡରେ ଆର୍ଥିକ ବର୍ଷ ୨୦୨୪-୨୫ ରେ ହାତୀ ସ୍କ୍ୱାଡ ଏବଂ ଗାଡ଼ି ତେଲ ଖର୍ଚ୍ଚ ପାଇଁ ୪୯.୬୧ ଲକ୍ଷ, ଗାଁ ଗଜସାଥୀ ମାନଙ୍କୁ ପ୍ରୋସାହନ ରାଶି ରୂପେ ୧୭.୫୦ ଲକ୍ଷ, ସଚେତନତା ଏବଂ ତାଲିମ ଦେବା ପାଇଁ ୧.୭୫ ଲକ୍ଷ, ଗାଁ ଗଜସାଥୀଙ୍କ ପାଇଁ ଅସ୍ତ୍ର ବାବଦରେ ୮.୯୨ ଲକ୍ଷ, ୱାର୍ଣ୍ଣି ବାବଦରେ ୩୪.୧୦ ଲକ୍ଷ ଖର୍ଚ୍ଚ କରାଯାଇଛି । ଜଙ୍ଗଲ ବିଭାଗ ଦ୍ୱାରା ମଣିଷ ମୃତ୍ୟୁ ବାବଦକୁ ୮୫.୫୫ ଲକ୍ଷ, ଆହତଙ୍କ ବାବଦରେ ୩୦.୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ଯାହା ଖୋର୍ଦ୍ଧା ବନଖଣ୍ଡ ବିଭାଗରୁ ଜଣାପଡିଛି । ଜିଲ୍ଲାପାଳ ଏହାର ଜରୁରୀ କାଳୀନ ଭିତିରେ ନଜରକୁ ନେଇ କେମିତି ହାତୀ ମୃତ୍ୟୁ କମି ପାରିବ, ହାତୀଙ୍କ ପାଇଁ ସୁରକ୍ଷିତ ବାସସ୍ଥାନ, ହାତୀ ମଣିଷର କ୍ଷତି ଇତ୍ୟାଦି ଘଟଣାକୁ ହୃଦବୋଧ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରିବେଶ ଏବଂ ବନ୍ୟଜନ୍ତୁ ପ୍ରେମୀ ମତପ୍ରକାଶ କରିଛନ୍ତି ।

## ୨୨ ଓ ୨୩ରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଖୋର୍ଦ୍ଧା କପ୍

ଖୋର୍ଦ୍ଧା,୧୭।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଆସନ୍ତା ୨୨ ଓ ୨୩ ତାରିଖରେ ନବମ ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ 'ଖୋର୍ଦ୍ଧା କପ' ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ହେବ । ଏହି ବର୍ଷର କ୍ରୀଡା ମହୋତ୍ସବରେ ମୋଟ ପୁରସ୍କାର ରାଶି ୬୦,୦୦୦ ଟଙ୍କା ଘୋଷଣା କରାଯାଇଛି । ଓଡିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଭାଶାଳୀ ବ୍ୟାଡମିଣ୍ଟନ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଯୋଗ ଦେବେ ବୋଲି ସଂଘର ସମ୍ପାଦକ ରାଜେଶ ଦାସ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

## ମା' ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ

ବେଗୁନିଆ,୧୭।୧୧(ସମିସ): ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମର ମା ତାରିଣୀ ମନ୍ଦିରର ୧୬ ତମ ବାର୍ଷିକ ଉତ୍ସବ ଗ୍ରାମ ବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଛି । ଏଥିରେ କର୍ମାଚାର୍ଯ୍ୟ ଶିବ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗଗନ ବିହାରୀ ପଣ୍ଡା କର୍ତ୍ତା ଭାବେ ଉପବେସନ କରି ବୈଦିକ ରୀତି ଅନୁସାରେ ହୋମ କାର୍ଯ୍ୟ ସମ୍ପାଦନ ହୋଇଥିଲା ।

## ବ୍ରାଉନସୁଗର ବେପାରୀ ଢେଗା ଓ ତା'ର ଭାଇ ଗିରଫ

ଖୋର୍ଦ୍ଧା,୧୭।୧୧(ସମିସ): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ନନ୍ଦପୁର ଓ ବାଜପୁର ଅଞ୍ଚଳରେ ବ୍ରାଉନସୁଗର ବେପାର ଜମାଇଥିବା ନନ୍ଦପୁରର ସୁନିଲ ମାନସିଂ ଓରଫ ଢେଗା (୩୧) କୁ ସଦର ପୁଲିସ ସ୍ୱତନ୍ତ୍ର ପୁଲିସ ଟିମ୍ ସହାୟତାରେ ଗିରଫ କରିଛି । ଏଥିସହିତ ତା'ର ଭାଇ ମନୋଜ ମାନସିଂ ଓରଫ୍ ମନୁଆ (୪୦)କୁ ମଧ ଗିରଫ କରିବାରେ ସଫଳ ହୋଇଛି । ଦୁଇଭାଇଙ୍କୁ ପୁଲିସର ସ୍ୱତନ୍ତ୍ର ଟିମ୍ ଓ ଥାନା ଟିମ୍ ଝିଙ୍କିଝାରୀ ପିଚୁ ପ୍ଲାଂଟ ସମ୍ମୁଖ ଏକ ପଡିଆରୁ ଗିରଫ କରିଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି । ସେମାନଙ୍କଠାରୁ ୩୨ ଗ୍ରାମ୍ ବ୍ରାଉନସୁଗର, ନଗଦ ୨୫ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ୍ ଏବଂ ଏକ ବାଇକ୍ ଜବତ ହୋଇଛି । ଜବତ ବ୍ରାଉନସୁଗରର ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ । ଏ ନେଇ ଏସଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଶ୍ରୀ ସ୍ୱାଇଁ କହିଛନ୍ତି । ଢେଗା ନିଜକୁ ଜନୈକ ବିଧାୟକଙ୍କ ଭଣଜା ବୋଲି ପରିଚୟ ଦେଇ ଚଳାଇଥିଲା ଖୁଲମଖୁଲା ବେପାର । ଏ ନେଇ ବହୁବାର ସଦର ଥାନା ରେ ସ୍ଥାନୀୟ ଲୋକ ଅଭିଯୋଗ କରୁଥିଲେ ମଧ ଉକ୍ତ ନେତାଙ୍କ ଭୟରେ କୁଆଡେ ପୁଲିସ ତାକୁ ଧରୁନଥିବା ଚର୍ଚ୍ଚା ହେଉଥିଲା । ଢେଗାର ବେପାର ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମା ଜାଣିବା ପରେ ତାକୁ ଧରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଥାନାର ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଓ ଜିଲ୍ଲା ପୁଲିସ ର ସ୍ୱତନ୍ତ୍ର ଟିମ୍ ମିଳିତ ଭାବେ ଢେଗାକୁ ଧରିବାକୁ କରିଥିଲେ ଯୋଜନା । ଆଜି ଝିଙ୍କିଝାରୀ ପିଚୁ ପ୍ଲାଂଟ ସମ୍ମୁଖ ପଡିଆରେ ଦୁଇଭାଇ ବ୍ରାଉନସୁଗର ବେପାର ଲାଗି ଗ୍ରାହକ କୁ ଅପେକ୍ଷା କରିଥିବା ଖବର ପାଇ ଟିମ୍ ଦିନ ୧୧ଟା ୨୦ ମିନିଟ ସମୟରେ ଚଢଉ କରି ଧରିବାରେ ସକ୍ଷମ ହୋଇଛି ।

## ରେଡକ୍ରସର ଜିଲ୍ଲାସ୍ତରୀୟ ଶିକ୍ଷା ତାଲିମ ଶିବିର

ବାଲୁଗାଁ,୧୭ ।୧୧(ସମିସ): ଭାରତୀୟ ରେଡକ୍ରସ ସୋସାଇଟି, ରାଜ୍ୟ ଶାଖା ଓ ଖୋର୍ଦ୍ଧ ଜିଲ୍ଲା ଯୁବ ରେଡକ୍ରସ ପକ୍ଷରୁ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଏକ ଜିଲ୍ଲାସ୍ତରୀୟ ଶିକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ରେଡକ୍ରସ ଅଧିକାରୀ ତଥା ସରକାରଙ୍କ ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ରେଡକ୍ରସର ରାଜ୍ୟ ପୁରସ୍କାରପ୍ରାପ୍ତ ପରାମର୍ଶଦାତା ଲକ୍ଷ୍ମୀ ପ୍ରସାଦ ମିଶ୍ର ଓ ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଶିବିର ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ମହାବିଦ୍ୟାଳୟରେ ଅନୁଷ୍ଠିତ ରେଡକ୍ରସ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ ଏବଂ ଜିଲ୍ଲା ସଂଯୋଜକ ଅଧ୍ୟାପକ ରଞ୍ଜନ ମହାପାତ୍ର ଖୋର୍ଦ୍ଧା ଜିଲ୍ଲା ରେଡକ୍ରସର ବିବରଣୀ ପ୍ରଦାନ କରିଥିଲେ । ଶିବିରରେ ଖୋର୍ଦ୍ଧା ଜିଲ୍ଲାର ୨୨ଟି ମହାବିଦ୍ୟାଳୟରୁ ୧୨୫ ସ୍ୱେଚ୍ଛାସେବୀ ଓ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଆବାହକ ଓ ସମ୍ପାଦକ ଅଧ୍ୟାପକ ପ୍ରଫୁଲ୍ଲ ସାହୁ ଓ ଅଧ୍ୟାପକ ରଞ୍ଜନ ମହାପାତ୍ର ସାମିଲ ହୋଇଥିଲେ । ରେଡକ୍ରସ ପରାମର୍ଶଦାତା ଧୋବି ଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ବହୁମୁଖୀ ସମବାୟ ସମିତି ପ୍ରତିଷ୍ଠାତାଙ୍କ ପରଲୋକ

ଖୋର୍ଦ୍ଧା,୧୭।୧୧(ସମିସ): ଖୋର୍ଦ୍ଧା ବ୍ଲକ ଅଧିନ ଅର୍ଜୁନପୁରସ୍ଥିତ ମା'ମଙ୍ଗଳା ମହିଳା ବହୁମୁଖୀ ସମବାୟ ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର କରଙ୍କ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା । ସେ ଛାତିରେ ଯନ୍ତ୍ରଣା ଅନୁଭବ କରି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ମା'ମଙ୍ଗଳା ମହିଳା ବହୁମୁଖୀ ସମବାୟ ସମିତି ମାଧମରେ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଋଣ କାରବାର କରିବା ସହିତ ସମିତିରେ ସେମାନଙ୍କର ବଳକା ଟଙ୍କା ଜମା କରୁଥିଲେ । ମୃତ୍ୟୁଶଯ୍ୟା ନିକଟରେ କନିଷ୍ଠ ପୁତ୍ର ପ୍ରଦୀପ କୁମାର କର, ପୁତ୍ରବଧୂ ଓ ଦୁଇକନ୍ୟା ଉପସ୍ଥିତ ଥିଲେ । ତାଙ୍କ ପରଲୋକରେ ସମିତିର ପରିଚାଳନା ପରିଷଦ, କର୍ମଚାରୀମାନେ ତଥା ଖୋର୍ଦ୍ଧା ଜିଲ୍ଲାର ବରିଷ୍ଠ ସମବାୟବିତ୍ ଡ. ବିମଳ ଚନ୍ଦ୍ର ଷଡଙ୍ଗୀ, ମେନକା ଦାସ, ପ୍ରସନ୍ନ ପଟ୍ଟନାୟକ, ଯୋଗିନାଥ ସାହୁ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଦର ଶାଖା ପରିଚାଳକ ଅଜୟ ଦାସ ଶୋକପ୍ରକାଶ କରିଛନ୍ତି ।

## ପଥର ଖଣିରେ ଚଢ଼ଉ; ପାୱାର ଟିଲର ଜବତ

ନିରାକାରପୁର,୧୭।୧୧ (ସମିସ): ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଆଇଆଇସି ବି ରାଉତରାୟ, ଏସଆଇ ଡି ନାୟକ ଏବଂ ଅନ୍ୟ କର୍ମଚାରୀମାନେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ବୋଡଙ୍ଗରା ଅଞ୍ଚଳରେ ଚାଲୁଥିବା ବେଆଇନ ମାଙ୍କଡ ପଥର ଖଣିରେ ଚଢଉ କରିଥିଲେ । ଏହି ସମୟରେ ପାୱାର ଟିଲର ଅପରେଟର ଏବଂ ଶ୍ରମିକ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ । ପୁଲିସ ଘଟଣାସ୍ଥଳରୁ ଏକ କଟର ମେସିନ ସହିତ ଗୋଟିଏ ପାୱାର ଟିଲର ଜବତ କରିଛି ।

### କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଆଇଆରବି ଓ କାଇପଦର ବିଜୟୀ




ଖୋର୍ଦ୍ଧା,୧୭।୧୧(ସମିସ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଇ.ଆର.ବି ଦଳ ପାଇକତିଗିରିଆକୁ ୬୬ ରନରେ ପରାସ୍ତ କରିଛି । ଆଇ.ଆର.ବି ଦଳ ପ୍ରଥମେ ବ୍ୟାଟିଂ କରି ସୁଶୀଲ ପ୍ରଧାନଙ୍କ ୧୨୧ରନ୍ ସହାୟତାରେ ୧୫ ଓଭରରେ ୪ ୱିକେଟ ହରାଇ ୧୯୯ ରନ କରିଥିଲେ । ଜବାବରେ ପାଇକତିଗିରିଆ ଦଳ ୮ ୱିକେଟ ହରାଇ ୧୩୩ ରନରେ ସୀମିତ ରହିଥିଲେ । ଶ୍ରେଷ୍ଠ ଖେଳାଳି ଭାବେ ସୁଶୀଲ ପ୍ରଧାନ ଅତିଥି ଅବନୀକାନ୍ତ ସାମନ୍ତରାୟଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଦ୍ୱିତୀୟ ମ୍ୟାଚରେ କାଇପଦର ଦଳ ବୈଦେଶ୍ୱର ଦଳକୁ ୮୨ ରନ ରେ ପରାଜିତ କରିଥିଲେ । ପ୍ରଥମେ ବ୍ୟାଟିଂ କରି କାଇପଦର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ୱିକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲେ । ଜବାବରେ ବୈଦେଶ୍ୱର ଦଳ ୧୦ ଓଭର ରେ ସମସ୍ତ ୱିକେଟ ହରାଇ ୬୩ ରନ ରେ ସୀମିତ ରହିଥିଲେ । ଶ୍ରେଷ୍ଠ ଖେଳାଳି ଭାବେ କାଇପଦର ଦଳର କୁଳଦୀପ ପାଇକରାୟ ଙ୍କୁ ଅତିଥି ଦିବ୍ୟସିଂହ ପାତ୍ର, ଭ୍ରମରବର ସାମନ୍ତରାୟ, ପ୍ରତାପ ମହାପାତ୍ର ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଟାଙ୍ଗୀଆପଡା ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଖେଳକୁ ସାନୁଜ ବିଶ୍ୱାଳ, ବି.ବି. ରାଉତରାୟ, ଶୋଭାକର ପାତ୍ର ଏବଂ ବିଶ୍ୱବିହାରୀ ସ୍ୱାଇଁ ପରିଚାଳନା କରିଥିଲେ ।

## ନବବିବାହିତାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ବାଲୁଗାଁ,୧୭ ।୧୧(ସମିସ) : ବାଲୁଗାଁ ଥାନା ଅନ୍ତର୍ଗତ ଆଙ୍କୁଲା ଗ୍ରାମରେ ଜନୈକା ନବ ବିବାହିତାଙ୍କୁ ଅଧିକ ଯୌତୁକ ଅର୍ଥ ଦାବିରେ ଶାଶୂଘର ଲୋକେ ଲୁହାରଡ଼ରେ ମରଣାନ୍ତକ ଆକ୍ରମଣ କରିଛନ୍ତି । ବାଣପୁର ଥାନା ଓଡ଼ଗାଁର ସ୍ୱର୍ଗତ ଲକ୍ଷ୍ମଣ ସମନ୍ତରାୟଙ୍କ ଝିଅ ମଧୁସ୍ମିତା ଗତ ଜୁନରେ ଆଙ୍କୁଲା ଗ୍ରାମର କ୍ଷେତ୍ରବାସୀ ଜେନାଙ୍କ ପୁଅ ମନୋଜକୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ଅଧିକ ୫ ଲକ୍ଷ ଟଙ୍କା ବାପ ଘରୁ ଆଣିବା ପାଇଁ ଶାଶୂଘର ଲୋକେ ବାଧ କରିବାରୁ ମଧୁସ୍ମିତା ଅସମର୍ଥ ପ୍ରକାଶ କରିବା ଫଳରେ ଆରମ୍ଭ ହୋଇଥିଲା ଅକଥନୀୟ ଶାରୀରିକ ଓ ମାନସିକ ନିର୍ଯାତନା । ଗତ ଅକ୍ଟୋବର ୧୨ରେ ଭଦ୍ର ବ୍ୟକ୍ତିଙ୍କୁ ଡାକି ବୈଠକ ବସି ସମାଧାନ ହୋଇଥିଲା । ଏପରି ସ୍ଥଳେ ଗତ ୧୫ ତାରିଖରେ ସ୍ୱାମୀଙ୍କ ପରକୀୟା ପ୍ରୀତି ଥିବା ଜାଣିପାରି ମଧୁସ୍ମିତା ଏହାକୁ ବିରୋଧ କରିବାରୁ ସ୍ୱାମୀ ମନୋଜ ଏବଂ ଶାଶୂଘର ଲୋକେ ମିଳିତ ଭାବେ ତାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରି ଲୁହାରଡରେ ମାଡ଼ ମାରିଥିଲେ । ଖବର ପାଇ ବାଲୁଗାଁ ପୁଲିସ ପହଞ୍ଚି ମଧୁସ୍ମିତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ପରବର୍ତ୍ତୀ ସମୟରେ ମଧୁସ୍ମିତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇ ଥିଲା । ଏ ସଂକ୍ରାନ୍ତରେ ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ବାଲୁଗାଁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୁକ୍ତମାନେ ଫେରାର ଅଛନ୍ତି, ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବାଲୁଗାଁ ଥାନା ତଦନ୍ତକାରୀ ଅଫିସର ସୌମ୍ୟରଞ୍ଜନ ପାଣିଗ୍ରାହୀ କହିଛନ୍ତି ।

# କଥାବସ୍ତୁ ଚୟନରେ ପଦ୍ମଜ ପାଳ ଜଣେ ଧୁରୀଣ କଥାକାର

### ଓଡ଼ିଶା ସାହିତ୍ୟ ଏକାଡେମୀର ପଦ୍ମଜ ସାମ୍ରାଜ୍ୟ ଆଲୋଚନାଚକ୍ର

ଖୋର୍ଦ୍ଧା,୧୭।୧୧(ସମିସ)




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟର ପ୍ରଖ୍ୟାତ କଥାଶିଳ୍ପୀ ଡ଼କ୍ଟର ପଦ୍ମଜ ପାଳଙ୍କ ସାମଗ୍ରିକ ସାହିତ୍ୟ କୃତିକୁ ନେଇ "ପଦ୍ମଜ ସାମ୍ରାଜ୍ୟ' ଶୀର୍ଷକ ଆଲୋଚନାଚକ୍ର ଜୟୀ ରାଜଗୁରୁ ଟାଉନହଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଡ. ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ ଡ. ପଦ୍ମଜ ପାଳ ଉଦ୍‌ଘାଟନ କରିଥିଲେ । ସମ୍ପାଦକ ଡ଼କ୍ଟର ଧୀରେନ୍ଦ୍ର ନନ୍ଦ ଓଡ଼ିଶାର ଅନନ୍ୟ କଥାକାର ପଦ୍ମଜ ପାଳଙ୍କ କଥା ସାମ୍ରାଜ୍ୟର ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ରର ପ୍ରାସଙ୍ଗିକତା ଉପସ୍ଥାପନା କରିଥିଲେ ।

କଥାକାର ଅରୁଣ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ "ପଦ୍ମଜ ସାମ୍ରାଜ୍ୟ" ଆଲୋଚନଚକ୍ରର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଗାଳ୍ପିକ ଅଜୟ ସ୍ୱାଇଁ ପଦ୍ମଜ ପାଳଙ୍କ ଗଳ୍ପ ଓ ଉପନ୍ୟାସ ଦେଶର ଅନ୍ୟ ଭାଷାରେ ପ୍ରକାଶିତ କରିବା ପାଇଁ ଅନୁବାଦକ ମାନଙ୍କୁ ଆହ୍ୱାନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଶିଷ୍ଟ କଥାକାର ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରକାଶକ ବନୋଜ ତ୍ରିପାଠୀ, ଗାଳ୍ପିକ ଆଭାସ କୁମାର ବରାଳ ପ୍ରମୁଖ ଯୋଗଦେଇ ପଦ୍ମଜ ପାଳଙ୍କ ଲେଖା ସମ୍ପର୍କରେ ଆଲୋଚନା କରିଥିଲେ ।

ଗାଳ୍ପିକ ପରେଶ ପଟ୍ଟନାୟକ, ସାହିତ୍ୟିକା ଶ୍ୱେତପଦ୍ମାସିନୀ ମହାନ୍ତି, ସମୀକ୍ଷକ ହିମାଂଶୁ ପରିଡା, ଚଳଚିତ୍ର ସଂଳାପ ଲେଖକ ଡ଼କ୍ଟର ରଜନୀ ରଞ୍ଜନ, କଥାକାର ତପନ ମହାପାତ୍ର ଓ ଔପନ୍ୟାସିକ ଅଜୟ ମହାପାତ୍ର ଯୋଗଦେଇ ପଦ୍ମଜ ପାଳଙ୍କ ଗଳ୍ପ, ଉପନ୍ୟାସ ଓ କାବ୍ୟୋପନ୍ୟାସର ଅନାଲୋଚିତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟା ଡ଼କ୍ଟର ସସ୍ମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଏବଂ ଶେଷ ପର୍ଯ୍ୟାୟରେ ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ ଓ ଡ. ବୃନ୍ଦାବନ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଜୟଶ୍ରୀ ପଟ୍ଟନାୟକ ଓ ସୌଦାମିନୀ ବେହେରା ସଂଯୋଜନା କରିଥିଲେ । ଖୋର୍ଦ୍ଧା ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ବଂଶୀଧର ଦାସ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପସଭାପତି ଲକ୍ଷ୍ମୀଧର ବଡ଼ଜେନା, ଉପଦେଷ୍ଟା ବିଧାନ ଚନ୍ଦ୍ର ମହାନ୍ତି ଏବଂ ବୈକୁଣ୍ଠନାଥ ରାଜଗୁରୁ, ସତ୍ୟାନନ୍ଦ ବେହେରା, ଅଭିଜିତ ଡାକୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଖୋର୍ଦ୍ଧା,୧୭।୧୧(ସମିସ): ଶିକ୍ଷାଞ୍ଚଳ ପରିସରରେ ଥିବା ଜେଆରଜି ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଚାରିଦିନ ଧରି ଚାଲିଥିବା ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି । ଟ୍ରଷ୍ଟର ଚେୟାରମ୍ୟାନ ବିନୀତ ମୋହନ ଗୁପ୍ତା ଉଦଘାଟନ କରିଥିଲେ । ଏଥିରେ ୮ଟି ମାଧ୍ୟମିକ ବିଦ୍ୟାଳୟ ଓ ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ କ୍ରିକେଟ ଏବଂ ଖୋ ଖୋ ଖେଳ ପ୍ରଦର୍ଶନ କରିଥିଲେ । ଉଦଯାପନୀ ଉତ୍ସବରେ ଜେଆରଜି ଏଜୁକେସନାଲ ଟ୍ରଷ୍ଟ ପରିଚାଳନା କମିଟି ସଭ୍ୟ ତଥା କ୍ରିପ୍ଟନ + ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ରେବେକା ଭଟ୍ଟାଚାର୍ଯ୍ୟ, ରାଇଟ କଲେଜର ଅଧକ୍ଷ ସୁବାସ ରଞ୍ଜନ କବାଟ ଓ ଜେଆରଜି ଫାର୍ମାସି କଲେଜର ଅଧକ୍ଷ ଆଶିଷ ଦେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଖେଳରେ ସିନିୟର କ୍ରିକେଟ ଟିମର ଶ୍ରୀ ଜଗନ୍ନାଥ କଲେଜ୍ କାଇପଦର ବିଜେତା ଓ ପିଏନ ଅଟୋନୋମସ କଲେଜ ଖୋର୍ଦ୍ଧା ଉପବିଜେତା, ଜୁନିୟର କ୍ରିକେଟ ଟିମର ସରସ୍ୱତୀ ଶିଶୁ ମନ୍ଦିର ବିଶିଆପଡା ବିଜେତା ଓ ସ୍ୱପ୍ନେଶ୍ୱର୍ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ କୁମ୍ଭିଲୋ ଉପବିଜେତା ହୋଇଥିଲେ । ସେହିପରି ଖୋ ଖୋ ପ୍ରତିଯୋଗିତାରେ ସିନିୟର୍ ଟିମର ଏନ.ଡି.ଆରସି ରେତଙ୍ଗ କଲୋନୀ ବିଜେତା ଓ କାଇପଦର୍ କଲେଜ ଉପବିଜେତା, ଜୁନିୟର ଏନ.ଡି.ଆରସି ରେତଙ୍ଗ କଲୋନୀ ଟିମ୍ ବିଜେତା ଏବଂ ବିଶିଆପଡା ସରସ୍ୱତୀ ଶିଶୁ ମନ୍ଦିର ଉପ ବିଜେତା ହୋଇ ସିଲକପ ଓ ଟ୍ରଫି ଗ୍ରହଣ କରିଥିଲେ । ଖେଳକୁ କ୍ରୀଡା ଶିକ୍ଷକ ବିଭୂତି ଭୂଷଣ ଶତପଥିଙ୍କ ନେତୃତ୍ୱରେ ଅମ୍ପାୟର ସୌମ୍ୟ ରଞ୍ଜନ ସାହୁ ଓ ଗୌରବ ନାୟକ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିମଳ ରଞ୍ଜନ ପଟ୍ଟନାୟକ, ନୀଳକଣ୍ଠ ଦାସ ଓ ନଳିନୀକାନ୍ତ ପଣ୍ଡା ସହଯୋଗ କରିଥିଲେ ।




ସକାଳ THE SAKALA
www.sakalaepaper.com





ମଦିନା ଦୁର୍ଘଟଣାରେ ୪୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ସାମିଲ ଥିଲେ । ହାଇଦରାବାଦର ବିମାନ ବନ୍ଦରରେ ନଭେମ୍ବର ୯ ରେ ମକ୍କା ଯିବା ପୂର୍ବରୁ ଏହି ପରିବାରର ସଦସ୍ୟଙ୍କୁ ନିକଟ ସମ୍ପର୍କୀୟ ବିଦାୟ ଦେଉଛନ୍ତି । ଦୁର୍ଘଟଣାସ୍ଥଳୀର ଦୃଶ୍ୟ (ବାମ) ।

## ଡ୍ରଗ୍ସ ବୋଟ୍ ଉପରେ ଆକ୍ରମଣ; ୩ ମୃତ, ୭୫ ଦିନରେ ୮୩

ୱାସିଂଟନ, ୧୭ ।୧୧(ଏଜେନ୍ସି): ଆମେରିକା ଶନିବାର ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି । ଏଥିରେ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏ ନେଇ ରବିବାର ଆମେରିକା ସେନା ତରଫରୁ ସୂଚନା ଦିଆଯାଇଛି । ଗତ ସେପ୍ଟେମ୍ବର ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଆମେରିକା ସେନା ଡ୍ରଗ୍ସ ନୌକା ଉପରେ ୨୧ତମ ଆକ୍ରମଣ କରିଛି । ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୮୩ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି । ଆମେରିକାରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ଯୋଗାଣକୁ ବନ୍ଦ କରିବା ପାଇଁ ନିହାତି ଜରୁରୀ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି । ଏହାକୁ ମଧ୍ୟ ନ୍ୟାୟ ବିଭାଗ ଉଚିତ୍ ପଦକ୍ଷେପ ବୋଲି ଦର୍ଶାଇଛି । ତେଣୁ ଏହି ଆକ୍ରମଣରେ ସାମିଲଥିବା ଆମେରିକା ସୈନିକଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି । ଆମେରିକା ସେନା ଏହି ଆକ୍ରମଣର ଭିଡିଓ ମଧ୍ୟ ଜାରି କରିଛି । ଟ୍ରମ୍ପ କହିଛନ୍ତି ଯେ, ମୋ ନିର୍ଦ୍ଦେଶରେ ଆମେରିକା ସେନା ଡ୍ରଗ୍ସ ଚୋରାଚାଲାଣ କରୁଥିବା ନାର୍କୋ ଟେରରିଷ୍ଟ ଉପରେ ଆକ୍ରମଣ କରିଛି । ଏମାନେ ଭେନେଜୁଏଲାରୁ ଆମେରିକାକୁ ନିଶାଦ୍ରବ୍ୟ ନେଇ ଯାଉଥିଲେ । ପୂର୍ବରୁ ଗତ ନଭେମ୍ବର ୧୦ରେ ଆମେରିକା ପୂର୍ବ ପ୍ରଶାନ୍ତ ମହାସାଗରରେ ଦୁଇଟି ସନ୍ଦିଗ୍ଧ ନୌକା ଉପରେ ସମାନ କାରଣ ପାଇଁ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ ।

ନକଲି ପାନ୍‌କାର୍ଡ ମାମଲରେ ରାମପୁର କୋର୍ଟଙ୍କ ରାୟ

## ଆଜମ ଖାନ, ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ

ରାମପୁର, ୧୭ ।୧୧(ଏଜେନ୍ସି): ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ପୁଣିଥରେ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ସୋମବାର ରାମପୁରର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୁହିଁଙ୍କୁ ନକଲି ପାନ୍‌କାର୍ଡ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡ ଶୁଣାଇଛନ୍ତି । ଉଭୟଙ୍କ ଉପରେ ୫୦ ହଜାର ଟଙ୍କାର



ଜରିମାନା ଧାର୍ଯ୍ୟ କରାଯାଇଛି । କୋର୍ଟ ରାୟ ଦେବା ପରେ ପୁଲିସ ଦୁଇଜଣଙ୍କୁ କୋର୍ଟ ରୁମ୍‌ରୁ ନିଜ ହେପାଜତକୁ ନେବା ସହ ପୁଣି ଜେଲ୍‌କୁ ପଠାଇଛି । ଦୁଇମାସ ତଳେ ସେପ୍ଟେମ୍ବର ୨୩ରେ ଆଜମ ସୀତାପୁର ଜେଲ୍‌ରୁ ଛାଡ଼ପାଇ ବାହାରକୁ ଆସିଥିଲେ । ଅବଦୁଲ୍ଲା ହରଦୋଇ ଜେଲ୍‌ରୁ ୯ ମାସ ତଳେ ଛାଡ଼ ପାଇଥିଲେ । ଏବେ ଦୁଇଜଣ ଜେଲକୁ ଫେରିଛନ୍ତି । ୨୦୧୯ରେ ଏହି ନକଲି ପାନ୍ କାର୍ଡ ମାମଲା ଦାଏର କରାଯାଇଥିଲା । ବିଜେପି ନେତା ଆକାଶ ସାକସେନା ସିଭିଲ ଲାଇନ୍ସ ଥାନାରେ ଏହି ମାମଲା ରୁଜୁ କରିଥିଲେ । ଆଜମ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ଦୁଇଟି ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ସହ ଦୁଇଟି ପାନ୍ କାର୍ଡ ବେଆଇନ ଭାବେ ଉପଲବ୍ଧ କରାଇବାରେ ସହାୟତା ପ୍ରଦାନ କରିଥିଲେ । ନିର୍ବାଚନ ଲଢ଼ିବା ପାଇଁ ଏହି ବେଆଇନ କାର୍ଯ୍ୟ ହୋଇଥିଲା ବୋଲି ରାମପୁର କୋର୍ଟ ହୃଦୟଙ୍ଗମ କରିବା ପରେ ଏହି ରାୟ ପ୍ରଦାନ କରିଛନ୍ତି ।

## କଙ୍ଗୋ ଖଣିରେ ଦୁର୍ଘଟଣା; ୮୦ ମୃତ

କିନ୍‌ଶାସା, ୧୭ ।୧୧(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ଖଣିରେ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଶନିବାର ଏକ ଖଣି ଧସିବା ଫଳରେ ୮୦ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଅବଶେଷ ତଳେ ଦବି ରହିଥିବା ଆଶଙ୍କା କରାଯାଉଛି । ଏହି ଦୁର୍ଘଟଣା ଲଆଲାବା ପ୍ରଦେଶର ମୁଲୋଣ୍ଡୋର କାଲାଣ୍ଡୋ ଖଣିରେ ଘଟିଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ଏହି ଖଣିକୁ ଯିବା ପାଇଁ ବାରଣ କରାଯାଇଥିଲା । ଏହା ସତ୍ତ୍ୱେ ବେଆଇନ ଖଣି ଖନନ କରୁଥିବା ଲୋକେ ଜବରଦସ୍ତି ସେଠାକୁ ଯାଇଥିଲେ । ଖଣିରେ ମାଇନିଂ କରୁଥିବା ଲୋକେ ସୈନିକଙ୍କ ଫାୟାରିଂରେ ଆତଙ୍କିତ ହୋଇ ଖଣିର ଉପରେ ଥିବା ପୋଲ ଉପରକୁ ଦୌଡ଼ିଥିଲେ । ଫଳରେ ପୋଲ ଭୁଶୁଡି ପଡ଼ିଥିଲା । ଘଟଣାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି । ଅଚାନକ ଏକ ଖଣିର ଏକ ଅଂଶ ଧସିବା ଫଳରେ ବହୁ ଲୋକ ଦବି ଯାଇଥିଲେ । ବହୁ ଲୋକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପରସ୍ପର ଉପରେ ଚଢ଼ି ଯାଇଥିଲେ । ଫଳରେ ବହୁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା ବୋଲି କୁହାଯାଇଛି ।

# ଡ୍ରୋନ୍, ରକେଟ ଆକ୍ରମଣ ପାଇଁ ଯୋଜନା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣ ମାମଲାର ଯାଞ୍ଚ କରୁଥିବା ଏନ୍‌ଆଇଏ ହାତରେ ବିସ୍ଫୋରକ ତଥ୍ୟ ଲାଗିଛି । ଏହି ଘଟଣାରେ ଜଡ଼ିତ ଆତଙ୍କବାଦୀମାନେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଭୟଙ୍କର ଆକ୍ରମଣ କରିବାକୁ ଯୋଜନା କରିଥିଲେ । ଏଥିପାଇଁ ସେମାନେ ଡ୍ରୋନ୍ ଓ ରକେଟ ପ୍ରସ୍ତୁତ କରୁଥିଲେ । ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହମାସ ଯେପରି ଡ୍ରୋନ ଓ ରକେଟ ଜରିଆରେ ଆକ୍ରମଣ କରିଥିଲା, ଠିକ୍ ସେହି ଢଙ୍ଗରେ ଦିଲ୍ଲୀରେ ଆକ୍ରମଣ ପାଇଁ ବଡ଼ ଧରଣର ଯୋଜନା ଚାଲିଥିଲା । ଡ୍ରୋନରେ ଶକ୍ତିଶାଳୀ ବିସ୍ଫୋରକ ଖଞ୍ଜି ଏହାକୁ ଦିଲ୍ଲୀର ସବୁଠାରୁ ଗହଳି ଥିବା ଅଞ୍ଚଳ ଉପରେ ବିସ୍ଫୋରଣ କରାଯାଇ ଥାଆନ୍ତା । ଶ୍ରୀନଗରରୁ ଗିରଫ ହୋଇଥିବା ଆତ୍ମଘାତୀ ଡ. ଉମରର ସହଯୋଗୀ ଠାରୁ ଏଭଳି ତଥ୍ୟ ମିଳିଛି । ଏହି ଷଡ଼ଯନ୍ତ୍ର ।।ରେ ସେ, ଉମର ଏବଂ ଦାନିଶ ସାମିଲ ଥିବା ସ୍ୱୀକାର କରିଛି ।

ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ 'ଜୈସ-ଇ-ମହମ୍ମଦ' ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲା । ସେମା ।।ନେ ଡିସେମ୍ବର ୬ରେ ବାବରୀ ମସଜିଦ୍ ଧ୍ୱଂସର ପ୍ରତିଶୋଧ ନେବା ପାଇଁ ବ୍ୟାପକ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲେ । ଏହି ଯୋଜନାକୁ 'ଅପରେସନ ଡି-୬' ନାମ ଦିଆଯାଇଥିଲା । ଆତଙ୍କବାଦୀମାନେ ସହରର ଭିନ୍ ଭିନ୍ନ ସ୍ଥାନରେ ବିସ୍ଫୋରଣ କରାଇବାକୁ ଚାହୁଁଥିଲେ । ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣ ପ୍ଲାନ୍-ବି ଅର୍ଥାତ ଦ୍ୱିତୀୟସ୍ତରର ଯୋଜନା ଥିଲା ବୋଲି କୁହାଯାଇଛି । ଆକ୍ରମଣ ଉଦ୍ୟମକୁ ପଣ୍ଡ କରାଯିବା ଫଳରେ ଲାଲ୍‌କିଲ୍ଲା ବିସ୍ଫୋରଣକୁ କର୍ଯ୍ୟକାରୀ କରାଯାଇଥିଲା । ମହିଳା ଡାକ୍ତର ଶାହିନ ସହିଦ ଓ ଲାଲକିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମର ଏହି ଷଡ଼ଯନ୍ତ୍ରର ମୁଖ୍ୟ ନାୟକ ଓ ନାୟିକା ଥିଲେ ବୋଲି କୁହାଯାଉଛି । ଶାହିନକୁ ଭାରତରେ ଜୈସର ମହିଳା ଶାଖା ସ୍ଥାପନା ଓ ନେତୃତ୍ୱର ଦାୟିତ୍ୱ ଦିଆଯାଇଥିଲା । ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ସହିତ

- **ଆତଙ୍କବାଦୀଙ୍କ ଟାର୍ଗେଟରେ ଥିଲା ଦିଲ୍ଲୀ**
- **ଶ୍ରୀନଗରରୁ ଆଉ ଜଣେ ସନ୍ଦିଗ୍ଧ ଗିରଫ**
- **ଦିଲ୍ଲୀ ବିସ୍ଫୋରଣରେ ଆଉ ୨ ମୃତ**

ଜଡିତ ଥିବା ମୁଜମ୍ମିଲ ଅହମ୍ମଦ ଗନି ଗିରଫ ହେବା ପରେ ଡାକ୍ତର ଶାହିନଙ୍କୁ ଗିରଫ କାରାଯାଇଥିଲା । ଉମର ବ୍ୟାପକ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଏକାଧିକ ଯୁବକଙ୍କୁ ପ୍ରସ୍ତୁତ କରିବାକୁ ଯୋଜନା କରୁଥିଲା ଓ ସକ୍ରିୟ ଭାବେ ସେମାନଙ୍କ ବ୍ରେନ୍‌ୱାସ କରୁଥିଲା । ଲାଲ୍‌କିଲ୍ଲା ବିସ୍ଫୋରଣରେ ଜୋତା ବୋମା ବ୍ୟବହାର କରାଯାଇଥିବା ଆଶଙ୍କା କରାଯାଉଛି । ବିସ୍ଫୋରଣ ହୋଇଥିବା କାର୍‌ରୁ ଏକ ଜୋତା ମିଳିଛି । ଏଥିରେ ଆମୋନିୟମ ନାଇଟ୍ରେଟ୍ ଓ ଟ୍ରାଇଆସେଟୋନ ଟ୍ରାଇପେରକ୍ସାଇଡ୍ (ଟିଏଟିପି)ର ଚିହ୍ନ ମିଳିଛି । ଏା ହେଉଛି ସବୁଠାରୁ ବିପଜ୍ଜନକ ବିସ୍ଫୋରକ ।

ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଉମରର ଆଉ ଜଣେ ସହଯୋଗୀକୁ ଗିରଫ କରାଯାଇଛି । ସୋମବାର ଏନ୍‌ଆଇଏ ଜସିର ବିଲାଲ ବାଣୀ ଉରଫ୍ ଦାନିଶକୁ ଜମ୍ମୁ- କଶ୍ମୀର ଶ୍ରୀନଗରରୁ ଗିରଫ କରିଛି । ଜସିର ଉମରକୁ ବୈଷୟିକ



ସହଯୋଗ ପ୍ରଦାନ କରୁଥିଲା । ଇତିମଧ୍ୟରେ ଦିଲ୍ଲୀ ବିସ୍ଫୋରଣରେ ଆଜି ଆଉ ଦୁଇ ଜଣ ପ୍ରାଣ ହରାଇଥିବାରୁ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଗୁରୁତର ଆହତ ଲୁକମାନ (୫୦) ଓ ବିନୟ ପାଠକ (୫୦) ଆଜି ଆଖି ବୁଜିଛନ୍ତି । ଗତକାଲି ବିଲାଲ ନାମକ ଆଉ ଜଣେ ଗୁରୁତର ବ୍ୟକ୍ତି ଚିକିତ୍ସାଧୀନ ଅବସରରେ ମୃତ୍ୟୁବରଣ କରିଥିଲେ ।

## 'ଅପରେସନ ସିନ୍ଦୂର ୮୮ ଘଣ୍ଟାର ଟ୍ରେଲର ଥିଲା'

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ୮୮ ଘଣ୍ଟାର ଏକ ଟ୍ରେଲର ମାତ୍ର ଥିଲା । ଯଦି ପାକିସ୍ତାନ ପୁଣି କୌଣସି ଆତଙ୍କବାଦୀ ଆକ୍ରମଣ କରିବ, ତାହା ହେଲେ ଏହାର କଡ଼ା ଜବାବ ଦିଆଯିବ । ଭାରତୀୟ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ପାକିସ୍ତାନକୁ ଏଭଳି ଚେତାବନୀ ଶୁଣାଇଛନ୍ତି । ସେ କହିଛନ୍ତି ।।ଯେ ଏକ ଦାୟିତ୍ୱ ସମ୍ପନ୍ନ ଦେଶ କିପରି ପଡୋଶୀ ଦେଶ ପ୍ରତି ଆଚରଣ ପ୍ରଦର୍ଶନ କରେ ତାହା ଦେଖାଇବାକୁ ଆମେ ପଛକୁ ହଟିବୁ ନାହିଁ ।

ଦିଲ୍ଲୀରେ ଆଜି ଆୟୋଜିତ ଚାଣକ୍ୟ ଡିଫେନ୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ।।ସେ କହିଛନ୍ତି ।।ଯେ ଭାରତ ସବୁବେଳେ ପ୍ରଗତି ଓ ଉନ୍ନତିର କଥା କହିଥାଏ । ଖାସ୍ ଏଥିପାଇଁ ଯେଉଁ ଲୋକ ଆତଙ୍କବାଦ କଥା କହୁଛନ୍ତି ଓ ଏହାର ପ୍ରଚାର ପ୍ରସାର କରୁଛନ୍ତି ସେମାନଙ୍କୁ ରୋକିବା ପାଇଁ କଡ଼ା କର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ । ଭାରତୀୟ ସେନା ଭବିଷ୍ୟତକୁ ମାଟି ସହିତ ସାମିଲ କରି ଦେଖିଥାଏ । ଆମେ ୫ଟି ପିଢ଼ିର ୱାରଫେୟାରରେ ଲଢ଼ିଆସିଛୁ ଓ ସେନା ସେହି ଅନୁସାରେ ନିଜର ପରିବର୍ତ୍ତନ କରିଆସିଛି । ପ୍ରଥମେ ଯୁଦ୍ଧର ନିଷ୍ପତ୍ତି ନେବା ପାଇଁ ବହୁ ଦିନ ଲାଗୁଥିଲା । କିନ୍ତୁ ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି । ଯଦି ଯୁଦ୍ଧ ୪୮ ଘଣ୍ଟା ମଧ୍ୟରେ ଲଢ଼ିବାକୁ ହୁଏ, ତେବେ ଦେଶର ସବୁ ସାମର୍ଥ୍ୟ ଓ ଶକ୍ତି



- **ପୁଣି ସୁଯୋଗ ଦେଲେ ପାକିସ୍ତାନକୁ କଡ଼ା ଜବାବ ଦିଆଯିବ**
- **ଆତଙ୍କ ସୃଷ୍ଟି କରୁଥିବା ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଜରୁରୀ**

ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି । କୌଣସି ଭୁଲ କଲେ, ଭାରତ ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ସେ କହିଲେ ଯେ ଏବେ ଭାରତର ପ୍ରତିରକ୍ଷା କ୍ଷମତା ବହୁତ ମଜବୁତ ହୋଇପାରିଛି । ଫଳରେ ପ୍ରତିପକ୍ଷ ତଥା ଶତ୍ରୁଦେଶ ଏବେ ଆମର ଆଭିମୁଖ୍ୟକୁ ଗମ୍ଭୀରତା ସହ ବିଚାର କରୁଛନ୍ତି । ଭାରତର ନୀତି ସଦାବେଳେ ସ୍ପଷ୍ଟ ରହିଛି । ପାଣି ଓ ରକ୍ତ ଏକା ସଙ୍ଗେ ପ୍ରବାହିତ ହେବ ନାହିଁ । ଆତଙ୍କବାଦ ଓ ଆଲୋଚନା ଏକାସାଥିରେ ହୋଇପାରିବ ନାହିଁ । କୂଟନୀତିରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଛନ୍ତି । ସେ ଆହୁରି କହିଲେ ଯେ ଭାରତ ଓ ଚୀନ୍ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ପରିବର୍ତ୍ତନ ହୋଇଛି । ଏବେ ଲୋକେ ଜମ୍ମୁ-କାଶ୍ମୀର ଯିବାକୁ ଚାହୁଁଛନ୍ତି । ସେନା ଏବେ ଦ୍ରୁତ ପରିବର୍ତ୍ତନ ଓ ଉନ୍ନତି ଦିଗରେ କାର୍ଯ୍ୟକରୁଛି । ଆଧୁନିକ ଯୁଦ୍ଧର ରୂପରେଖ ଏବେ ବଦଳୁଛି । ଏବେ ଯୁଦ୍ଧ କେବଳ ଆକାଶ, ମାଟି ଓ ସମୁଦ୍ରରେ ସୀମିତ ହୋଇ ରହିନାହିଁ । ଏହା ଏବେ ସାଇବର, ସ୍ପେସ, ଇନଫର୍ମେସନ ୱାରିୟର, ଇଲେକଟ୍ରୋମାଗ୍ନେଟିକ୍ସ ସ୍ପେକ୍ଟ୍ରମ, କଗ୍ନିଟିଭ ୱାରଫେୟାର ସହିତ ଜଡିତ ହେଲାଣି । ତେଣୁ ଏବେ ଦୁଇଟି ସୀମା ଓ ଆଭ୍ୟନ୍ତରଣ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେଉଛି । ପ୍ରତିରକ୍ଷା ବଜେଟରେ ବୃଦ୍ଧି ଜରୁରୀ ହୋଇଥିବା ବେଳେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ସେନାଧ୍ୟକ୍ଷ ଜେନେରାଲ ଦ୍ୱିବେଦୀ ସ୍ପଷ୍ଟ କରିଛନ୍ତି ।

## ଏସ୍‌ଆଇଆର୍ ଚାପ: ରାଜସ୍ଥାନ, କେରଳରେ ୨ ବିଏଲ୍‌ଓଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ରାଜସ୍ଥାନ ଓ କେରଳରେ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ସାମିଲ ଥିବା ଦୁଇଜଣ ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଆତ୍ମହତ୍ୟା କରିଛନ୍ତି । କାମ କରିବାର ଚାପକୁ ନିୟନ୍ତ୍ରଣ କରିନପାରି ଦୁହେଁ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ସେମାନଙ୍କ ପରିବାର ସଦସ୍ୟ କହିଛନ୍ତି । କେରଳର କନ୍ନୁର ଜିଲ୍ଲାର ଜଣେ ସରକାରୀ ସ୍କୁଲର କର୍ମଚାରୀ ୪୪ ବର୍ଷୀୟ ଅନିଶ ଜର୍ଜ ରବିବାର ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ନିର୍ବାଚନ ପାଇଁ ତାଙ୍କୁ ବିଏଲ୍‌ଓ ଭାବେ ନିଯୁକ୍ତି ଦିଆଯାଇଥିଲା । ସେହିପରି ରାଜସ୍ଥାନର ଜୟପୁରର ୪୮ ବର୍ଷୀୟ ମୁକେଶ କୁମାର ଜାଙ୍ଗିଡ୍ ଏସ୍‌ଆଇଆର ପ୍ରକ୍ରିୟାରେ କାର୍ଯ୍ୟର ଚାପ ପାଇଁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ମୁକେଶ କଲୱାଡାର ଧରମପୁରାରେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ । ତାଙ୍କ ପକେଟରୁ ଏକ ସୁସାଇଡ୍ ନୋଟ୍ ମିଳିଛି । ଉପରସ୍ତରର ଅଧିକାରୀମାନେ ତାଙ୍କୁ ହଇରାଣ ଓ ଅପମାନିତ କରିବା ସହ ସସ୍‌ପେଣ୍ଡ କରିବାକୁ ଧମକ ଦେଇଥିଲେ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି । ସେପଟେ କୋଲକାତାରେ ମଧ୍ୟ ଜଣେ





ବିଏଲ୍‌ଓ ଅସୁସ୍ଥତା କରାଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଏସ୍‌ଆଇଆର କାର୍ଯ୍ୟ କରିବା ପାଇଁ ତାଙ୍କ ଉପରେ ବହୁତ ଚାପ ଥିଲା ବୋଲି ତାଙ୍କ ପତ୍ନୀ କହିଛନ୍ତି ।

## ତେଜସ୍ୱୀ ବିରୋଧୀ ଦଳ ନେତା ନିର୍ବାଚିତ

ପାଟଣା, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ସୋମବାର ରାଷ୍ଟ୍ରୀୟ ଜନତା ଦଳର (ଆରଜେଡି)ର ପ୍ରଥମ ସମୀକ୍ଷା ବୈଠକ ବସିଥିଲା । ଏଥିରେ ତେଜସ୍ୱୀ ଯାଦବଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି । ଏହି ବୈଠକରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡୀ ଦେବୀ, ଆରଜେଡି ସାଂସଦ ମିସା ଭାରତୀ, ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଜଗଦାନନ୍ଦ ସିଂ, ବାହୁବଳୀ ସୁରଜ ଭାନ ସିଂଙ୍କ ସମେତ ଆରଜେଡିର ଏକାଧିକ ବରିଷ୍ଠ ନେତା ଉପସ୍ଥିତ ଥିଲେ । ମାତ୍ର ୨ଟି ଆସନ ଅନ୍ତର କାରଣରୁ ତେଜସ୍ୱୀଙ୍କ ବିରୋଧୀ ଦଳ ନେତା ପଦ ସୁରକ୍ଷିତ ହୋଇଛି । ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ମୁଖ୍ୟ ବରୋଧୀ ଦଳର ମାନ୍ୟତା ପାଇବା ପାଇଁ ଯେକୌଣସି ପାର୍ଟିକୁ ୧୦ ପ୍ରତିଶତ ଅର୍ଥାତ ୨୪ଟି ଆସନରେ ବିଜୟୀ ହେବା ଜରୁରୀ ।

## ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ରକୁ ଦାୟୀ କଲେ ମେହବୁବା

ଶ୍ରୀନଗର, ୧୭ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ପ୍ରମୁଖ ରାଜନୈତିକ ଦଳ ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି । କଶ୍ମୀର ପ୍ରସଙ୍ଗ ଏବେ ଦିଲ୍ଲୀ ଲାଲ୍‌କିଲ୍ଲାରେ ପ୍ରତିଧ୍ୱନିତ ହୋଇଛି । ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷା ଓ ଜମ୍ମୁ-କଶ୍ମୀର ବ୍ୟାପାରରେ କେନ୍ଦ୍ର ସରକାରଙ୍କ ବିଫଳ ନୀତି କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି । କଶ୍ମୀରେ ସବୁକିଛି ଠିକ୍ ଅଛି ବୋଲି କେନ୍ଦ୍ର ସରକାର ସାରା ବିଶ୍ୱକୁ ଅବଗତ କରାଉଛନ୍ତି । କିନ୍ତୁ କଶ୍ମୀର ସମସ୍ୟା ଏବେ ଲାଲ୍‌କିଲ୍ଲାରେ ମଧ୍ୟ ପହଞ୍ଚିଛି । ଜମ୍ମୁ-କଶ୍ମୀର ସୁରକ୍ଷା ବଢ଼ାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଭୁଲ ନୀତି କାରଣରୁ ଦେଶର ରାଜଧାନୀ ଦିଲ୍ଲୀ ଏବେ ଅସୁରକ୍ଷିତ ହୋଇପଡ଼ିଛି । ଯଦି ଜଣେ ଶିକ୍ଷିତ ବ୍ୟକ୍ତି ନିଜ ଦେହରେ ଆରଡିଏକ୍ସ ବାନ୍ଧି ନିଜକୁ ଓ ଅନ୍ୟକୁ ହତ୍ୟା କରୁଛି, ତାହାଲେ ଦେଶ ଆଦୌ ସୁରକ୍ଷିତ ନାହିଁ । କେନ୍ଦ୍ର ସରକାରଙ୍କ କଶ୍ମୀର ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହେବା ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି ।

# ବିହାରରେ ମନ୍ତ୍ରିପଦ ପାଇଁ କସରତ

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ନୂଆ ସରକାର ଗଠନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍‌ଙ୍କୁ ଭେଟି ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିଛନ୍ତି । ଆଜି ନୀତୀଶଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ ବୈଠକ ହୋଇଥିଲା । ବୈଠକରେ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଆସନ୍ତାକାଲି ବିଜେପି ଓ ଜେଡିୟୁର ମିଳିତ ବିଧାୟକ ଦଳ ବୈଠକ ଡକାଯାଇଛି । ଏଥିରେ ଏନ୍‌ଡିଏର ବିଧାୟକ ଦଳର ନେତା ନିର୍ବାଚିତ କରାଯିବ । ଏହାପରେ ଯାଇ ନୂଆ ସରକାର ଗଠନ କରିବା ଲାଗି ଦାବି ଉପସ୍ଥାପନ କରାଯିବ । ନଭେମ୍ବର ୨୦ରେ ପାଟନା ଗାନ୍ଧୀ ମଇଦାନରେ ନୀତୀଶ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିବେ । ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଇତିମଧ୍ୟରେ ମନ୍ତ୍ରୀ ତାଲିକାକୁ ନେଇ କସରତ ଆରମ୍ଭ ହୋଇଛି । କେଉଁ ଦଳରୁ କେତେ ଜଣ ମନ୍ତ୍ରୀ ହେବେ ତାହାକୁ ନେଇ ବୁଝାମଣା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି । ନୂଆ କ୍ୟାବିନେଟ୍‌ରେ ୩୬ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯିବ ବୋଲି

**ବିଜେପିରୁ ୧୬, ଜେଡିୟୁରୁ ୧୫ ଜଣ ହୋଇପାନ୍ତି ମନ୍ତ୍ରୀ**

କେନ୍ଦ୍ରମନ୍ତ୍ରୀ ଜିତେନ ରାମ ମାଞ୍ଜି କହିଛନ୍ତି । ନବଗଠିତ ମନ୍ତ୍ରିମଣ୍ଡଳରେ ବିଜେପିର ୧୬, ଜେଡିୟୁର ୧୫, ଚିରାଗ ପାଶୱାଙ୍କ ଏଲ୍‌ଜେପି (ଆର୍), ଏଚ୍‌ଏଏମ୍ ଓ ଆରଏଲ୍‌ଏସ୍‌ପିର ଜଣେ ଲେଖାଏ ମନ୍ତ୍ରୀ ସାମିଲ ହେବେ । ତେବେ ୧୯ଟି ଆସନ ଜିତିଥିବା ଚିରାଗ ପାଶ୍ୱାନଙ୍କ ଏଲଜେପି ନୂଆ ସରକାରରେ ଆଉ ଗୋଟିଏ ମନ୍ତ୍ରୀ ପଦ ପାଇଁ ଦାବି କରିଛି । ଏପରିକି ଏହି ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ମଧ୍ୟ ପାଶ୍ୱାନ ଦାବି କରିଥିବା ଜଣାପଡ଼ିଛି ।



ଜେଡିୟୁ ଏହାର ମନ୍ତ୍ରୀ ତାଲିକାରେ ଅଦଳବଦଳ କରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ବିଜେପି ଏହାର ପୁରୁଣା ମନ୍ତ୍ରୀଙ୍କୁ ବଜାୟ ରଖିବାର ସମ୍ଭାବନା ରହିଛି । ତଥାପି କିଛି ପରିବର୍ତ୍ତନ ହୋଇପାରେ । ତେଣୁ ନୂଆ ସରକାରରେ ମନ୍ତ୍ରୀ ପଦ ପାଇବା ଲାଗି ଅନେକ ଆଶାୟୀ ଲବି କରିବା ଆରମ୍ଭ କରିଦେଇଛନ୍ତି ।

ସୂଚନାଯୋଗ୍ୟ, ନଭେମ୍ବର ୨୨ରେ ରାଜ୍ୟ ବିଧାନସଭାର କର୍ଯ୍ୟକାଳ ଶେଷ ହେବ । ନିର୍ବାଚନ କମିସନ ଇତିମଧ୍ୟରେ ବିଧାନସଭା ନିର୍ବାଚନ ।।ରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ରାଜଭବନକୁ ପ୍ରଦାନ କରିଛନ୍ତି । ନିର୍ବାଚନରେ ୨୪୩ ଆସନରୁ ଏନ୍‌ଡିଏ ମେଣ୍ଟ ୨୦୨ଟିରେ ବିଜୟୀ ହୋଇଛି । ଏଥିରେ ବିଜେପି ୮୯, ଜେଡିୟୁ ୮୫, ଏଲ୍‌ଜେପି ୧୯, ଏଚ୍‌ଏଏମ୍‌ର ୫, ଆରଏଲ୍‌ଏମ୍‌ର ୪ ଆସନରେ ବିଜୟୀ ହୋଇଛନ୍ତି ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୫୦ • ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ • ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୧୪,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୬୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୯୫୦.୦୦
- ନିଫ୍ଟି ୨୬,୦୧୩. ୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ସଙ୍କଟରେ ଭାରତର ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା

# ପ୍ରତି ୬ ଜଣରେ ଜଣେ ମଧୁମେହରେ ପୀଡିତ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି)

ବର୍ତ୍ତମାନର ବ୍ୟସ୍ତ ବହୁଳ ଜୀବନରେ ଆପଣ କ'ଣ କ୍ଲାନ୍ତ ଅନୁଭବ କରୁଛନ୍ତି? ଚାପ ଆପଣଙ୍କ ଜୀବନର ଏକ ଅଂଶ ପାଲଟିଛି କି ? ଯଦି ହଁ, ତେବେ ଆପଣ ଏକା ନୁହଁନ୍ତି। ସଙ୍କଟରେ ଏବେ ଭାରତର

- ଆଇସିଆଇସିଆଇ ଲୋମ୍ବାର୍ଡ ରିପୋର୍ଟ
- କ୍ରମାଗତ ଭାବରେ ଚାପ ଓ ଥକାପଣର ଶିକାର

ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା। ଦେଶର ପ୍ରମୁଖ ବୀମା କମ୍ପାନୀ ଆଇସିଆଇସିଆଇ ଲୋମ୍ବାର୍ଡ ସମ୍ପ୍ରତି ଏକ ଆଶ୍ଚର୍ଯ୍ୟଜନକ ପରିସଂଖ୍ୟାନ ସହିତ ଏକ ରିପୋର୍ଟ ପ୍ରକାଶ କରିଛି। ବିଶ୍ୱ ମଧୁମେହ ଦିବସ ଅବସରରେ ପ୍ରକାଶିତ ଏହି ରିପୋର୍ଟ କେବଳ ଭାରତୀୟଙ୍କ ଅବନତିଶୀଳ ସ୍ୱାସ୍ଥ୍ୟ ବିଷୟରେ ଅନ୍ଧକାର ସତ୍ୟ ପ୍ରକାଶ କରେ ନାହିଁ, ବରଂ ଏହା ମଧ ପ୍ରକାଶ କରେ ଯେ ଭାରତରେ ପ୍ରତି ୬ଜଣରେ ଜଣେ ବର୍ତ୍ତମାନ ମଧୁମେହ ରୋଗରେ ପୀଡିତ। ଆଇସିଆଇସିଆଇ ଲୋମ୍ବାର୍ଡର ଇଣ୍ଡିଆ ୱେଲନେସ୍ ଇଣ୍ଡେକ୍ସ ୨୦୨୫ ଅନୁଯାୟୀ, ଚାପ, ଗଣ୍ଠି ଯନ୍ତ୍ରଣା ଏବଂ ଉଚ୍ଚ ରକ୍ତଚାପ ପରେ ମଧୁମେହ ଦେଶର ଶ୍ରେଷ୍ଠ ୫ଟି ରୋଗ ମଧ୍ୟରୁ ଗୋଟିଏ ହୋଇଗଲାଣି।



ଏହି ରିପୋର୍ଟ ଦେଶର ୧୯ଟି ପ୍ରମୁଖ ସହରର ୨୦୦୦ ଲୋକଙ୍କ ଉପରେ କରାଯାଇଥିବା ଏକ ସର୍ଭେ ଉପରେ ଆଧାରିତ। ଏଥିରେ ସବୁଠାରୁ ଚିନ୍ତାଜନକ କଥା ହେଉଛି ଏହି ରୋଗ ଆଉ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ନୁହେଁ। ମିଲେନିୟାଲ୍ସ ଏବଂ କର୍ପୋରେଟ୍ କର୍ମଚାରୀଙ୍କ ମଧ୍ୟରେ ମଧ ଏହାର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାର ମୁଖ୍ୟ କାରଣ ହେଉଛି ଆମେ ସମସ୍ତେ ସମ୍ମୁଖୀନ ହେଉଥିବା ସମାନ - ଖରାପ ଖାଦ୍ୟ, ଶାରୀରିକ ନିଷ୍କ୍ରିୟତା ଏବଂ ଅତ୍ୟଧିକ ଚାପ। ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ହୃଦରୋଗ କିମ୍ବା ମଧୁମେହ ଥିବା ଲୋକଙ୍କର ସାଧାରଣ ଜନସଂଖ୍ୟା (୭୯) ତୁଳନାରେ ଯଥେଷ୍ଟ କମ୍ ସୁସ୍ଥତା ସ୍କୋର (୭୦) ଥାଏ। ପ୍ରାୟତଃ ଏହା ଅନୁମାନ କରାଯାଏ ଯେ ଯୁବପିଢ଼ିର ଅର୍ଥ ପ୍ରଚୁର ଶକ୍ତି, କିନ୍ତୁ ଏହି ରିପୋର୍ଟ ଏକ ଭିନ୍ନ କାହାଣୀ କୁହେ। ଭାରତର ଯୁବପିଢ଼ି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଏହି ପିଢ଼ି ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରତ୍ୟେକ କ୍ଷେତ୍ରରେ ପଛରେ ପଡ଼ିଛି। ଟାୟାର-୧ ସହରରେ ରହୁଥିବା ଯୁବପିଢ଼ି ବିଶେଷ ଭାବରେ ଦୁର୍ବଳ। ଅନ୍ୟପକ୍ଷରେ, କର୍ପୋରେଟ୍ ଜଗତରେ ପରିସ୍ଥିତି ଆହୁରି ଭୟଙ୍କର। ସର୍ଭେରେ ସାମିଲ ହୋଇଥିବା ପ୍ରତି ତିନି ଜଣଙ୍କ ମଧ୍ୟରୁ ଜଣେ ସ୍ୱୀକାର କରିଛନ୍ତି ଯେ ସେମାନେ ଦୈନନ୍ଦିନ ଚାପ ଅନୁଭବ କରୁଛନ୍ତି, ଯେତେବେଳେ ୪୧% ଲୋକ ନିରନ୍ତର କ୍ଲାନ୍ତ ଅନୁଭବ କରୁଛନ୍ତି। ଅଫିସ୍ କର୍ମଚାରୀଙ୍କ ଶାରୀରିକ ସ୍ୱାସ୍ଥ୍ୟ ସାଧାରଣ ଲୋକଙ୍କ ତୁଳନାରେ ବହୁତ ଖରାପ। କାର୍ଯ୍ୟ-ଜୀବନ ସନ୍ତୁଳନର ଅଭାବ, କ୍ୱଜନ ଏବଂ ପରିବାରକୁ ସମୟ ଦେଇ ନ ପାରିବା ପାଇଁ ଦୋଷୀ ପ୍ରାୟ ଦୁଇ-ତୃତୀୟାଂଶ କର୍ମଚାରୀଙ୍କୁ ଗ୍ରାସ କରୁଛି। ତଥାପି, ଭଲ ଖବର ହେଉଛି ଯେ ଜେନେରେସନ୍ ଏକ୍ସ ଏବଂ ମହିଳାମାନେ ସେମାନଙ୍କ ସ୍ୱାସ୍ଥ୍ୟ, ଆର୍ଥିକ ବୁଝାମଣା ଏବଂ କର୍ମକ୍ଷେତ୍ର ସନ୍ତୁଳନରେ ଉନ୍ନତି ଦେଖାଇଛନ୍ତି।

# ଅରୁନ୍ଧତୀ ଜୁଏଲର୍ସର 'ବିବାହ ମହୋତ୍ସବ' ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ



ଭୁବନେଶ୍ୱର,୧୭।୧୧(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ଚଳିତ ବିବାହ ଋତୁ ପାଇଁ ଗ୍ରାହକଙ୍କ ପସନ୍ଦକୁ ଆଖି ଆଗରେ ରଖି ଗତକାଲି ଅରୁନ୍ଧତୀ ଜୁଏଲର୍ସ ପୁରୀ ଶାଖାଠାରେ ବିବାହ ମହୋତ୍ସବର ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ କରିଛି। ବିବାହ ଅବସର ପାଇଁ ବିଶେଷ ଭାବରେ ପ୍ରସ୍ତୁତ, ପାରମ୍ପରିକ ସୁନା ଗହଣାର କମ୍ ଓଜନ ଯୁକ୍ତି ସର୍ବୋତମ ଡିଜାଇନ୍ ଓ କଲେକ୍‌ସନ ପ୍ରସ୍ତୁତ କରାଯାଇଛି। ଏହି ବିବାହ ଋତୁକୁ ଆଖିଆଗରେ ରଖି ଅରୁନ୍ଧତୀ ଜୁଏଲର୍ସ ତରଫରୁ ବଜାରର ସର୍ବଶ୍ରେଷ୍ଠ ଅଫର ଘୋଷଣା କରିଛି, ଯେଉଁଥିରେ ୫୦ଗ୍ରାମ ରୁ ଉର୍ଦ୍ଧ ସୁନା ଗହଣା କ୍ରୟଉପରେ ଫ୍ଲାଟ ୫୦%ରିଆତି, ୨୫ ରୁ ୫୦ ଗ୍ରାମ୍ ଭିତରେ ଯେତିକି ଗ୍ରାମ୍ ସୁନା ଗହଣା କ୍ରୟ କରିବେ ସେତିକି ପ୍ରତିଶତ ଗଢ଼ାମଜୁରି ରେ ରିହାତି ସହ ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦,୦୦୦ ଟଙ୍କାର ମହାବଚତ ରିଆତି ପାଇପାରିବେ ଏବଂ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ମଧ ପାଇପାରିବେ। ସୁନା ଗହଣା ପରି ରୁପଗହଣା ରେ ମଧ ସମାନ ପ୍ରକାରର ଅଫର ରହିଛି। ଏହି ଅଫର ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ।

# କୋମାକି ଇଲେକ୍ଟ୍ରିକ୍‌ର ଏମ୍‌ଏକ୍ସ-୧୬ ପ୍ରୋ ବଜାରରେ



ନୂଆଦିଲ୍ଲୀ, ୧୭।୧୧(ସମିସ): କୋମାକି ଇଲେକ୍ଟ୍ରିକ୍ ଆଜି ନିଜର ନୂଆ କ୍ରୁଜର୍ ଇଲେକ୍ଟ୍ରିକ୍ ବାଇକ୍ ଏମ୍‌ଏକ୍ସ୧୬ ପ୍ରୋର ବଜାର ପ୍ରବେଶ କରାଇଛି। ଶକ୍ତିଶାଳୀ ମେଟାଲ୍ ବୋଡି, ଆଧୁନିକ ଇଭି ଟେକ୍ନୋଲୋଜି ଓ ପ୍ରିମିୟମ୍ ଡିଜାଇନ୍ ସହିତ ଏହି ବାଇକ୍ ୧,୬୯,୯୯୯ ଟଙ୍କାର ଆରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହା ଡୁଆଲ୍ ଟୋନ୍‌ଓ ଓ ଜେଟ୍ ବ୍ଲାକ୍ ଏହି ଦୁଇଟି ରଙ୍ଗରେ ଉପଲବ୍ଧ, ଯାହା ଏହାର କ୍ରୁଜର୍ ଆକର୍ଷଣକୁ ଆଉ ବଢ଼ାଇଦେଇଛି। ଅଧା ମୂଲ୍ୟରେ ବେଶି ପରଫର୍ମାନ୍ସରେ କୌଣସି ସମଝୋତା କରାଯାଇନି। ଗୋଟିଏ ଥର ଚାର୍ଜରେ ୧୬୦–୨୨୦ କି.ମି.ର ରେଞ୍ଜ ଏବଂ ୨୦୦ କି.ମି. ଚାଲିବାର ଖର୍ଚ୍ଚ ମାତ୍ର ୧୫–୨୦ ଟଙ୍କା। ପେଟ୍ରୋଲ୍ ବାଇକ୍ ତୁଳନାରେ ୫ ଗୁଣା ଶସ୍ତା। ଏହାର ସର୍ବାଧିକ ଗତି: ୮୦ କି.ମି./ଘଣ୍ଟା ସୁରକ୍ଷା ଓ ସୁବିଧାର ସଠିକ୍ ସମନ୍ୱୟ।

# ବେଦାନ୍ତ ଝାରସୁଗୁଡା- ଏମ୍‌ସିଏଲ୍ ସହଭାଗିତା



ଭୁବନେଶ୍ୱର,୧୭।୧୧(ସମିସ): ବେଦାନ୍ତ ଆଲୁମିନିୟମ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ସହଯୋଗରେ ଲଖନପୁର ରେଳ ସାଇଡିଂରେ ଆୟୋଜିତ ଏକ ଗଣ ସୁରକ୍ଷା ସଚେତନତା ପଦକ୍ଷେପ, ସୁରକ୍ଷା ସମ୍ପର୍କ ମାଧ୍ୟମରେ ସୁରକ୍ଷା ଏବଂ ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଅଟଳ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଏହି ଶିଳ୍ପ-ପ୍ରଥମ ଅଭିଯାନ ଲଜିଷ୍ଟିକ୍ସ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ରେଳ ସାଇଡିଂ ଇକୋସିଷ୍ଟମକୁ ବେଦାନ୍ତର ସୁରକ୍ଷା ହସ୍ତକ୍ଷେପର ପରିସରକୁ ବିସ୍ତାର କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଚିହ୍ନିତ କରିଥିଲା। କମ୍ପାନୀର ପୂର୍ବ ସୁରକ୍ଷା ସାରଥି ପ୍ରୟାସର ପରିସରକୁ ବିସ୍ତାର କରି ଯାହା ସମଲେଶ୍ୱରୀ,ଗର୍ଜନବାହାଲ ଏବଂ ଲଖନପୁର ଖଣିରେ ବ୍ୟାପକ ସଡ଼କ ସୁରକ୍ଷା ସଚେତନତା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅଭିଜ୍ଞତାମୂଳକ ଶିକ୍ଷା ଏବଂ ମାନବିକ ସମ୍ପର୍କ ମାଧ୍ୟମରେ ରେଳ ସାଇଡିଂ ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା-ସଚେତନ ଅଭ୍ୟାସ ଏବଂ ଆଚରଣଗତ ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି।

## ବିଦ୍ୟୁତ୍ ଚୋରି ଯୋଗୁଁ ପ୍ରଭାବିତ ହେଉଛନ୍ତି ସଚ୍ଚୋଟ ଉପଭୋକ୍ତା

# କଠୋର ହେଲା ଏନଫୋର୍ସମେଣ୍ଟ ଟିମ୍

ଭୁବନେଶ୍ୱର,୧୭।୧୧(ସମିସ): ଅବୈଧ ହୁକିଂ, ମିଟର୍ ଟ୍ୟାମ୍ପରିଂ ଓ ଅନଧିକୃତ ବିଦ୍ୟୁତ ବ୍ୟବହାର ଆଦି ବିଭିନ୍ନ ଉପାୟରେ ବିଦ୍ୟୁତ୍ ଚୋରି ବହୁ ଅଞ୍ଚଳରେ ବଣ୍ଟନ କ୍ଷେତ୍ରରେ କ୍ଷତିର ଏକ ପ୍ରମୁଖ କାରଣ। ଏହି କ୍ଷତି ବିଦ୍ୟୁତ୍ କ୍ଷେତ୍ର ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ସହିତ ପରୋକ୍ଷ ଭାବରେ ସଚ୍ଚୋଟ ଭାବେ ବିଲ୍ ଦେଉଥିବା ଉପଭୋକ୍ତାମାନଙ୍କୁ ପ୍ରଭାବିତ କରେ। ଏଥିପାଇଁ ସେମାନଙ୍କୁ ଅଧିକ ସିଷ୍ଟମ୍ ଖର୍ଚ୍ଚ ଦେବାକୁ ପଡୁଥିବାବେଳେ ଉନ୍ନତ ସେବା ପାଇବାରେ ବିଳମ୍ବ ମଧ ହୋଇଥାଏ। ଯେତେବେଳେ କେହି ଅବୈଧ ଭାବେ ବିଦ୍ୟୁତ ବ୍ୟବହାର କରନ୍ତି, ଏଭଳି କ୍ଷେତ୍ରରେ ଠିକ ସମୟରେ ବିଲ୍ ପେମେଣ୍ଟ କରୁଥିବା ପରିବାର ଓ ବ୍ୟବସାୟିକ ସଂସ୍ଥାକୁ ସେମାନଙ୍କର ଅନଧିକୃତ ବ୍ୟବହାରର ଭାର ବୋହିବାକୁ ପଡିଥାଏ । ଅବୈଧ ଓ ଅସୁରକ୍ଷିତ ଭାବରେ ବିଦ୍ୟୁତ ନେବା ଦ୍ୱାରା ଫିଡର୍ ଏବଂ ବଣ୍ଟନ ଟ୍ରାନ୍ସଫର୍ମର ଭାରାକ୍ରାନ୍ତ ହୋଇଥାଏ ଯାହାଦ୍ୱାରା ଭୋଲଟେଜରେ ପରିବର୍ତ୍ତନ,ବାରମ୍ବାର ଟ୍ରିପ୍ ଓ ଦୀର୍ଘ ସମୟ ଧରି ବିଦ୍ୟୁତ ବିଭ୍ରାଟ ଦେଖାଯାଇଥାଏ ଓ ଏହା ଯୋଗୁଁ ଅନେକ ଉପଭୋକ୍ତା ହଇରାଣ ହୋଇଥାନ୍ତି।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E.Mail-rw_rourkela@yahoo.co.in
No.1471-O
TENDER CALL NOTICE
BID IDENTIFICATION NO. ONLINE-EERKL-19 of 2025-26

1. Name of the Work :- Road Works.
2. Total No. of works :- 05 (Five) Nos.
3. Estimated cost :- Rs.5.59 Lakhs to 9.32 Lakhs.
4. Class of contractor :- "D" & "C" Class
5. Period of completion :- 01 (One) Calendar months.
6. Type of Tender :- Single Cover
7. Other details :-

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-19 of 2025-26 | 18.11.2025 from 10.00 A.M. | 26.11.2025 upto 5.00 P.M. |

Further details can be seen from the website www.tendersodisha.gov.in.
Sd/- Executive Engineer
RW Division-II, Sundargarh
OIPR



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
E-514
CONTRACTUAL APPOINTMENT (WALK-IN-INTERVIEW)
Advt. No : 6156 /DPMU Dt: 14.11.2025

Interested candidates may attend the **Walk-in-interview** for the post of Medical Officers at different SNCU, UHWCs & UPHCs, Puri on contractual basis as per the NHM norms.

| Sl No | Name of the Post | Vacancy | Mode of Interview |
|---|---|---|---|
| 01 | MO, MBBS | 08 | 29 .11.2025, 11.00AM (Walk In) |

The application format and details are available in the website https://puri.odisha.gov.in. The application should reach by Walk-In-interview to the undersigned.
-sd-
OIPR Chief District Medical & Public Health Officer, Puri



ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAB-GM-0015-2025- 20959 / R&DM, Dated. 11 JUN 2025

**XII-13:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା–ଛଣମେରି, ଥାନା– ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୦.୫୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା–୩୪୮୮୪, ତାରିଖ : ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ
୬. ଜମିର ବିବରଣୀ

ଜମିର ବିଶଦ ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଛଣମେରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୪୫ | ଏ. ୦.୫୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ–ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

**ଛଣମେରି ଗ୍ରାମର ଜମିର ବିବରଣୀ**

ମୌଜା - ଛଣମେରି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୭୩ | ୧୪୯୮ | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ଛଣମେରି ଗ୍ରାମବାସୀ ତରଫେ ଟ୍ରଷ୍ଟି | ୧.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୨୪୦ | |
| | ୧୫୨୮ | | ୦.୨୬୦ | | ୦.୦୩୦ | |
| | ୧୫୩୧ | | ୦.୫୮୦ | | ୦.୦୧୫ | |
| | ୧୫୩୭ | | ୦.୨୪୫ | | ୦.୦୫୦ | |
| | ୧୫୨୬ | | ୦.୧୩୫ | | ୦.୦୯୦ | |
| | ୧୫୨୭ | | ୦.୧୨୫ | | ୦.୮୫ | |
| | | | | | ମୋଟ - ୦.୫୧୦ ଏକର | |

Sd/-
Spl. L.A. Cum-R & R.O. (M.I.P),
Mahendragada, (Gajapati)


## ଟ୍ରମ୍ପଙ୍କ ଚାପରେ ଭାରତ

# ୧୦% ଗ୍ୟାସ୍ ଆମେରିକାଠାରୁ କିଣିବ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଶୁଳ୍କ ବିବାଦ ମଧ୍ୟରେ, ଭାରତ ଏବଂ ଆମେରିକା ସେମାନଙ୍କର ପ୍ରଥମ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ଭାରତ ଆମେରିକାରୁ ପ୍ରାୟ ୨.୨ ନିୟୁତ ଟନ୍ ଏଲ୍‌ପିଜି କ୍ରୟ କରିବ। ଏହା ଭାରତର ବାର୍ଷିକ ଆବଶ୍ୟକତାର ୧୦%। ଏହି ଚୁକ୍ତି କେବଳ ଗୋଟିଏ ବର୍ଷ ପାଇଁ, ଅର୍ଥାତ୍ ୨୦୨୬ ପାଇଁ। ଏହି ଚୁକ୍ତି ଭାରତର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଇଣ୍ଡିଆନ ଅଏଲ୍ କର୍ପୋରେସନ), ଭାରତ ପେଟ୍ରୋଲିୟମ୍ କର୍ପୋରେସନ, ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ,- ଆମେରିକାର ଶକ୍ତି ଯୋଗାଣକାରୀ ଚେଭ୍‌ରନ୍, ଫିଲିପ୍ସ ୬୬ ଏବଂ ଏନର୍ଜିଜ୍ ଟ୍ରେଡିଂ ସହିତ ସ୍ୱାକ୍ଷରିତ ହୋଇଛି।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଏଲ୍‌ପିଜି ଗ୍ରାହକ। ବର୍ତ୍ତମାନ, ଭାରତ ଏହାର ଏଲ୍‌ପିଜି ଆବଶ୍ୟକତାର ୫୦% ରୁ ଅଧିକ ଆମଦାନୀ କରେ, ଏଥିରୁ ଅଧିକାଂଶ ଯୋଗାଣ ପଶ୍ଚିମ ଏସୀୟ ବଜାରରୁ ଆସୁଛି। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ଚୁକ୍ତିକୁ ଐତିହାସିକ ବୋଲି କହିଛନ୍ତି। ସେ କହିଛନ୍ତି, ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଏଲପିଜି ବଜାର ମଧ୍ୟରୁ ଗୋଟିଏ ଏବେ ଆମେରିକା ଯୋଗାଣ ପାଇଁ ଖୋଲା। ଭାରତର ଲୋକଙ୍କୁ ନିରାପଦ ଏବଂ ସୁଲଭ ଏଲପିଜି ଯୋଗାଇବା ପାଇଁ ଆମର ପ୍ରୟାସରେ, ଆମେ ଆମର ସୋର୍ସିଂକୁ ବିବିଧ କରୁଛୁ। ଏହି ଚୁକ୍ତି ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ – ୨୦୨୫' ଉଦ୍‌ଘାଟିତ



ନୂଆଦିଲ୍ଲୀ,୧୭।୧୧: ବର୍ତ୍ତମାନର ସମୟ ଏକବିଂଶ ଶତାବ୍ଦୀର ସମୟ । ଏହି ସମୟରେ ଆମ ଦେଶ ଭାରତ ବିକାଶ ଦିଗରେ ଅଗ୍ରସର ହେଉଥିବା ବେଳେ ଆମକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସୁଯୋଗର ସମ୍ପୂର୍ଣ୍ଣ ଲାଭ ନେବାକୁ ହେବ ବୋଲି ସୋମବାର ନୂଆଦିଲ୍ଲୀରେ ଆୟୋଜିତ 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ୍ - ୨୦୨୫'କୁ ଉଦ୍‌ଘାଟନ କରିବା ସହ ଏକାଧିକ ଏଆଇ ପଦକ୍ଷେପର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଇନଟେଲ ଦ୍ୱାରା ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ସେ କହିଥିଲେ ଏହି ପଦକ୍ଷେପ ଗୁଡ଼ିକ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ଆମ ଛାତ୍ରଛାତ୍ରୀଙ୍କ କଳ୍ପନା ଓ ନବସୃଜନକୁ ଆହୁରି ଅଧିକ ଗତି ଦେବ। ଭାରତବର୍ଷ ଏଆଇ ପ୍ରଦାନ କରୁଥିବା ସୁଯୋଗଗୁଡ଼ିକୁ ହାତଛଡ଼ା ନକରି ତାହାକୁ ଆପଣେଇ ନେଉଛି। ଭାରତର ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତାର ମିଳିତ ଶକ୍ତି ଏକ ବିକଶିତ ଭାରତ ଗଠନ କରିବ।

# ରାଷ୍ଟ୍ରପତିଙ୍କୁ ଷୋଡ଼ଶ ଅର୍ଥ ଆୟୋଗଙ୍କ ରିପୋର୍ଟ ପ୍ରଦାନ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଭାରତୀୟ ସମ୍ବିଧାନର ଧାରା ୨୮୦ ର ଧାରା (୧) ଅନୁଯାୟୀ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଥିଲା। ଡକ୍ଟର ଅରବିନ୍ଦ ପାନଗାରିଆଙ୍କ ଅଧ୍ୟକ୍ଷତାରେ କମିଶନ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ଆୟୋଗଙ୍କ ଏହି ରିପୋର୍ଟ ୨୦୨୬-୩୧ ଆର୍ଥିକବର୍ଷ ନିମନ୍ତେ ଉଦ୍ଦିଷ୍ଟ। ଏହି ଅବସରରେ ଆୟୋଗର ସଦସ୍ୟ ଆନି ଜର୍ଜ ମାଥ୍ୟୁ, ଡକ୍ଟର ମନୋଜ ପଣ୍ଡା, ଟି. ରବି ଶଙ୍କର ଏବଂ ଡକ୍ଟର ସୌମ୍ୟକାନ୍ତି ଘୋଷ ଏବଂ ଆୟୋଗଙ୍କ ସଚିବ ଋତ୍ୱିକ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆୟୋଗ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ରିପୋର୍ଟର ଏକ ନକଲ ପ୍ରଦାନ କରିଛନ୍ତି। ସନ୍ଦର୍ଭର ସର୍ତ୍ତାବଳୀ (ଟିଓଆର୍) ଅନୁଯାୟୀ, ଆୟୋଗ ୨୦୨୬ ଏପ୍ରିଲ୍ ପହିଲାରୁ ଆରମ୍ଭ କରି ୫ ବର୍ଷ ପାଇଁ ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଟିକସର ନିଟ୍ ଆୟ ବଣ୍ଟନ, ରାଜ୍ୟମାନଙ୍କ ମଧ୍ୟରେ ଏପରି ପ୍ରାପ୍ତିର ସମ୍ପୃକ୍ତ ଅଂଶର ଆବଣ୍ଟନ ପାଇଁ ଆର୍ଥିକ ବ୍ୟବସ୍ଥାର ସମୀକ୍ଷା ଉପରେ ସୁପାରିଶ କରାଯାଇଥିଲା।


GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Barpali Irrigation Division, Barpali
E-mail Id - ee.barpali.canal@gmail.com
No.875-A
'e' Procurement Notice No-07/2025-26
BID IDENTIFICATION NO-BID 07(01 to 04) / 2025-26 (ON-LINE) DATED 10.11.2025

1. Type of the work : Improvement to canal structures & Approach Road.
2. No of works : 04 (Four) Nos.
3. Class of contractor : "D" & "C"
4. Bid identification No. : BID 07 (01 to 04)/2025-26
5. Estimate cost : 8.97 Lakhs to 16.91 Lakhs
6. Period of completion : As per DTCN.
7. Date and time of availability of bid documents in the portal Dt.13.11.2025 at 11.00 A.M. to Dt.20.11.2025 upto 5.00 P.M.
8. Last date/ time for receipt of bids in the portal Dt.20.11.2025 upto 5.00 P.M.
9. Date of opening of Bid Dt.21.11.2025 at 11.00 A.M.
10. Date of Lottery Dt.27.11.2025 at 11.00 A.M.

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website-http://tenderodisha.gov.in.

Sd/- Superintending Engineer
Barpali Irrigation Division, Barpali
OIPR

# ଗୌହାଟୀ ଯିବେ ନାହିଁ ଗିଲ୍

କୋଲକାତା, ୧୭।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ଅନୁଭୂତ ହୋଇଥିଲା। ଭାରତର ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିବା ପରେ ଗିଲ୍ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବେକ ପଛପଟେ ଯନ୍ତ୍ରଣା ହେବାରୁ ସେ ଏହି ଟେଷ୍ଟରେ ଆଉ ଖେଳି ପାରି ନ ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଆଜି ତାଙ୍କୁ ମେଡିକାଲରୁ ଛାଡି ଦିଆଯାଇଛି। କିନ୍ତୁ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ଆଶଙ୍କା ରହିଛି। ଆସନ୍ତାକାଲି ବା ମଙ୍ଗଳବାର ଭାରତୀୟ ଦଳ ଇଡେନ୍‌ରେ ଅଭ୍ୟାସ କରିବ। ବୁଧବାର ସକାଳେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଗୌହାଟୀ ଯାତ୍ରା କରିବ। କିନ୍ତୁ ବେକରେ ଆଘାତ ଲାଗିଥିବା ବ୍ୟକ୍ତିଙ୍କୁ ବିମାନରେ ଯାତ୍ରା କରିବାର ନିୟମ ନାହିଁ। ଏବେ ସେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିଛନ୍ତି। ଯାହା ଫଳରେ ବୁଧବାର ଦଳ ସହ ସେ ଗୌହାଟୀ ଯାଇ ପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଯଦି ସେ ନ ଖେଳନ୍ତି ତାଙ୍କ ସ୍ଥାନରେ ତେବେ ନୀତୀଶ ରେଡ୍ଡୀ, ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି।



# ରୟାଲ୍‌ସର କୋଚ୍ ପଦକୁ ଫେରିଲେ ସାଙ୍ଗାକରା

ଜୟପୁର, ୧୭।୧୧ (ଏଜେନ୍ସି): ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର୍ କୁମାର ସାଙ୍ଗାକରା ରାଜସ୍ଥାନ ରୟାଲ୍‌ସ ଦଳର ମୁଖ୍ୟ କୋଚ୍ ପଦକୁ ଫେରିଛନ୍ତି। ୪୮ ବର୍ଷୀୟ ସାଙ୍ଗାକରାଙ୍କୁ ପୁନଃନିଯୁକ୍ତି କରାଯାଇଥିବା ନେଇ ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ରାହୁଲ ଦ୍ରାବିଡଙ୍କ ସ୍ଥାନରେ ସାଙ୍ଗାକରା ଆଗାମୀ ଆଇପିଏଲ୍-୧୯ରେ ରୟାଲ୍‌ସର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ। ଆଇପିଏଲ୍‌ର ଗତ ସିଜନରେ ରାଜସ୍ଥାନର ମୁଖ୍ୟ କୋଚ୍ ରହିଥିବା ଦ୍ରାବିଡ ଗତ ଅଗଷ୍ଟରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସାଙ୍ଗାକରା ଏଥିପୂର୍ବରୁ ୨୦୨୨, ୨୦୨୩ ଓ ୨୦୨୪ ଆଇପିଏଲ୍‌ରେ ରାଜସ୍ଥାନର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୨୦୨୫ ଅର୍ଥାତ୍ ଗତ ସିଜନରେ ଦ୍ରାବିଡଙ୍କୁ ଦଳର ଗୁରୁ ଦାୟିତ୍ୱ ମିଳିବା ପରେ ସାଙ୍ଗାକରା ରାଜସ୍ଥାନ ଫ୍ରାଞ୍ଚାଇଜର କ୍ରିକେଟ୍ ନିର୍ଦ୍ଦେଶକ ପଦ ସମ୍ଭାଳିଥିଲେ।

- ଜାତୀୟ ପାରା ସୁଇମିଂର ୨ୟ ଦିନରେ ଚମକ

# ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୬ ପଦକ

ଭୁବନେଶ୍ୱର, ୧୭।୧୧ (ସମିସ): ହାଇଦରାବାଦ୍‌ରେ ଚାଲିଥିବା ୨୫ତମ ଜାତୀୟ ପାରା ସୁଇମିଂରେ ଓଡ଼ିଶାର ସନ୍ତରଣକାରୀଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଉଦ୍‌ଘାଟନୀ ଦିବସରେ ୭ଟି ପଦକ ଜିତିଥିବା ଓଡ଼ିଶା ସୋମବାର ଆଉ ୨୬ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଲିନା ସ୍ୱାଇଁ ୨ଟି ଏବଂ ନରହରି ବେହେରା ଓ ସଙ୍ଗୀତା ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ବିକାଶ ରଞ୍ଜନ ବରାଳ, ପ୍ରଦୀପ୍ତ କୁମାର ସ୍ୱାଇଁ, ଲିନା ସ୍ୱାଇଁ, ଆକାଶ ବାନଛୋର, ଗୋଲାପୀ ସିରକା, ଚୈତନ୍ୟ ମାରାଣ୍ଡି, ଭାନୁମତୀ ବେହେରା ଗୋଟିଏ ଲେଖାଏ ଏବଂ ରଞ୍ଜନ ହାଁସଦା ଓ କବିତା ଦଳାଇ ୨ଟି ଲେଖାଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରାମ ମୁର୍ମୁ, ଅନିତା ମୁଣ୍ଡା, ଭାନୁମତୀ, ସୁଜାତା ସାମଲ, ବିଜୁ ସିଂ, କମଳ ଟୁଡୁ ଓ ଶିବାନନ୍ଦ ବୈଦ୍ୟ କାଂସ୍ୟ ପଦକ ସଫଳତା ପାଇଥିଲେ।

କିଟ୍ ରଣଜୀ ଲଢ଼େଇ

# ଅନିଲଙ୍କ ଶତକ; ଓଡ଼ିଶା ଇନିଂସ ଅଗ୍ରଣୀ

ଭୁବନେଶ୍ୱର, ୧୭।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୨୭୫ ରନ ଜବାବରେ ନାଗାଲାଣ୍ଡ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୧୪ ରନରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା କିନ୍ତୁ ଦ୍ୱିତୀୟ ଇନିଂସ ଆରମ୍ଭରୁ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୬.୫ ଓଭର ଖେଳି ୨ ୱିକେଟ ହରାଇ ୧୬ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ୯ ରନ କରି ଅପରାଜିତ ରହିଛନ୍ତି। ଓପନର୍ ଗୌରବ ଚୌଧୁରୀ ୭ ରନରେ ଆଉଟ୍ ହୋଇଛନ୍ତି। ସେହିଭଳି ଏଠାରେ ପଦାର୍ପଣ କରିଥିବା ୱିକେଟ୍‌କିପର ସାୱନ ପହରିଆ ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶ କରି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ପହରିଆ ମାତ୍ର ୧ ରନ କରିଥିଲେ। ଆଠ ୱିକେଟ ବଳକା ଥାଇ ଓଡ଼ିଶା ଏବେ ମୋଟ୍ ଉପରେ ୧୩୦ ରନରେ ଅଗ୍ରଣୀ ଲାଭ କରିଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ୧୫ ୱିକେଟ୍‌ର ପତନ ହୋଇଛି।


ଅନିଲ ପଣ୍ଡା

## ରାଜେଶ, ସମ୍ବିତ ଓ ଗୋବିନ୍ଦଙ୍କ ବୋଲିଂ ସଫଳତା

ପୂର୍ବ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୩/୭ରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ନିଜର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଯୁବ ବ୍ୟାଟର ଅନିଲ ପରିଡ଼ା ୧୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି ୧୪ ଏବଂ ବାଦଲ ବିଶ୍ୱାଳ ଓ ତାପସ ଦାସ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ଅନିଲଙ୍କ ଏହା ପ୍ରଥମ ପ୍ରଥମଶ୍ରେଣୀ ଶତକ ଥିଲା। ଗତ ସିଜନରେ ସେ ସର୍ଭିସେସ ବିପକ୍ଷ ପଦାର୍ପଣ ମ୍ୟାଚରେ ଅପରାଜିତ ୯୯ ରନ କରିବା ସହ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ନାଗାଲାଣ୍ଡ ପକ୍ଷରୁ ରୋନିତ ମୋରେ, ଅଧିନାୟକ ରଙ୍ଗସେନ ଜୋନାଥନ ଓ ଲମଲିୱତି ଲେମତୁର ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଏହାପରେ ପ୍ରଥମ ପାଳି ଆରମ୍ଭ କରିଥିବା ନାଗାଲାଣ୍ଡ ଓପନିଂ ୱିକେଟରେ ୫୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୬୧ରେ ସୀମିତ ରହିଥିଲା। ଓପନର୍ ଡେଗା ନିଶ୍ଚଳ ସର୍ବାଧିକ ୭୨, ରୋନିତ ୨୫ ଓ ଜୋନାଥନ ୧୬ ରନ କରିଥିଲେ। ଘରୋଇ ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ୱିକେଟ୍ ନେଇ ଦଳକୁ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


### ସଂକ୍ଷିପ୍ତ ସ୍କୋର

**ଓଡ଼ିଶା ପ୍ରଥମ ଇନିଂସ:** ୨୭୫/୧୦, ୧୦୪.୪ ଓଭର।
**ନାଗାଲାଣ୍ଡ ପ୍ରଥମ ଇନିଂସ:** ୧୬୧/୧୦, ୫୭.୩ ଓଭର
**ଓଡ଼ିଶା ଦ୍ୱିତୀୟ ଇନିଂସ:** ୧୬/୨, ୬.୫ ଓଭର (ସ୍ୱସ୍ତିକ- ଅପରାଜିତ- ୯, ଗୌରବ- ୭, ଲେମତୁର- ୧/୪)

- ଏଟିପି ଫାଇନାଲ୍‌ସ

# ଟାଇଟଲ୍ ସହ ୪୪.୯ କୋଟି ଜିତିଲେ ସିନ୍ନର୍

ତୁରିନ, ୧୭।୧୧ (ଏଜେନ୍ସି): ପୁରୁଷ ଟେନିସ ଇତିହାସର ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍‌ସରେ ଏଥର ମଧ୍ୟ ଇଟାଲୀ ତାରକା ଜାନ୍ନିକ ସିନ୍ନର ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସିନ୍ନର ୭-୬ (୪), ୭-୫ ସେଟ୍‌ରେ ଶୀର୍ଷ ମାନ୍ୟତା କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଘରୋଇ ମାଟିରେ ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ରେକର୍ଡ ୫.୦୭୧ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୪ କୋଟି ୯୨ ଲକ୍ଷ) ପୁରସ୍କାର ବାବଦରେ ହାସଲ କରିଛନ୍ତି। ଯାହାକି ପୁରୁଷ ଟେନିସ ଇତିହାସରେ ସର୍ବକାଳୀନ ସର୍ବାଧିକ ପୁରସ୍କାର ରାଶି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ୨.୭ ମିଲିୟନ ଡଲାର (୨୩ କୋଟି ୯୫ ଲକ୍ଷ ଟଙ୍କା) ବିଜୟୀ ହୋଇଛନ୍ତି।




# ଓଡ଼ିଶା ବୋଲର ନିରାଶ; ମହାରାଷ୍ଟ୍ର ୫୨୮

କୁଚ ବିହାର ଟ୍ରଫି

କଟକ,୧୭।୧୧(ସମିସ): ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଉଥିବା କୁଚବିହାର ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ମହାରାଷ୍ଟ୍ର ଦଳ ଦୃଢ଼ ସ୍ଥିତିରେ ରହିଛି। ମହାରାଷ୍ଟ୍ରର ପ୍ରଥମ ପାଳି ୫୨୮ ରନରେ ସୀମିତ ରହିବା ପରେ ସୋମବାର ମ୍ୟାଚର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ୱିକେଟ ହରାଇ ୧୩୪ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକି ରହିଛି। ଅସମାପ୍ତ ପ୍ରଥମ ପାଳି ୨୯୯/୫ରୁ ଆଜି ମହାରାଷ୍ଟ୍ର ବ୍ୟାଟିଂ ଆରମ୍ଭ କରିଥିଲା। ୪୮ ରନରେ ଅପରାଜିତ ଥିବା ଏସ୍ ଜଗତପ ୧୧୭ ରନର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆରକମ୍ ସୟଦଙ୍କ ୬୨ରନ ଏବଂ ଶୁଭମ କଦମଙ୍କ ୪୮ ରନ ଯୋଗୁଁ ମହାରାଷ୍ଟ୍ରର ସ୍କୋର ୫୦୦ ଟପିଥିଲା। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୫ଟି ୱିକେଟ ଦଖଲ କରିଥିଲେ।

## ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର

# ସୁବ୍ରତ-ଆଶୁତୋଷ ଫାଇନାଲ

ଭୁବନେଶ୍ୱର,୧୭।୧୧(ସମିସ): ରାଜ୍ୟର ଦୁଇ ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ବିଲିଆର୍ଡ୍ସ ଟାଇଟଲ ଲାଗି ମୁକାବିଲା ହେବ। ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଚାଲିଥିବା ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ଚିରଞ୍ଜୀବ ସିଂହଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଆଶୁତୋଷ ଓ ସମୀର ଅଲିଙ୍କୁ ୩-୦ରେ ହରାଇ ସୁବ୍ରତ ବିଲିଆର୍ଡ୍‌ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କୁନାଲ ଅଗରୱାଲଙ୍କୁ ୨-୧ରେ ହରାଇ ଆଶୁତୋଷ ସେମିରେ ପ୍ରବେଶ କରିଥିଲେ। ଆସନ୍ତାକାଲି ଫାଇନାଲ୍ ଖେଳାଯିବ।

ଷ୍ଟେଟ-ଏ' ଟ୍ରଫି

# ଆସାମକୁ ହରାଇ ଓଡ଼ିଶାର ଚତୁର୍ଥ ବିଜୟ

କଟକ,୧୭।୧୧(ସମିସ): ଚଳିତ ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ (ଲିଷ୍ଟ-ଏ) ଟ୍ରଫିରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ଆଜି ବରୋଦାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅନ୍ତିମ ୱିକେଟରେ ଆସାମକୁ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ୍‌ରୁ ୪ଟି ବିଜୟ, ଗୋଟିଏ ପରାଜୟ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ୧୯ ତାରିଖରେ ମୁମ୍ବାଇ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୮ ୱିକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ଓପନର ସୌରଭ ଢ଼ିଙ୍ଗିଆ ଅପରାଜିତ ୧୩୪ରନ କରିଥିଲେ। ଓଡ଼ିଶାର ମହମ୍ମଦ ଡାନିସ ଏବଂ ଆୟୁଷ ବାରିକ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ତେବେ ୪୯ ଓଭରରେ ୯ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଜଳ କୁମାର ସିଂହ ୫୪ବଲରୁ ୭୬ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ୬୭ରନ କରିଥିଲେ।




ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by: BHARAT MASALA — The Taste of New India
In Association with: SRI VINAYAKA Concept School, BHUBANESWAR (CBSE-XI & XII)
5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୬୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ | ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS